

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୦ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURDAY 30 DECEMBER 2021

Vol.No. 32 ■ No. 334 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନୂଆବର୍ଷରୁ ୨୫ ଟଙ୍କା ଶସ୍ତା ହେବ ପେଟ୍ରୋଲ-ଡିଜେଲ : ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ

ରାଞ୍ଚି, ୨୯/୧୨ (ନି.ପ୍ର): ନୂଆବର୍ଷରୁ ଶସ୍ତା ହେବ ପେଟ୍ରୋଲ-ଡିଜେଲ। ଟଙ୍କେ କି ଦୁଇ ଟଙ୍କା ନୁହେଁ ପୂରା ୨୫ ଟଙ୍କା ଶସ୍ତାରେ ମିଳିବ ତୈଳ। ଆଜି ଏଭଳି କିଛି ବଡ ଘୋଷଣା କରିଛନ୍ତି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ । ତେବେ ଏହି ଶସ୍ତା ପେଟ୍ରୋଲ ଡିଜେଲର ଲାଭ କେବଳ ବିପିଏଲ୍ କାର୍ଡଧାରୀ ହିଁ ଉଠାଇପାରିବେ। ଆସନ୍ତା ଜାନୁଆରୀ ୨୬ରୁ ଝାଡଖଣ୍ଡରେ ବିପିଏଲ୍ କାର୍ଡଧାରୀଙ୍କୁ ଲିଟର ପିଛା ୨୫ଟଙ୍କା ଶସ୍ତାରେ ପେଟ୍ରୋଲ-ଡିଜେଲ ଯୋଗଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଦୀର୍ଘ ଦିନ ଧରି ଝାଡଖଣ୍ଡରେ ପେଟ୍ରୋଲିଅମ୍ ଡିଲର୍ସ ଆସୋସିଏସନ୍ ? ଲଗାତାର ପେଟ୍ରୋଲ-ଡିଜେଲ ଉପରେ ଭାଟ କମାଇବା ପାଇଁ ଦାବି କରିଆସୁଥିଲେ। ପେଟ୍ରୋଲ ଉପରେ



୫ % ଭ୍ୟାଟ୍ ହ୍ରାସ କରିବାକୁ ସରକାରଙ୍କୁ ଆସୋସିଏସନ ପକ୍ଷରୁ ଦାବି କରାଯାଇଥିଲା। ସେମାନଙ୍କ କହିବା କଥା ହେଲା, ଯଦି ସରକାର ଭ୍ୟାଟ୍ ହାରକୁ ୨୨% ରୁ ୧୭% କୁ ହ୍ରାସ କରନ୍ତି, ତେବେ ଲୋକମାନେ ଏକ ବଡ଼ ଆରାମ ପାଇବେ। ଆସୋସିଏସନ କହିଛି ଯେ ଝାଡଖଣ୍ଡର ପଡୋଶୀ ରାଜ୍ୟ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଓଡ଼ିଶାରେ ଡିଜେଲର ମୂଲ୍ୟ କମ୍ ରହିଛି। ଏଭଳି ପରିସ୍ଥିତିରେ ଝାଡଖଣ୍ଡରୁ ଚାଲୁଥିବା ଯାନଗୁଡିକ ପଡୋଶୀ ରାଜ୍ୟରୁ ଡିଜେଲ ଭରିବାକୁ ଯାଉଛନ୍ତି। ଯେଉଁଥିପାଇଁ ତାଙ୍କୁ କ୍ଷତି ସହିବାକୁ ପଡୁଛି। ଚଳିତ ବର୍ଷ ଆରମ୍ଭରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କ୍ରମାଗତ ବୃଦ୍ଧି ଘଟିଥିଲା। ଏହା ପରେ ଦୀପାବଳି ଅବସରରେ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଏକ୍ସାଇଜ୍ ଡ୍ୟୁଟି ପାଞ୍ଚ ଓ ଦଶ ଟଙ୍କା ହ୍ରାସ କରି ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ। କେନ୍ଦ୍ର ପେଟ୍ରୋଲ ଉପରେ ଏକ୍ସାଇଜ୍ ଡ୍ୟୁଟି ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଉପରେ ଲିଟର ପିଛା ୧୦ଟଙ୍କା ହ୍ରାସ କରିଛି, ଏହା ପରେ ସାରା ଦେଶରେ ତୈଳ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି। ଏଥି ସହିତ କେନ୍ଦ୍ରର ଏହି ନିଷ୍ପତ୍ତି ପରେ ବିଭିନ୍ନ ଏନଡିଏ ଶାସିତ ରାଜ୍ୟ ମଧ୍ୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ ହ୍ରାସ କରିଛନ୍ତି।

## ବ୍ୟାଙ୍କ ଖାତାରୁ ଗାଏବ୍ ହୋଇଗଲା ସାଢେ ୧୨ ଲକ୍ଷ ଟଙ୍କା

ବାଲେଶ୍ୱର,୨୯/୧୨(ନି.ପ୍ର): ରାଜ୍ୟରେ ଗୋଟିଏ ପଟେ ସାଇବର ଥାନା ସଂଖ୍ୟା ବଢୁଛି, ଅନ୍ୟପଟେ ସାଇବର ଠକେଇ । ଗୋଟିଏ ପରେ ଗୋଟିଏ ସାଇବର ଠକେଇର ଘଟଣା ସାମ୍ନାକୁ ଆସିବାରେ ଲାଗିଛି । ଏପରିକି ବ୍ୟାଙ୍କରେ ରଖିଥିବା ଫିକସ ଡିପୋଜିଟ ଓ ଜମା ଖାତାରୁ ୧୨ ଲକ୍ଷ ଟଙ୍କା ଗାଏବ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ନୀଳଗିରିର ଏକ ଦମ୍ପତିଙ୍କ ଦୁଇ ଦିନରେ ଗାଏବ ହୋଇଯାଇଛି ୧୨ ଲକ୍ଷ ଟଙ୍କା । ତେବେ ଏହି ଘଟଣାରେ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି । ସବୁଠୁ ସୁରକ୍ଷିତ ରହିବ ବୋଲି ଆପଣ ହୁଅନ୍ତୁ କି ମୁଁ ହୁଏ ବ୍ୟାଙ୍କରେ ଟଙ୍କା ରଖିଥାଉ । ହେଲେ ବ୍ୟାଙ୍କରୁ ଯଦି



ଟଙ୍କା ଗାଏବ ହୋଇଯିବ, ତାହେଲେ କ'ଣ କହିବେ ? ହେଲେ କେମିତି ଏ ଟଙ୍କା ଗାଏବ ହେଲା, ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି । ନୀଳଗିରି ଅଂଚଳର ଜ୍ୟୋସ୍ନା ଓ ତାଙ୍କ ସ୍ୱାମୀ ସମୀର ପ୍ରଧାନ ବାଲେଶ୍ୱର ଫକୀର ମୋହନ ଗୋଲେଇରେ ଥିବା ଇଣ୍ଡସଇଣ୍ଡ ବ୍ୟାଙ୍କରେ ୫ ଲକ୍ଷ ଲେଖାଏଁ ମୋଟ୍ ୧୦ ଲକ୍ଷ ଟଙ୍କା ଫିକ୍ସଡ୍ ଡିପୋଜିଟ୍ ବା ସ୍ଥାୟୀ ଜମା ରଖିଥିଲେ । ଏହି ଟଙ୍କା ୨୦୨୩ ଅଗଷ୍ଟରେ ମେଚ୍ୟୁରିଟି ହୋଇଥାନ୍ତା । ଏହାସହ ତାଙ୍କ ଜମାଖାତାରେ ୨ ଲକ୍ଷ ୪୫ ହଜାର ଟଙ୍କା ଜମା ଅର୍ଥ ଥିଲା । ହେଲେ ଦୁଇ ଦିନ ମଧ୍ୟରେ ତାଙ୍କର ବ୍ୟାଙ୍କ ଆକାଉଂଟରେ ଏବେ ଆଉ ବିଲକୁଲ ଟଙ୍କା ନାହିଁ, କାରଣ ପ୍ରଥମେ ଫିକସ୍ ଡିପୋଜିଟ୍ ୧୦ ଲକ୍ଷ ଗାଏବ ହୋଇଯାଇଛି, ଆଉ ଏହା ପରେ ଜମାଖାତାରୁ ଥିବା ୨ ଲକ୍ଷରୁ ଅଧିକ ଟଙ୍କା ବି ଗାଏବ । ହେଲେ ଏହି ପୁରା ଘଟଣାରେ ବ୍ୟାଙ୍କ କର୍ମଚାରୀଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫିକସ ଡିପୋଜିଟରୁ ଟଙ୍କା ଗାଏବ ଖବର ପରେ ଜମା ଖାତାକୁ ଫ୍ରିଜ୍ କରିବାକୁ ଜ୍ୟୋସ୍ନା ଓ ସମୀର ବ୍ୟାଙ୍କ କର୍ମଚାରୀଙ୍କୁ କହିଥିଲେ । ହେଲେ ବ୍ୟାଙ୍କ କର୍ମଚାରୀ ଓଲଟା ଯୁକ୍ତି ରଖି ପ୍ରଥମେ ଏଫଆଇଆର କର ବୋଲି ଶୁଣାଇ ଦେଇଥିଲେ । ଆଉ ଏହି ସମୟ ବେଳକୁ ବ୍ୟାଙ୍କରୁ ଅଢ଼େଇ ଲକ୍ଷ ଟଙ୍କା ବି କଟିସାରିଥିଲା ।

## ୩୦ରୁ ୩ ଯାଏଁ ନନ୍ଦନକାନନ ବନ୍ଦ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଡିସେମ୍ବର ୩୦ ତାରିଖରୁ ଜାନୁଆରୀ ୩ ତାରିଖପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ବନ୍ଦ ରହିବ। ନନ୍ଦନକାନନ ସହ ବଟାନିକାଲ ଗାର୍ଡେନ ମଧ୍ୟ ବନ୍ଦ ରହିବ। ରାଜ୍ୟରେ କରୋନାର ନୂଆ ଭାରିଏଂଟ ଓମିକ୍ରନ୍ ସଂକ୍ରମଣ ରୋକିବା ପାଇଁ ଏହି ନିଷ୍ପତି ନେଇଛନ୍ତି ନନ୍ଦନକାନନ କର୍ତୃପକ୍ଷ। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଆଉ ୨ ଦିନ ପରେ ନୂଆ ବର୍ଷ । ନୂଆ ବର୍ଷରେ ନନ୍ଦନକାନନରେ ପ୍ରବଳ ଭିଡ ହେବାର ସମ୍ଭାବନା ରହିଛି ଏବଂ ଭିଡ଼ ହେଲେ ସଂକ୍ରମଣ ବୃଦ୍ଧି ପାଇପାରେ। ତେଣୁ ନନ୍ଦନକାନନ କର୍ତୃପକ୍ଷ ଡିସେମ୍ବର ୩୦ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ୫ ଦିନ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ବନ୍ଦ ରଖିବାକୁ ନିଷ୍ପତି ନେଇଛନ୍ତି।

## ସଂକ୍ରମଣ ଏଡାଇବାକୁ ବସ ଓ ମେଟ୍ରୋରେ ୫୦% ଯାତ୍ରୀ ବସିବାକୁ ଅନୁମତି : ବସଷ୍ଟାଣ୍ଡ ଓ ଷ୍ଟେସନରେ ପ୍ରବଳ ଗହଳି

ନୂଆଦିଲ୍ଲୀ,୨୯/୧୨: ଦିଲ୍ଲୀରେ କଟକଣାର ଅଜବ ଚିତ୍ର । ୫୦ ପ୍ରତିଶତ କ୍ଷମତାରେ ଚାଲିଲା ମେଟ୍ରୋ । ହେଲେ ଷ୍ଟେସନରେ ଲୋକଙ୍କ ଗହଳି । ମେଟ୍ରୋରେ ଯାତ୍ରା କରିବା ପାଇଁ ଲୋକଙ୍କ ଲମ୍ବା ଲାଇନ୍ । ରାଜଧାନୀ ଦିଲ୍ଲୀରେ ଲଗାତର କରୋନା ସଂକ୍ରମଣ ବଢି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏକାଧିକ କଟକଣା ଘୋଷଣା କରିଛନ୍ତି । ମେଟ୍ରୋ ଟ୍ରେନରେ ଗୋଟିଏ ସିଟ୍ ଛାଡି ଗୋଟିଏରେ ଯାତ୍ରୀ ବସିଥିବାର ଦେଖିବାକୁ ମିଳିଛି । ହେଲେ ଷ୍ଟେସନରେ ଲାଗିଛି ଯାତ୍ରୀଙ୍କ ଗହଳି । ଲମ୍ବା ଲାଇନରେ ଲୋକେ ଘଂଟା ଘଂଟା ଧରି ଅପେକ୍ଷା କରି ରହୁଛନ୍ତି ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ । ସରକାର ଅବ୍ୟବସ୍ଥାର ଚରମ ନିଦର୍ଶନ ରାଜଧାନୀ ଦିଲ୍ଲୀରେ ଦେଖିବାକୁ ମିଳିଛି । ନିୟମ କରିବା ପୂର୍ବରୁ କୌଣସି ଆନୁସଙ୍ଗିକ



ବ୍ୟବସ୍ଥା କରିନଥିବା ଅଭିଯୋଗ ହୋଇଛି । ଆଉ ପ୍ରଶ୍ନ ଉଠୁଛି ଯେଉଁ ଉଦ୍ଦେଶ୍ୟରେ ଏହି ଅଂକୁଶ ଲଗାଯାଇଛି, ତାହା ଫଳପ୍ରଦ ହୋଇପାରିବ ତ ? ଏହା ଦ୍ୱାରା ସଂକ୍ରମଣ କମିବ ନା ଆହୁରି ବଢିବ । ଦିଲ୍ଲୀ ବସ୍ ଷ୍ଟାଣ୍ଡରେ ମଧ୍ୟ ସମାନ ସ୍ଥିତି । ବସ୍ ଯିବା ପାଇଁ ଯାତ୍ରୀଙ୍କ ଗହଳି । ମେଟ୍ରୋରେ ଯିବାରେ ଅସୁବିଧା ହେଉଥିବାରୁ ଅନେକ ଲୋକ ବସ୍ରେ ଯିବା ପାଇଁ ଷ୍ଟାଣ୍ଡକୁ ଆସୁଛନ୍ତି । ହେଲେ ବସ୍ରେ ଯିବା ପାଇଁ ଲୋକଙ୍କ ଅସମ୍ଭାଳ ଭିଡ । ଠେଲା ପେଲା ହୋଇ ବସ୍ ଭିତରକୁ ଯିବା ପାଇଁ ଉଦ୍ୟମ କରୁଛନ୍ତି ଯାତ୍ରୀ । ଯେଉଁ ପ୍ରକାରେ ହେଉ ବସ୍ରେ ବସି ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଚେଷ୍ଟା କରୁଛନ୍ତି । ସରକାରୀ ବସ୍ ହେଉ କି ବେସରକାରୀ ବସ୍ ସବୁଥିରେ ସମାନ ସ୍ଥିତି । ସାମାଜିକ କଟକଣା ସହ ବସରେ ଯିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏପରି ସ୍ଥିତିରେ ଦିଲ୍ଲୀରେ କରୋନାକୁ କିପରି ରୋକାଯାଇ ପାରିବ, ତାହା ବଡ଼ ପ୍ରଶ୍ନ ।

## ସ୍କୁଲ ଆଇକାର୍ଡ ଦେଖାଇ ଟିକା ନେଇପାରିବେ ୧୫ରୁ ୧୮ ବର୍ଷର କିଶୋର

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ୧୫ ରୁ ୧୮ ବର୍ଷ ପିଲାଙ୍କୁ ଟିକାକରଣ ପାଇଁ ଡେଡିକେଟେଡ୍ ସାଇଟ ଖୋଲିବ ଓ ସେଠି ଦିନତମାମ ଟିକାକରଣ ଚାଲିବ। ଏହାସହ ଯେଉଁ ଟିକାକେନ୍ଦ୍ରଗୁଡିକ ବର୍ତମାନ ଅଛି ସେଠାରେ ପୂର୍ବାହ୍ନ ସମୟ ସକାଳ ୮ଟାରୁ ଦିନ ୧ଟା ସୁଦ୍ଧା ପିଲାଙ୍କୁ କେବଳ ▶▶ପୃଷ୍ଠା ୭

## ପହିଲାରେ ପିଏମ୍-କିଷାନର ଦଶମ କିସ୍ତି ପ୍ରଦାନ କରିବେ ମୋଦି

ନୂଆଦିଲ୍ଲୀ,୨୯/୧୨: ଜାନୁଆରୀ ପହିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୧୦ କୋଟି ଚାଷୀଙ୍କୁ ପିଏମ୍-କିଷାନର ଦଶମ କିସ୍ତି ପ୍ରଦାନ କରିବେ । ସେମାନଙ୍କୁ ୨୦ହଜାର କୋଟିରୁ ଅଧିକ ଅର୍ଥ ହସ୍ତାନ୍ତର ହେବ। ଏ ପର୍ଯ୍ୟନ୍ତ ୧.୬ଲକ୍ଷ କୋଟି ଟଙ୍କା ରାଶି କୃଷକ ମାନଙ୍କୁ ଦିଆଯାଇଛି। ତୃଣମୂଳ ସ୍ତରରର କୃଷକମାନଙ୍କୁ ସଶକ୍ତ କରିବାରେ ପିଏମ୍-କିଷାନର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ୧.୨୪ଲକ୍ଷ କୃଷକଙ୍କୁ ସୁବିଧା ପାଇଁ ୩୫୧ ଏଫପିଓକୁ ୧୪ କୋଟି ଟଙ୍କାରୁ ଅଧିକ ଇକ୍ୟୁଇଟି ଗ୍ରାଣ୍ଟ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ଭିଡିଓ କନଫରେସିଂ ଜରିଆରେ ଏହି ସୁବିଧା ହସ୍ତାନ୍ତର କରିବେ । ଏହା ଦ୍ୱାରା ୧୦ କୋଟିରୁ ଅଧିକ



ହିତାଧିକାରୀଙ୍କ ନିକଟକୁ ୨୦ହଜାର କୋଟିରୁ ଅଧିକ ଅର୍ଥ ହସ୍ତାନ୍ତର ହେବ । ପିଏମ୍-କିଷାନ ଯୋଜନାରେ ବାର୍ଷିକ ୬ହଜାର ଟଙ୍କା ଲେଖାଏଁ ପ୍ରତି ହିତାଧିକାରୀ ପରିବାରକୁ ପ୍ରଦାନ କରାଯାଇଥାଏ । ଏହି ଅର୍ଥ କିସ୍ତିଦ୍ୱାରୀ ଦୁଇ ହଜାର କରି ତିନିଟି କିସ୍ତିରେ ପ୍ରଦାନ କରାଯାଏ। ଏହି ଅର୍ଥ ପ୍ରତ୍ୟେକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଜମା କରାଯାଏ। ଅଦ୍ୟାବଧି ଯୋଜନା ଅଧିନରେ ଚାଷୀ ପରିବାରକୁ ୧.୬ ଲକ୍ଷ ରକାଟି ଟଙ୍କା ସମ୍ମାନ ରାଶି ପ୍ରଦାନ କରାଯାଇଛି।

## ରାଜ୍ୟରେ ଆଉ ଜଣେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ରାଜ୍ୟରେ ଆଉ ଜଣେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟରେ ସମୁଦାୟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୯ ହୋଇଛି । ନୂଆ ଚିହ୍ନଟ ଓମିକ୍ରନ ଆକ୍ରାନ୍ତ ଜଣକ କେନ୍ଦୁଝର ଜିଲ୍ଲାର ବୋଲି ଜଣା ପଡିଛି। ସେ ୟୁଏଇରୁ ଫେରିଥିଲେ । ସେ ଆସିଲାବେଳେ ନେଗେଟିଭ ଥିଲେ । ଘରେ ପହଂଚିବାର ପରେ ତାଙ୍କୁ ଜ୍ୱର ଆସିଥିଲା । ସେ କୋଭିଡ ଟେଷ୍ଟ କରିଥିଲେ ଓ ପରେ ଜିନୋମ ସ୍ୱିକେସିଂଗ ପରେ ଓମିକ୍ରନ ଚିହ୍ନଟ ହୋଇଛନ୍ତି । ତେବେ ସେ ବର୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣା ପଡିଛି ।

## ଦ୍ରୁତ ଗତିରେ ବ୍ୟାପୁଛି ଓମିକ୍ରନ୍ : ଅଧିକ ଛୋଟ ପିଲା ହସ୍ପିଟାଲରେ ହେଉଛନ୍ତି ଭର୍ତ୍ତି

ନୂଆଦିଲ୍ଲୀ,୨୯/୧୨: କରୋନାର ନୂଆ ଭ୍ୟାରିଆଂଟ ଓମିକ୍ରନକୁ ନେଇ ସାରା ବିଶ୍ୱରେ ଚିନ୍ତା ବଢିଛି । ଓମିକ୍ରନ୍ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି । ସବୁ ବୟସର ଲୋକେ ଏହି ଭାଇରସରେ ସଂକ୍ରମିତ ହେଉଛନ୍ତି । ଏହାରି ଭିତରେ ଆସିଛି ଏକ ଆଶ୍ୱସ୍ତିକର ଖବର । ବିଶେଷଜ୍ଞଙ୍କ ମତରେ ଓମିକ୍ରନ୍ ଦ୍ୱାରା ଛୋଟ ପିଲା ଅଧିକ ଗୁରୁତର ହେବେ ନାହିଁ । ଓମିକ୍ରନ୍ ଦ୍ୱାରା ଅଧିକ ପିଲା ସଂକ୍ରମିତ ହେବା ନେଇ କୌଣସି ତଥ୍ୟ ନଥିବା ଡାକ୍ତର ଓ ବିଶେଷଜ୍ଞମାନେ କହିଛନ୍ତି । ଅନେକ ଦେଶରେ ଡିସେମ୍ବର ମାସରେ ୫୦



ପ୍ରତିଶତ ପିଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ନ୍ୟୁୟର୍କ ସିଟିରେ ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଗତ ସପ୍ତାହରେ ୬୮ ଜଣ ପିଲା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ବିଶେଷଜ୍ଞଙ୍କ ତଥ୍ୟ ଅନୁସାରେ ବୟସ୍କଙ୍କ ତୁଳନାରେ ଡାକ୍ତରଖାନାରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଉଛି । ହେଲେ ପିଲାଙ୍କ ପାଇଁ ଅଧିକ ବିପଦପୂର୍ଣ୍ଣ ହେବା ନେଇ କୌଣସି ତଥ୍ୟ ମିଳିନାହିଁ । ପ୍ରାଥମିକ ତଥ୍ୟ ଅନୁସାରେ ଡେଲ୍ଟା ଭ୍ୟାରିଆଂଟ ତୁଳନାରେ ଓମିକ୍ରନରେ ପିଲାଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଦେଉଛି । ଫିଲାଡେଲ୍‌ଫିଆ ଚିଲ୍ଡ୍ରେନ୍‌ସ୍ ହସ୍ପିଟାଲ୍‌ର ଗବେଷକ ଡାକ୍ତର ଡେଭିଡ୍ ରୁବିନ୍ କହନ୍ତି, ମୋର ମନେହୁଏ, ଏଥିରେ ସାଂଘାତିକତା ବରଂ କମ୍ । ସେମିତି କିଛି ସାଂଘାତିକ ରୋଗ ହେବାର ସମ୍ଭାବନା ▶▶ପୃଷ୍ଠା ୭

## ପ୍ରାଥମିକ ସ୍କୁଲ ଖୋଲିବା ନିଷ୍ପତ୍ତି ବଦଳିବ !

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୩ ତାରିଖରୁ ରାଜ୍ୟରେ ପ୍ରଥମରୁ ପଂଚମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ୍ ଖୋଲିବାକୁ ଗତକାଲି ଗଣଶିକ୍ଷା ମନ୍ତ୍ରୀ ଘୋଷଣା କରିଥିବା ବେଳେ ବର୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ପରିବର୍ତନ କରାଯାଇପାରେ। ଏହି ସୂଚନା ଦେଇଛନ୍ତି ଡିଏମ୍‌ଇଟି ଡାକ୍ତର ରମାରମଣ ମହାନ୍ତି। ସେ କହିଛନ୍ତି, ପୂର୍ବସ୍ଥିତିକୁ ଦେଖି ସରକାର ଏହି ନିଷ୍ପତି ନେଇଥାଇପାରନ୍ତି। ସେତେବେଳେ ଦୈନିକ ସଂକ୍ରମଣ ସଂଖ୍ୟାରୁ ଶହେରୁ ଦେଢ଼ଶହ ଭିତରେ ସୀମିତ ରହୁଥିଲା। ସେହିପରି ଓମିକ୍ରନ ଭୟ ମଧ



ରାଜ୍ୟକୁ ନଥିଲା। କିନ୍ତୁ ଏଇ ସାତ ଆଠ ଦିନ ହେବ ସ୍ଥିତି ବଦଳି ଯାଇଛି। ଦେଶରେ ୨୧ଟି ଜିଲ୍ଲାରେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେଲେଣି। ଦିନକୁ ଦିନ ଏହି ସଂଖ୍ୟା ବଢୁଛି। ଆମ ରାଜ୍ୟରେ ମଧ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ପ୍ରାଥମିକ ସ୍କୁଲ୍ ଖୋଲିବାକୁ ନେଇଥିବା ନିଷ୍ପତି ବଦଳାଇପାରନ୍ତି। ସରକାର ଏନେଇ ଠିକ୍ ସମୟରେ ଠିକ୍ ନିଷ୍ପତି ନେବେ ବୋଲି ଡିଏମ୍‌ଇଟି କହିଛନ୍ତି। ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଥିଲେ ଜାନୁଆରୀ ୩ରୁ ପ୍ରାଥମିକ ସ୍କୁଲ ଖୋଲିବ। ଯେଉଁଠାରେ ଦଶମ ପିଲାଙ୍କ ସମେଟିଭ୍ ପରୀକ୍ଷା ହେବ ସେଠାରେ ୧୦ ତାରିଖରୁ ସ୍କୁଲ ଖୋଲିବ। ସ୍କୁଲ ଖୋଲିବା ନେଇ ଏସଓପି ମଧ୍ୟ ଜାରି କରାଯାଇଥିଲା।

## ୬ ଆଇପିଏସ୍‌ଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ରାଜ୍ୟ ସରକାର ୬ ଜଣ ଆଇପିଏସ୍ ଙ୍କୁ ପଦୋନ୍ନତି ଦେଇଛନ୍ତି। ୨୦୦୪ ବ୍ୟାଚ୍ ର ୩ ଜଣ ଆଇପିଏସ୍ ଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନେ ହେଲେ ଡ. ଦୀପକ କୁମାର, ଆଶିଷ କୁମାର ସିଂ ଓ ସତ୍ୟବ୍ରତ ଭୋଇ। ସେହିପରି ୨୦୦୮ ବ୍ୟାଚ୍ ର ୩ ଆଇପିଏସ୍ ଙ୍କୁ ଡିଆଇଜି ଭାବେ ପଦୋନ୍ନତି ମିଳିଛି। ଆଇପିଏସ୍ ଅଧିକାରୀ ଡ.ଉମାଶଙ୍କର ଦାସ, ପ୍ରକାଶ ଆର୍ ଓ ଡ. ସତ୍ୟଜିତ ନାଏକ ଙ୍କୁ ଡିଆଜି ର୍ୟାଙ୍କକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର।

## ଓବିସି ସଂରକ୍ଷଣ ନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଲେ ବିଜେପି ବିଧାୟକ

### ପ୍ରଥମେ ସଂରକ୍ଷଣ, ପରେ ପଂଚାୟତ ନିର୍ବାଚନ କରିବାକୁ ନିର୍ବାଚନ କମିଶନରଙ୍କୁ ଦାବିପତ୍ର

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ପଂଚାୟତ ନିର୍ବାଚନ ପାଇଁ ପ୍ରଥମେ ପଛୁଆ ବର୍ଗ ତଥା ଓବିସିଙ୍କୁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିବା ପରେ ନିର୍ବାଚନ ପ୍ରକ୍ରିୟାକୁ ଆଗକୁ ନେବାକୁ ବିଜେପି ବିଧାୟକମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ପୃଥକ ପୃଥକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟପାଳ ଓ ରାଜ୍ୟ ନିର୍ବାଚନ କମିଶନରଙ୍କୁ ବିଜେପି ବିଧାୟକମାନେ ଭେଟିଥିଲେ। ଏହି ବିଧାୟକ ଦଳ ମଧ୍ୟରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ବଡ଼ସାହି ବିଧାୟକ ସନାତନ ବିଜୁଳି ଥିଲେ । ରାଜ୍ୟପାଳଙ୍କୁ ଭେଟିବା ପରେ ବ୍ରହ୍ମଗିରି ବିଧାୟକ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟର ମୋଟ ଜନସଂଖ୍ୟାର ୫୪ପ୍ରତିଶତ ଓବିସି ବର୍ଗ। ମାତ୍ର ରାଜ୍ୟ ସରକାର ପଂଚାୟତ ନିର୍ବାଚନରେ ସେମାନଙ୍କୁ ସ୍ଥାନ ସଂରକ୍ଷଣ ନଦେଇ ପଂଚାୟତ ନିର୍ବାଚନକୁ ଆଗେଇ ନେଉଛନ୍ତି । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ପ୍ରଦାନ କରିବା ପରେ ନିର୍ବାଚନ ପ୍ରକ୍ରିୟା ଆଗେଇବା ପାଇଁ ବିଧାୟକଙ୍କ ପକ୍ଷରୁ ରାଜ୍ୟପାଳଙ୍କ ପାଖରେ ଦାବୀ କରାଯାଇଛି । ବିଶେଷ ଭାବରେ ଏ ପ୍ରସଙ୍ଗରେ ହସ୍ତକ୍ଷେପ କରି ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି । ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଡ଼ିସେମ୍ବର ୨୭ରେ ଜିଲ୍ଲା ପରିଷଦର ଚିଠା ତାଲିକା ଏବଂ ଡ଼ିସେମ୍ବର ୨୯ ତାରିଖରେ ପଂଚାଯତ ସମିତି ଏବଂ ସରପଂଚ ପଦ ପାଇଁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ନରଖି ଚିଠା ତାଲିକା ଜାରୀ କରାଯାଇଛି। ଏହା ଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଓବିସି ସଂପ୍ରଦାୟଙ୍କୁ ନିର୍ବାଚିତ ହେବାର ସୁଯୋଗରୁ ବଂଚିତ କରାଯାଉଛି।

## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ୍ୟ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ବାସୁଦେବପୁର,୨୯/୧୨ (ନି.ପ୍ର): ବାସୁଦେବପୁର ବ୍ଲକର ଇରମ ପଂଚାୟତ ର ଶହୀଦ ମେମୋରିଆଲ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ର ଜାତୀୟ ସେବା ଯୋଜନା ଶିବିର ଉଦଯାପିତ ହୋଇଯାଇଛି । ଡିସେମ୍ବର ୧୯ ରୁ ୨୫ ପର୍ଯ୍ୟନ୍ତ ଏହା ଚାଲିଥିଲା । ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ଅଧକ୍ଷ ପୀତବାସ ପଣ୍ଡା, ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଶରତ ଜେନା,ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ,ରମ୍ଭାରଣୀ ପଣ୍ଡା, ଅକ୍ଷୟ ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, କବି ସୁଧାଂଶୁ ଶେଖର ମିଶ୍ର । ଭ୍ରମଣ କାରୀ ଟିମ ନାସିର ବକ୍ସ,ରବୀନ୍ଦ୍ର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରାଜ କିଶୋର ବାରିକ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ । ପଥପ୍ରାନ୍ତ ନାଟକ,କରନା ସଚେତନତା, ଇରମ ଡାକ୍ତରଖାନା ସଫେଇ, ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ।

# ମାଆ ତାରିଣୀ କ୍ରିକେଟ ଆସୋସିଏସନ: ଚୁଡାମଣି ବିଜୟୀ



ବାସୁଦେବପୁର,୨୯/୧୨ (ନି.ପ୍ର): ଆର୍ଡ୍ଡୁଙ୍ଗ ପଂଚାୟତ କାର୍ଯ୍ୟାଳୟ ନିକଟରେ ମା ତାରିଣୀ କ୍ରିକେଟ ଆସୋସିଏସନ ପକ୍ଷରୁ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚୁଡାମଣି ଓ ପଡୁଆଁ ଟିମ ଅଂଶ ଗ୍ରହଣ କରିଥିଲେ । ନିର୍ଦ୍ଧାରିତ ୧୫ ଓଭର ଖେଳ ଥିଲା । ଏଥିରେ ଚୁଡାମଣି ୪ ଉଇକେଟ ରେ ବିଜୟ ଲାଭ କରିଥିଲା । ଏହି ଖେଳ ରେ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା, ସମାଜସେବୀ ନେତାଜୀ ଚରଣ ନାୟକ, ଶିକ୍ଷକ କମଳାକାନ୍ତ ପଣ୍ଡା ଓ ସମାଜସେବୀ ବେଣୁଧର ନାଥ । ସମସ୍ତ ଅତିଥି ବିଜୟୀ ଦଳ ଓ ରନର୍ସଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳ ଖୁବ ଆକର୍ଷଣୀୟ ଥିଲା ଏବଂ ଦର୍ଶକ ମାନେ ଖୁବ ମଜା ଉଠାଇଥିଲେ ।

# ଆରଟିଓ ଗୁଡିକରେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସ୍ଥାୟୀ କରାଯାଉ

ବଲାଙ୍ଗୀର,୨୯/୧୨ (ନି.ପ୍ର): ରାଜ୍ୟର ସମସ୍ତ ଆରଟି.ଓ କାର୍ଯ୍ୟାଳୟରେ ଏବଂ ଏସ୍‌ଟିଏ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୩୫୦ ଜଣ ଡାଟା ଏଂଟ୍ରି ଅପରେଟର ଦୀର୍ଘ ୧୫ ବର୍ଷ ଧରି ସ୍ମାର୍ଟଚିପ କମ୍ପାନୀ ଜରିଆରେ କାର୍ଯ୍ୟ କରି ଆସୁଥିଲେ କିନ୍ତୁ ଚଳିତ ମାସ ଶେଷ ସୁଦ୍ଧା ସ୍ମାର୍ଟଚିପ କମ୍ପାନୀର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି । ଦୀର୍ଘ ୧୫ ବର୍ଷ ତଳେ ରାଜ୍ୟର ଆରଟି.ଓ କାର୍ଯ୍ୟଳୟ ମାନଙ୍କୁ କମ୍ପ୍ୟୁଟରି କରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେବା ଫଳରେ ସ୍ମାର୍ଟଚିପ କମ୍ପାନୀ ଜରିଆରେ ରାଜ୍ୟର ଉଚ୍ଚଶିକ୍ଷିତ ଓ କମ୍ପ୍ୟୁଟର ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ମିଳିଥିଲା । ବର୍ତ୍ତମାନ ସ୍ମାର୍ଟଚିପ ଓ ରାଜ୍ୟ ସରକାରଙ୍କ ସହ ହୋଇଥିବା ରାଜିନାମାର ସମୟ ଅବଧି ଶେଷ ହେବାକୁ ଯାଉଥିବା ବେଳେ ୧୫ ବର୍ଷ ଧରି କାର୍ଯ୍ୟରତ ଡାଟା ଏଂଟ୍ରି ଅପରେଟର ମାନଙ୍କ ଭବିଷ୍ୟତ ନିଯୁକ୍ତିକୁ ନେଇ ସନ୍ଦେହ ଦେଖାଦେଇଛି । ସରକାର ଏହି ଡାଟା ଏଂଟ୍ରି ଅପରେଟର ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଘୋଷଣା ନକରିବାରୁ ବାଧ ହୋଇ ସେମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ କେସ୍ ନଂ ୨୭୩୬୭/୨୦୨୦ କୁ ବିଚାର କରି ସରକାରଙ୍କୁ ତା-୨୧ ୧୨-୨୦୨୧ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଣି କରି ଡାଟା ଏଂଟ୍ରି ଅପରେଟର ମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବାକୁ ସରକାରଙ୍କୁ ଆଦେଶ ଦେଇଥିଲେ । କିନ୍ତୁ ସରକାର ନ୍ୟାୟାଳୟର ଆଦେଶ ପୂର୍ବରୁ ତା ୭/୧୨/୨୦୨୧ ରେ ୧୬୧ ଜଣ ଅପରେଟରଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ । କିନ୍ତୁ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଗଲେ ପ୍ରାୟ ୧୯୦ ଜଣ ଅପରେଟର ଜିବୀକା ହରାଇବେ । ତେଣୁ କୋର୍ଟର ନିର୍ଦ୍ଦେଶକୁ ସରକାର କାର୍ଯ୍ୟକାରି କରି ଦୀର୍ଘ ଦିନ ଧରି ସରକାରୀ କାର୍ଯ୍ୟରେ ଜଡିତ ରହିଥିବା ଏହି କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଯୋଗାଇ ଦେବାକୁ ଓଡିଶା ଇ ଗଭର୍ଣ୍ଣାନ୍‌ସ ଟେକ୍ନିକାଲ କର୍ମଚାରୀ ସଂଘର ରାଜ୍ୟ ସଭାପତି ହେମନ୍ତ ପଣ୍ଡା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଡି.ଏଲ୍, ଏଲ୍.ଏଲ୍, ଯାନବାହାନ ରେଜିଷ୍ଟ୍ରେସନ ଇତ୍ୟାଦି ପାଇଁ ଜନ ସାଧାରଣଙ୍କ ଠାରୁ ଆଦାୟ କରାଯାଉଥିବା ସର୍ଭିସ ଚାର୍ଜରେ ଏକ ଘରୋଇ କମ୍ପାନୀ ରାଜ୍ୟବ୍ୟାପୀ ୩୫୦ ଜଣ କର୍ମଚାରୀଙ୍କୁ ୧୫ ବର୍ଷ ଧରି ନିଯୁକ୍ତି ଦେଇଥିବା ବେଳେ ସରକାର ସେହି କର୍ମଚାରୀମାନଙ୍କୁ ଥଇଥାନ କରିବାରେ କୌଣସି ଅସୁବିଧା ନାହିଁ ବୋଲି ସଭାପତି ପଣ୍ଡା କହିଛନ୍ତି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ତୁଳସୀ ସୃଜନ ଧାରା

କେନ୍ଦ୍ରାପଡ଼ା,୨୯/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳରେ ଥିବା ତୁଳସୀ ମହିଳା ମହା ବିଦ୍ୟାଳୟରେ 'ତୁଳସୀ ସୃଜନ ଧାରା' ସାହିତ୍ୟ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ବିଶିଷ୍ଟ ସାହିତିକା ଡାକ୍ତର ଅପର୍ଣ୍ଣା ମହାନ୍ତି, ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଆସର ର ସଂଯୋଜକ ଡ଼ଃ ଆଶୁତୋଷ ରାଉତ ଅତିଥି ପରିଚୟ ପ୍ରଦାନ ଓ ଆଇ.କ୍ୟୁ.ଏ.ସି. ର ଚିର ସଂଯୋଜକ ଡ଼ଃ ମଥୁରୀ ଚରଣ ନାୟକ ପ୍ରାରମ୍ଭିକ ସୂଚନା ଓ ଯୁବକବୀ ପବିତ୍ର ବ୍ରହ୍ମପୁତ୍ର ନାୟକ ସାହିତ୍ୟ ସୃଜନ ଓ ତାର ପ୍ରକାଶନ ଉପରେ ଗୁରୁତ୍ୱାରୋପ କରି ବକ୍ତବ୍ୟ ରଖିଥିଲେ ।

# ନୂଆବର୍ଷ ପାଇଁ ପୁରୀ ସହର ଚଳଚଂଚଳ : ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼

ପୁରୀ,୨୯/୧୨ (ନି.ପ୍ର): ନୂଆବର୍ଷ ୨୦୨୨ ପାଇଁ ଏବେ ଠୁ ପୁରୀ ସହରରେ ଗହଳି ଲାଗି ରହିଲାଣି । ଡ଼ିସେମ୍ବର ୩୧, ଜାନୁଆରୀ ୧ ଓ ୨ ତାରିଖ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିବା ଜାଣି ଡ଼ିସେମ୍ବର ୨୭ ରୁ ଶ୍ରୀମନ୍ଦିରରେ ହଜାର ହଜାର ସଂଖ୍ୟାରେ ଭକ୍ତ ଦର୍ଶନ ପାଇଁ ସମବେତ ହେଉଥିବା ଦେଖିବାକୁ ମିଳିଛି । ମରଚିକୋଟ ଛକ ଠାରୁ ଶୃଙ୍ଖଳିତ ଭାବେ ଯାଇ ରାଜାନଅର ଠାରୁ ବ୍ୟାରିକେଡ଼ ଦେଇ ଭକ୍ତମାନେ ସିଂହଦ୍ୱାରରେ ପହଂଚୁଛନ୍ତି । ଦର୍ଶନାର୍ଥୀମାନେ ସିଂହଦ୍ୱାରରେ ପ୍ରବେଶ କରି ଉତରଦ୍ୱାରରେ ପ୍ରସ୍ଥାନ କରୁଛନ୍ତି । ନୂଆବର୍ଷ ୨୦୨୨ କିପରି ସୁଖ ସମୃଦ୍ଧି ଓ ମଙ୍ଗଳମୟ ହେବ କାମନା କରି ଦୁଇ ହାତ ଟେକି ଭକ୍ତ ମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି । ଗହଳି ଯୋଗୁଁ ବଳଗଣ୍ଡି ଠାରୁ ଚାରି ଚକିଆ ଗାଡ଼ି ପାର୍କି ସମସ୍ୟା ହେଉଅଛି । ଅନ୍ୟପକ୍ଷରେ ଜଗନ୍ନାଥ ବଲ୍ଲଭ ପାର୍କିରେ ଗାଡ଼ି ରଖି ପୁଣି ଫେରିବା ସମୟରେ ବହୁ ବିଳମ୍ବ ହେଉଥିବାରୁ ବଡ଼ଦାଣ୍ଡ ଉପରେ ଅନେକ ଚାଳକ ବଡ଼ଦାଣ୍ଡ ଦୁଇପାର୍ଶ୍ୱରେ ଗାଡ଼ି ପାର୍କି କରୁଛନ୍ତି । ଫଳରେ ସହରବାସି ବାଇକ୍ ରଖିବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ସେହିପରି ସ୍ୱର୍ଗଦ୍ୱାର ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି ଦିନକୁ ଦିନ ବଢିବାରେ ଲାଗିଛି । ସି ଫେସିଙ୍ଗ ହୋଟେଲ ଗୁଡ଼ିକ ପ୍ରାୟ ବୁକିଙ୍ଗ ହୋଇଥିବା ଜଣାପଡ଼ିଛି । କେତେକ ହୋଟେଲ ଡ଼ିସେମ୍ବର ୩୧ ଓ ଜାନୁଆରୀ ୧/୨ ତିନି ଦିନିଆ ପ୍ୟାକେଜ୍ କରି ପର୍ଯ୍ୟଟକଙ୍କୁ ସୁବିଧା ପ୍ରଦାନ କରୁଛନ୍ତି । ପର୍ଯ୍ୟଟକମାନେ ବେଳାଭୂମିରେ ବସି ନୀଳ ଜଳରାଶିରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦର୍ଶନ କରି ମହାପୂଣ୍ୟ ଅର୍ଜନ କରୁଛନ୍ତି । ମହୋଦଧିରେ ଅନେକ ଯୁବକ ଓ ଯୁବତୀ ପର୍ଯ୍ୟଟକ ସ୍ନାନ କରିବାର ମଜା ଉଠାଉଛନ୍ତି । ବ୍ଲୁ ଫ୍ଲାଗ ବିଚ୍ ମଧ ପ୍ରବଳ ଗହଳି ରହୁଛି । ନିଳାଦ୍ରୀ ବିଚ୍ ରେ ସହରବାସିଙ୍କ ସହ ପର୍ଯ୍ୟଟକମାନେ ବେଶ୍ କିଛି ସମୟ ବିତାଉଥିବା ଦେଖିବାକୁ ମିଳିଛି । ହଲିଡ଼େ ରିସର୍ଟରେ ଅଧିକ ପର୍ଯ୍ୟଟକ ରହୁଥିବାରୁ ତା ନିକଟ ବିଚ୍ ରେ ପର୍ଯ୍ୟଟକମାନେ ବସି ଆନନ୍ଦ ଉପଭୋଗ କରୁଛନ୍ତି ।

## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଯୋଗଦାନ

ପୁରୀ,୨୯/୧୨ (ନି.ପ୍ର): ରମେଶ ଚନ୍ଦ୍ର ରାୟ ନୂଆ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । ଜିଲ୍ଲାରେ ଚାଷୀମାନଙ୍କୁ ସମସ୍ତ ସରକାରୀ ସୁବିଧା ତୁରନ୍ତ ଯୋଗାଇଦେବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ରାୟ ପୂର୍ବରୁ ଭଦ୍ରକର ଧାମନଗର, ମୟୁରଭଞ୍ଜର ଠାକୁରମୁଣ୍ଡାରେ କୃଷି ଅଧିକାରୀ ଭାବେ କାର୍ଯ୍ୟ କରି ଚାଷୀମାନଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ । ଶ୍ରୀଜଗନ୍ନାଥଙ୍କ ଆର୍ଶିବାଦରୁ ପୁରୀ ଆସିଥିବାରୁ ପୁରୀ ଜିଲ୍ଲାକୁ କିପରି ଅଗ୍ରଣୀ କୃଷି ଜିଲ୍ଲା ଭାବେ ପରିଗଣିତ କରାଯିବ ସେଥିପାଇଁ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ କରାଯିବ । ଗତ ଜୱାଦ ବାତ୍ୟାରେ ପୁରୀ ଜିଲ୍ଲାରେ ଅନେକ ଜମିରେ ଧାନ ଫସଲ, ପନିପରିବା ଫସଲ ଓ ଶସ୍ୟ ଜାତୀୟ ଫସଲ ନଷ୍ଟ ହୋଇଛି । ଚଳିତ ଋତୁରେ କିପରି ଚାଷୀମାନେ ଖରାଦିନିଆ ଧାନ ଚାଷ କରିପାରିବେ ସେଥିପାଇଁ ବିଭାଗ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ । ଶ୍ରୀ ରାୟଙ୍କ ଯୋଗଦାନ ପରେ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ପୂର୍ବରୁ ଏହି ପଦବିରେ ଥିବା ଅନିଲ କୁମାର ଦାସଙ୍କ ପଦୋନ୍ନତି ହୋଇ ସେ ଭୁବନେଶ୍ୱର କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଭାବେ ଯୋଗ ଦେଇଛନ୍ତି ।

# ଅଲ ଇଣ୍ଡିଆ ଡିଏସଓ ୬୮ତମ ପ୍ରତିଷ୍ଠା ଦିବସ ପାଳିତ

ଖୋର୍ଦ୍ଧା,୨୯/୧୨ (ନି.ପ୍ର): ସ୍ଥାନୀୟ ଜେମାଦେଇ ହାଉସିଂ ବୋର୍ଡ କଲୋନୀ କାର୍ଯ୍ୟାଳୟ ପରିସରରେ ଅଲ ଇଣ୍ଡିଆ ଡିଏସଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ସଙ୍ଗଠନର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସଙ୍ଗଠନ ର ପ୍ରତିଷ୍ଠାତା କମ୍ରେଡ଼ ଶିବ ଦାସ ଘୋଷଙ୍କ ଫଟୋରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ପରେ ରାଜ୍ୟ ଉପ ସଭାପତି ଜୟନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଏସ ୟୁ ସି ଆଇ(କମ୍ୟୁନିଷ୍ଟ)ର ଖୋର୍ଦ୍ଧା ଲୋକାଲ କମିଟିର ସମ୍ପାଦକ ଅଶୋକ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସଙ୍ଗଠନ ର ସଂଗ୍ରାମୀ ଇତିହାସ ଉପରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ଶିକ୍ଷା ସମସ୍ୟା ଓ ଅନ୍ୟାୟ ବିରୋଧରେ ଦୁର୍ବାର ଛାତ୍ର ଆନ୍ଦୋଳନ ସଙ୍ଗଠିତ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।ଏହି ସଭାରେ ଛାତ୍ରନେତା ଅବିନାଶ ପ୍ରଧାନ,ଶ୍ରୀକାନ୍ତ ନାଏକ,ଅନୁପମ ମହାନ୍ତି, ଜଗନ୍ନାଥ ବଲବନ୍ତରାୟ,ବେବି ନାୟକ, ମନୋଜ ଭୁଆଁ,ସାଜନ ନାୟକ ପ୍ରମୁଖ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ଗଞ୍ଜେଇ ଚାଲାଣ ବେଳେ ଚଢାଉ: ୩ ଗିରଫ

ଜୟପୁର ,୨୯/୧୨ (ନି.ପ୍ର): ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରି ୧୫୩ କେଜିରୁ ଅଧିକ ପରିମାଣର ଗଂଜେଇ ଜବତ କରିଛି । ଏହି ମାମଲାରେ ପୋଲିସ ୩ ଜଣ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଉତର ପ୍ରଦେଶର ଆସାନ (୩୦), ବୈପାରୁଗଡା ଥାନା ଜି ମାଝିଗୁଡା ଗ୍ରାମ ଅନିଲ ବାରିକ (୨୦) ଶଙ୍କର ମାଳି (୨୧) । ଗିରଫ ଅଭିଯୁକ୍ତ ଙ୍କ ଠାରୁ କାର , ପଲସର ବାଇକ , ୫ ହଜାର ଟଙ୍କା, ୪ଟି ମୋବାଇଲ କୁ ଜବତ କରି ୩ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାୟୀ ଲମତାପୁଟ ଅଂଚଳରୁ ଗଞ୍ଜେଇ ଧରି କାରରେ ଜୟପୁର ଦେଇ ହରିୟାନା ଚାଲାଣ ହେଉଥିବା ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ଖବର ପାଇଥିଲେ । ସୂଚନା ପାଇ ସଦର ଥାନାର ଏକ ଟିମ ଟାଙ୍କୁଆ ନିକଟରେ ଚଢାଉ କରିଥିଲା । କାର ଆଗରେ ବ୍ଲାକ ପଲସରରେ ଏସକର୍ଟ କରୁଥିଲେ । ଚଢାଉ ବେଳେ ପୋଲିସ୍ ୧୫୩ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୧୫ ଲକ୍ଷ , ୩୦ ହାଜର ଟଙ୍କା ହେବ ।

# ଦୁରୁଆମାନଙ୍କୁ ବନବାସୀ ମାନ୍ୟତା ଦାବି

## ଭୋଟ ବର୍ଜନ ନିଷ୍ପତ୍ତି, ଛତିଶଗଡରେ ମିଶିବାକୁ ଦେଲେ ଧମକ

ଜୟପୁର,୨୯/୧୨ (ନି.ପ୍ର): ଦୁରୁଆ ମାନଙ୍କୁ ରାଜ୍ୟ ସରକାର ଅନୁସୁଚିତ ଜନଜାତିର ମାନ୍ୟତା ଦେଇ ନାହାଁନ୍ତି । ଅନ୍ୟ ବନବାସୀର ଗୋଷ୍ଠୀର ଲୋକେ ଯେପରି ଭାବରେ ସରକାରୀ ସୁବିଧା ସୁଯୋଗ ସବୁ ପାଉଛନ୍ତି ଦୁରୁଆ ମାନେ ଦୀର୍ଘ ୭୦ ବର୍ଷ ଧରି ସେହି ସୁବିଧାରୁ ବଂଚିତ ହେଉଛନ୍ତି । ଏନେଇ ଆଜି ଜୟପୁର ତରୁଣ ପ୍ରଜ୍ଞା ଭାରତି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜୟପୁର ର ବୁଦ୍ଧିଜୀବୀ ଗଙ୍ଗାଧର ନନ୍ଦ, ନାଗରିକ କମିଟିର ସଭାପତି ମିନକେତନ ଦାସ, ଗୀତା ପ୍ରକାଶ ମିଶ୍ର, ସୁବାସ ପଣ୍ଡା, ଲକ୍ଷ୍ମୀ କାନ୍ତ ପାଡୀ. ଦୁରୁଆ ମହିଳା ସଂଗଠନର ଉପଦେଷ୍ଟା ଚନ୍ଦ୍ର ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ । ସରକାର ତାଙ୍କ ଦାବି ପୁରଣ କରୁ ନଥିବାରୁ ସେ ମାନେ ଭୋଟ ବର୍ଜନ କରିବାକୁ ନିଷ୍ପତି ନେବା ସହ କୌଣସି ସରକାରୀ କାର୍ଯ୍ୟକ୍ରମରେ ଦୁରଆ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି । ଏହା ସହ ଜୟପୁର ନାଗରିକ କମିଟି ତରଫରୁ ଆଇନର ଆଶ୍ରୟ ନେଲେ ସବୁ କିଛି ସହଯୋଗ କରିବାକୁ ସଭାପତି ମିନକେତନ ଦାସ ସୂଚନା ଦେଇଛନ୍ତି । ପ୍ରତ୍ୟେକ ବର୍ଷ ସାଂସଦଙ୍କୁ ଏପରିକି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମକୁ ମଧ ସାକ୍ଷାତ କରି ଦୁରୁଆଙ୍କ ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ ଜଣାଇଥିଲେ । କିନ୍ତୁ କୌଣସି ବିଧାୟକ, ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀ ଦୁଃଖ ବୁଝିଲେ ନାହିଁ । ୨୦୧୧ ମସିହା ଜନଗଣନା ତାଲିକାରେ ଦୁରୁଆ ଗୋଷ୍ଠୀକୁ ଧାରୁଆ, ଧୁବ, ଦୁରୁଆ ଏପରି ୩ ପ୍ରକାର ଲେଖାଯାଇଛି । ଦୁରାଅଙ୍କ ସୁବିଚାର ପାଇ ତହସିଲଦାର, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଯାଏ ସମସ୍ତଙ୍କୁ ନିବେଦନ କରିଆସୁଥିଲେ ମଧ କିଛି ପଦକ୍ଷେପ ନିଯାଉ ନାହିଁ । ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ଗ୍ରାମକୁ ଯାଇ ହଜାର ହଜାର ଲୋକଙ୍କ ସମ୍ମୁଖରେ ଦୁରୁଆକୁ ବନବାସୀ ମାନ୍ୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ବିଜେଡି ସରକାର ପ୍ରତାରଣା କରିଛି । ଜଙ୍ଗଲ ଜମି ପଟାରେ ଦୁରୁଆକୁ ଆଦିବାସୀ ବୋଲି ଲେଖାଯାଉଥିଲେ ବି ଦୁରୁଆ ରୁପେ ସରକାର ସ୍ୱିକୃତୀ ମିଳୁ ନାହିଁ । ଦୁରଆ ମାନେ ଶ୍ରୀରାମ ଚନ୍ଦ୍ର , ଲକ୍ଷ୍ମଣ ଓ ସୀତା ଦେବୀଙ୍କୁ ସବରି ନଦୀ ପାର କରିବା ଠାରୁ ଗୁପ୍ତେଶ୍ୱର ମହାଦେବ ଙ୍କ ପୁଜା କାମ ରେ ମଧ ନିଯୁକ୍ତ ହୋଇ ପରମ୍ପରାକୁ ବଜାୟ ରଖିଛନ୍ତି । ସବରୀ ନଦୀର ଓଡିଶା ଅଂଚଳରେ ବାସ କରୁଥିବା ଦୁରୁଆ ମାନଙ୍କୁ ସରକାରୀ ମାନ୍ୟତା ମିଳୁ ନଥିବାବେଳେ ଛତିଶଗଡ ସରକାର ନଦୀ ସେପଟେ ଥିବା ଦୁରୁଆ ମାନଙ୍କୁ ବନବାସୀ ମାନ୍ୟତା ଦେଇଛନ୍ତି । ଯଦି ରାଜ୍ୟ ସରକାର ଦାବୀ ନ ମାନନ୍ତି ତେବେ ସେମାନେ ଛତିଶଗଡକୁ ଚାଲି ଯିବେ, କିମ୍ବା ଦୁରୁଆ ଅଂଚଳ ସବୁ ଛତିଶଗଡରେ ମିଶିବା ପାଇ ଚେଷ୍ଟା କରିବେ । ଛତିଶଗଡ ଭୋଟର ତାଲିକାରେ ସେ ମାନଙ୍କ ନାମ ଚଢାଇବେ ଓଡିଶା ନେତାଙ୍କୁ ଭୋଟ ବର୍ଜନ କରିବେ ବୋଲି ନିଷ୍ପତି ନେଇଛନ୍ତି ।

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଂଟନ

କେନ୍ଦ୍ରାପଡ଼ା,୨୯/୧୨ (ନି.ପ୍ର): କେନ୍ଦ୍ରାପଡାର ଲୋକପ୍ରିୟ ସେବା ସଂଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଂଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଶ୍ରୀ ବଳଦେବଜୀୟୁଙ୍କ ତୁଳସୀକ୍ଷେତ୍ର ଠାରୁ ଆରମ୍ଭ କରି ଶ୍ରୀ ଜଗନ୍ନାଥ ଧାମ ପୁରୀ ଶ୍ରୀକ୍ଷେତ୍ରରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଶୀତଦିନେ ବାସଗୃହ ନଥିବା ଓ ଏଣେତେଣେ ରାସ୍ତାକଡ ଓ ଖୋଲା ସ୍ଥାନରେ ରହୁଥିବା ଅସହାୟ ବ୍ୟକ୍ତି ମାନଙ୍କୁ ଶୀତ କଭଳରୁ ରକ୍ଷା କରିବା ପାଇଁ କମ୍ବଳ, ଶାଲ ଓ ଅନ୍ୟାନ୍ୟ ଶୀତବସ୍ତ୍ର ଯୋଗାଇ ଦିଆଯାଇଛି । ପ୍ରାୟ ୨୦୦୦ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଂଟନ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତ ପରିଡା, ମୋହନ ମହାରଣା, ରାଜେଶ ସ୍ୱାଇଁ, ତୃପ୍ତୀ ପଣ୍ଡା, ଶାନ୍ତନୁ ମଲିକ, କେଦାର ସ୍ୱାଇଁ, ମକର ବେହେରା ପ୍ରମୁଖ ପରିଚାଳନା କରିଥିବା ଜଣାପଡିଛି ।

## ଅସହାୟଙ୍କୁ କମ୍ବଳ ଏବଂ ରନ୍ଧାଖାଦ୍ୟ ବାଂଟିଲେ ସମାଜସେବୀ

ନୂଆପଡ଼ା,୨୯/୧୨ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ସହର ସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ କମ୍ବଳ ଏବଂ ରନ୍ଧାଖାଦ୍ୟ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିନାପାଲି ସହରର ବିଶିଷ୍ଟ ସମାଜସେବୀ ପ୍ରଦିପ କୁମାର ଜୈନଙ୍କ ମାତା ରୁକ୍ମଣୀ ଜୈନଙ୍କ କରକମଳରେ ଏହି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିନାପାଲି ଅଂଚଳର ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ଏବଂ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ଶୀତ ଦାଉରୁ ରକ୍ଷା ପାଇଁ କମ୍ବଳ ଏବଂ ଖାଇବା ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା ।

## ଭାରତୀ ବିଦ୍ୟା ମନ୍ଦିରର ନୂତନ ପରିଚାଳନା କମିଟି ଗଠନ

କେନ୍ଦ୍ରାପଡ଼ା,୨୯/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ତିନିମୁହାଣୀ ନିକଟବର୍ତ୍ତୀ ବାରତୀ ବିଦ୍ୟାମନ୍ଦିର ର ନୂତନ ପାରିଚାଳନା କମିଟି ଗଠନ କରାଯାଇଛି । ଏଥିରେ ଅଶୋକ କୁମରା ଦାସ ସଭାପତି ହୋଇଥିବା ବେଳେ ଶାନ୍ତି ସ୍ୱରୂପ ଭୂୟାଁ ସଂପାଦକ ଭାବେ ମନୋନିତ୍ୱ ହୋଇଛନ୍ତି । ସେହିଭଳି ଅଶ୍ୱନୀ କୁମାର ସାହୁ ଉପ ସଭାପତି, ଜୟନ୍ତ ଚକ୍ରବର୍ତ୍ତୀ ଯୁଗ୍ମ ସଂପାଦକ, ବୈଷ୍ଣବ ଚରଣ ଦାସ କୋଷାଧକ୍ଷ ଓ ମାନିନୀ ବେହେରା ପ୍ରଧାନ ଆଚାର୍ଯ୍ୟା, ବିଜୟିନୀ ଦାସ ସଦସ୍ୟ ଭାବେ ମନୋନିତ୍ୱ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ବବିନ ସେନାପତି, ଶୁଶାନ୍ତ କୁମାର ନାୟକ, ପ୍ରଭାତ କୁମାର ମହାନ୍ତି, ପ୍ରେମାନନ୍ଦ କର ଓ ତପନ କୁମାର ମହାନ୍ତି ସଦସ୍ୟ ଥିବା ଜଣାପଡିଛି ।

# ପଶୁମାନଙ୍କ ପ୍ରତି ଅତ୍ୟାଚାର ରୋକିବା ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନ

ଗଂଜାମ,୨୯/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତଥିବା ପଶୁ ସୁରକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ପ୍ରୋତ୍ସାହନ ଦିଆଯିବ । ଜିଲ୍ଲାର ପଶୁ ସମ୍ପଦ ସୁରକ୍ଷା ସକାଶେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ନେଇ ଜିଲ୍ଲା ସ୍ତରୀୟ କମିଟି ବୈଠକରେ ଆଲୋଚନା ହୋଇଯାଇଛି । ମଙ୍ଗଳବାର ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷଠାରେ ପଶୁମାନଙ୍କ ପ୍ରତି ଅତ୍ୟାଚାର ରୋକିବା ଘେନି ଜିଲ୍ଲା ସ୍ତରୀୟ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ସଭ୍ୟ ଗଣ ନିଜ ନିଜ ମତାମତ ଉପସ୍ଥାପନ କରି ପଶୁ ସମ୍ପଦର ସୁରକ୍ଷା ସକାଶେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଇଥିଲେ । ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲାସ୍ତରୀୟ କମିଟି ଗଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏହାର ସଭାପତି ଥିବା ସ୍ଥଳେ ଆରକ୍ଷୀ ଅଧିକ୍ଷକ ପ୍ରଥମ ଉପସଭାପତି, ଦ୍ୱିତୀୟ ଉପସଭାପତି ଭାବେ ବେସରକାରୀ ପଶୁପାଳକ ମାଲିକ ଡି. ବିଶ୍ୱନାଥ, ସମ୍ପାଦକ ଭାବେ ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀ ଡଃ ଦେବରାଜ ବେହେରା, ଯୁଗ୍ମ ସମ୍ପାଦକ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, କୋଷାଧକ୍ଷ ଭାବେ ସିଡିପିଓ କାର ?ୟାଳୟର ପରିସଂଖ୍ୟନ ଗଣନାକାରୀ ପ୍ରଶାନ୍ତ କୁମାର ମିଶ୍ର ଏବଂ ସଭ୍ୟ ଭାବେ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଏବଂ ପଞ୍ଜୀକୃତ ହୋଇଥିବା ଗୋଶାଳାର ପ୍ରତିନିଧି କୈଳାଶ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ବେହେରା, ପଶୁ ସମ୍ପଦ ସୁରକ୍ଷାକାରୀ ଲଲାଟେନ୍ଦୁ ଚୌଧୁରୀ, ବିଜୁ ଲେଙ୍କା ପ୍ରମୁଖ ସଭ୍ୟ ଗଣ ଏହି ଜିଲ୍ଲା ସ୍ତରୀୟ କମିଟିର ଦାୟିତ୍ୱ ନିର୍ବାହ କରିବେ । ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ପଶୁ ସମ୍ପଦର ସୁରକ୍ଷା ଦିଗରେ କାର୍ଯ୍ୟରତ ସେହି ଅନୁଷ୍ଠାନ ଗୁଡିକୁ ପ୍ରୋତ୍ସାହନ ପୂର୍ବକ ଆର୍ଥିକ ସହାୟତା ପ୍ରଦାନ ସହିତ ସେମାନଙ୍କୁ ମହତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବ । ସେହି ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପଶୁ ସମ୍ପଦର ସୁରକ୍ଷା,ସେମାନଙ୍କ ଖାଦ୍ୟପେୟ, ରହିବା ବ୍ୟବସ୍ଥା ଏବଂ ଚିକିତ୍ସା ଦିଗରେ ସତର୍କ ମୂଳକ ପଦକ୍ଷେପ ଘେନି ପଶୁ ସମ୍ପଦର ସୁରକ୍ଷା ନେଇପାରିବେ । ଏହି ମହତ୍ କାର୍ଯ୍ୟ ସମ୍ପାଦନ ସକାଶେ ଇଚ୍ଛୁକ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯିବ । ସେମାନେ ଉପରୋକ୍ତ କାର୍ଯ୍ୟ ସୁଚାରୁ ରୁପେ ସଂପାଦନ କରୁଥିବେ ତେବେ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି ଦିଗରେ ଜିଲ୍ଲା କମିଟି ପଦକ୍ଷେପ ଗ୍ରହଣ କରିବେ । ପଶୁ ସମ୍ପଦର ସୁରକ୍ଷା ଓ ଦୁର୍ଘଟଣା ଜନିତ ସେବା ସୁଶ୍ରୁଷା ଯୋଗାଉଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନଙ୍କୁ ପ୍ରୋତ୍ସାହନ ଦେବା ନିମିତ ସଭ୍ୟଗଣ ମତାମତ ରଖିଥିଲେ । ଜିଲ୍ଲାରେ ସମ୍ପ୍ରତି ଗୋଟିଏ ମାତ୍ର ପଶୁ ସେବା ଆମ୍ବୁଲାନ୍ସ କାର୍ଯ୍ୟ କରୁଛି । ଯାହାକି, ୨୪ ଘଂଟା ସେବା ଯୋଗାଇବାରେ ଅସମ୍ଭବ ହୋଇପଡୁଛି । ଏଣୁ ଆଉ ଗୋଟିଏ ଆମ୍ବୁଲାନ୍ସର ଆବଶ୍ୟକତା ଦିଗରେ ଗୁରୁତ୍ୱ ଦିଆଯାଇଥିଲା ।

# ଓଡିଶା ଫାର୍ମାସିଷ୍ଟ ସଂଘ କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

କନ୍ଧମାଳ,୨୯/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ମହାସିଙ୍ଗ ଠାରେ ଓଡିଶା ଫାର୍ମାସିଷ୍ଟ ସଂଘ କନ୍ଧମାଳ ଶାଖାର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଉପାନ୍ତ ଅଂଚଳରେ ଜିଲ୍ଲାର ସମସ୍ତ ଫାର୍ମାସିଷ୍ଟ ମାନେ ନିଷ୍ଠାର ସହିତ ଲୋକଙ୍କୁ ସେବା ଯୋଗାଇ ଆସିଛନ୍ତି । ହେଲେ ସେମାନଙ୍କର ପ୍ରତି ରାଜ୍ୟ ସରକାରଙ୍କର ବୈମାତୃକ ଭାବ ପାଇଁଉପସ୍ଥିତ ଫାର୍ମାସିଷ୍ଟ ମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହାର ପ୍ରତିବାଦରେ ଚଳିତ ମାସ ୨୮ ତାରିଖ ଠାରୁ ଜିଲ୍ଲା ଶାଖାର କର୍ମଚାରୀ ମାନେ ରୋଗୀ ମାନଙ୍କୁ କେବଳ ଔଷଧ ଦେବା ବ୍ୟତୀତ ସରକାରଙ୍କର କାୟାକଳ୍ପ ,ଅନଲାଇ ରିପୋର୍ଟଇତ୍ୟାଦି କାମକୁ ବନ୍ଦ କରିବାକୁ ନିଷ୍ପତି ଉପସ୍ଥିତ ସଭ୍ୟ ମାନଙ୍କ ଦ୍ୱାରା ନିଆଯାଇଛି । ଆସନ୍ତା ଜାନୁୟାରୀ ୧୭ ତାରିଖ ମଧ୍ୟରେ ସରକାର ସେମାନଙ୍କର ଏହି ଦାବୀକୁ ନ ଶୁଣିଲେ ସେମାନେ ସେହି ଦିନଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ମଧ୍ୟ ନିଷ୍ପତି ନେଇଥିବା ନେଇ ସଂଘର ଜିଲ୍ଲା ଶାଖା ପକ୍ଷରୁ ସୂଚନା ଦିଆଯାଇଛି । ଉପୋରୋକ୍ତ ବୈଠକରେ ୨୦୨୨-୨୪ ବର୍ଷ ନିମନ୍ତେ ନୁତନ କର୍ମକର୍ତା ଚୟନ କରାଯାଇଛି । ସଂଘର ସଭାପତି ଭାବରେ ସୂର୍ଯ୍ୟନାରାୟଣ ମିଶ୍ରଙ୍କୁ ଏବଂ ସମ୍ପାଦକ ଭାବରେ ବିଭୁତି ସାହୁଙ୍କୁସମ୍ପାଦକ ଭାବରେ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି ।

# ଆସିକା ଚିନି କଳର ଆଧୁନିକ କରଣ ହେବ: ଜିଲ୍ଲାପାଳ

ଗଂଜାମ,୨୯/୧୨ (ନି.ପ୍ର): ଆସିକା ଠାରେଥିବା ଚିନି ଶିଳ୍ପର ଆଧୁନିକ କରଣ କରିବାନେଇ ଜ଼ିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ପରିଚାଳନା ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି ଓ ଜିଲ୍ଲାପାଳ ଶ୍ରୀ କୁଲାଙ୍ଗେ ଆସିକା ଚିନିଶିଳ୍ପ ଗସ୍ତରେ ଯାଇ ଶିଳ୍ପର ବିଭିନ୍ନ ସ୍ଥିତି ସମୀକ୍ଷା କରିବା ପରେ ବହୁ ପାରାତନ ଏହି ଶିଳ୍ପକୁ ଆଧୁନିକକରଣ କରିବା କରିବା ପାଇଁ ଆବଶ୍ୟକୀୟ ମତାମତ ନେବା ପାଇଁ ସୁଦକ୍ଷ ବ୍ୟକ୍ତି ବିଶେଷଙ୍କ ଠାରୁ ପରାମର୍ଶ ନେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜ଼ିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ୬ କୋଟି ୪୪ ଲକ୍ଷ ଅର୍ଥ ବିନମୟରେ କାର୍ଯ୍ୟକାରୀ ହୋଇଥିବା ଡିଷ୍ଟାଲାରୀ ପ୍ଲାଂଟର କାର୍ଯ୍ୟକ୍ଷମ ଯେପରି ଆଗାମୀ ଦୁଇମାସ ମଧ୍ୟରେ ଶେଷ ହେବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ଆସିକା ବଟଲିଙ୍ଗ ପ୍ଲାଂଟଟିକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରିବା ସକାଶେ ପଦେକ୍ଷପ ଗ୍ରହଣ କରାଯିବ ଓ ଆଖୁ ପ୍ରୋସେସିଂଗ ପ୍ଲାଂଟ ୟୁନିଟ ଆଗାମୀ ଜାନୁଆରୀ ୧୦ ସୁଦ୍ଧା ଯେପରି କାର୍ଯ୍ୟକ୍ଷମ ହେବ ସେଥିନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ ଓ ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ନାୟକ, ସମବାୟ ସେମିତିର ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ, ଚିନି କଳର ସମ୍ପାଦକ ଚନ୍ଦ୍ରଶେଖର ରେଡ୍ଡୀ, କାରଖାନାର ଅନ୍ୟାନ୍ୟ କର୍ତ୍ତୃପକ୍ଷ ଏବଂ ବୈଶାୟିକ କର୍ମଚାରୀଗଣ ଉପସ୍ଥିତ ଥିଲେ ।

# ବରସାନା









ଉତ୍ତରପ୍ରଦେଶର ମଥୁରାଠାରୁ ୪୦ କିମି ଦୂରରେ ଅବସ୍ଥିତ ଏକ ମନୋରମ ଗାଁ ବରସାନା । ରାଧାଙ୍କ ଜନ୍ମସ୍ଥାନ ଭାବେ ଏହି ଗାଁ ଦେଶ ବିଦେଶରେ ପରିଚିତ । କେବଳ ରାଧାଙ୍କ ଜନ୍ମସ୍ଥାନ ନୁହେଁ, ବରଂ ଏଠାକାର ନିଆରା ହୋଲି ଖେଳ ପାଇଁ ମଧ ପ୍ରସିଦ୍ଧ ବରସାନା । ବରସାନାର ଅନ୍ୟ ନାଁ ବୃଷଭାନୁପୁର । ପାଖକୁ ପାଖ ଲାଗି ରହିଥିବା ଦୁଇଟି ପାହାଡ଼ ମଧ୍ୟରେ ଅବସ୍ଥିତ ବରସାନାଗାଁ । ଏହି ଦୁଇଟି ପାହାଡ଼କୁ ଯଥାକ୍ରମେ ବ୍ରହ୍ମା ଓ ବିଷ୍ଣୁ ପାହାଡ଼ ବୋଲି କୁହାଯାଏ । ଏହି ଦୁଇଟି ପାହାଡ଼ର ଚାରୋଟି ଚୁଡ଼ା ଯଥାକ୍ରମେ ଭାନୁଗଡ଼, ମାନଗଡ଼, ଦାନଗଡ଼ ଏବଂ ବିଳାସଗଡ଼ ନାଁରେ ପରିଚିତ । ଏହି ଚାରୋଟି ଶୃଙ୍ଗକୁ ବ୍ରହ୍ମାଙ୍କର ଚାରି ମୁଣ୍ଡ ବୋଲି କୁହାଯାଏ । ବିଳାସଗଡ଼ ଚୂଡ଼ାକୁ ଛାଡ଼ିଦେଲେ ଅନ୍ୟ ତିନୋଟି ଚୂଡ଼ା ବ୍ରହ୍ମା ପାହାଡ଼ରେ ଅବସ୍ଥିତ । ବ୍ରହ୍ମା ପାହାଡ଼ର ପ୍ରତିଟି ଚୂଡ଼ାରେ ସୁନ୍ଦର କାରୁକାର୍ଯ୍ୟଭରା ମନ୍ଦିର ଅବସ୍ଥିତ । ଏହି ମନ୍ଦିତରଗୁଡ଼ିକ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଉଦ୍ଦେଶ୍ୟରେ ସମର୍ପିତ । ବରସାନା ଏହାର ଆକର୍ଷଣୀୟ 'ଲାଠମାର ହୋଲି' ପାଇଁ ଲୋକପ୍ରିୟ । ପଡ଼ୋଶୀ ନନ୍ଦଗାଓଁରୁ ଲୋକମାନେ ବରସାନା ହୋଲି ଖେଳିବା ପାଇଁ ଆସିଥିବା ବେଳେ ବରସାନାର ଲୋକମାନେ ଠେଙ୍ଗାରେ ସେମାନଙ୍କୁ ପ୍ରତିରୋଧ କରୁଥିବାରୁ ଏହାକୁ ଲାଠମାର ହେଲି କୁହାଯାଏ । ବରସାନାର ପାହାଡ଼ ଚୂଡ଼ାରେ ଥିବା ମନ୍ଦିର ଗୁଡ଼ିକ ବିଷୟରେ ନିମ୍ନରେ ଉଲ୍ଲେଖ କରାଯାଇଛି ।

## ଶ୍ରୀଜୀ ମନ୍ଦିର

ସ୍ଥାନୀୟ ଲୋକେ ଏହାକୁ ଲାଡ଼ଲି ଲାଲ୍ ମନ୍ଦିର ବୋଲି କହିଥାନ୍ତି । ଏହା ଭାନୁଗଡ଼ ଚୂଡ଼ାରେ ଅବସ୍ଥିତ । ମୋଗଲ ସମ୍ରାଟ୍ ଆକବରଙ୍କ ଶାସନ କାଳରେ ଏହି ମନ୍ଦିରଟିର ମରାମତି କରାଯାଇଥିବାରୁ ଏଥିରେ ମୋଗଲ ସ୍ଥାପତ୍ୟର ଝଲକ ଦେଖିବାକୁ ମିଳେ ।

## ରାଧାକୃଷ୍ଣ ଭଣ୍ଡାରି ମନ୍ଦିର



ଏହି ମନ୍ଦିରଟି ବରସାନାର ଆଉ ଏକ ଭବ୍ୟ ମନ୍ଦିର । ଏହାକୁ ଜଣେ ରାଜପୁତ ଶାସକ ନିର୍ମାଣ କରିଥିଲେ ଯିଏ କି ରାଧା-କୃଷ୍ଣଙ୍କ ପରମ ଭକ୍ତ ଥିଲେ ବୋଲି ଶୁଣିବାକୁ ମିଳେ । ଏହି ମନ୍ଦିରଟିର କାରୁକାର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ମନ୍ଦିର ପରିସରରେ ରାଧାରାଣୀଙ୍କର ଏକ ସୁନ୍ଦର ମୋହମୟୀ ମୂର୍ତ୍ତି ଶୋଭା ପାଇଥାଏ । ଏହା ହେଉଛି ବରସାନାର ଏକମାତ୍ର ମନ୍ଦିର ଯାହା କେବଳ ଶ୍ରୀରାଧାଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

### କେତେବେଳେ ଯିବେ

ବରସାନା ଯିବାର ଉପଯୁକ୍ତ ସମୟ ହେଉଛି ଅକ୍ଟୋବରରୁ ଏପ୍ରିଲ । ଏହି ସମୟ ମଧ୍ୟରେ ବରସାନାର ପରିବେଶ ଖୁବ ସୁନ୍ଦର ଥାଏ । ତେବେ ହୋଲି ସମୟରେ ଏହି ଗାଁ ଟିରେ ପ୍ରବଳ ଜନଗହଳି ଲାଗି ରହେ । ସେହିପରି ଜନ୍ମାଷ୍ଟମୀ ସମୟରେ ମଧ ଏହି ସ୍ଥାନର ପାରିପାର୍ଶିକ ପରିସ୍ଥିତି ଉତ୍ସବମୁଖର ହୋଇଉଠେ ।

### କିପରି ଯିବେ

ବିମାନ ଯୋଗେ ଯିବାକୁ ଯାଉଥିଲେ ପର୍ଯ୍ୟଟକମାନଙ୍କ ପାଖରେ ଦୁଇଟି ବିକଳ୍ପ ଅଛି । ଗୋଟିଏ ହେଉଛି ଆଗ୍ରା ବିମାନ ବନ୍ଦର ଯାହା ବରସାନାରୁ ପ୍ରାୟ ୧୦୨ କିମି ଦୂରରେ ଅବସ୍ଥିତ । ନହେଲେ ଦିଲ୍ଲୀ ବିମାନ ବନ୍ଦର ଯାହାର ଦୂରତ୍ୱ ବରସାନାଠାରୁ ପ୍ରାୟ ୧୧୧ କିମି ହେବ । ବରସାନାର ନିକଟତମ ରେଳଷ୍ଟେସନ ହେଉଛି କୋସି କାଲାନ ଯାହା ବରସାନପା ଠାରୁ ପ୍ରାୟ ୧୦କିମି ଦୂରରେ ଅବସ୍ଥିତ । ନଚେତ ଜଣେ ଇଚ୍ଛା କଲେ ମଥୁରା ପର୍ଯ୍ୟନ୍ତ ଯାଇ ସେଠାରୁ ବରସାନା ଯାଇପାରିବେ । ବରସାନାଠାରୁ ମଥୁରାର ଦୂରତ୍ୱ ୫୦କିମି । ବରସାନା ଦିଲ୍ଲୀ, ଆଗ୍ରା, ମଥୁରା ଭଳି ସହର ସହିତ ସଡ଼କ ପପଥରେ ସଂଯୁକ୍ତ ।

# ୫ଟି ଆଳୁ ଚିପ୍ସ, ମୂଲ୍ୟ ୪,୪୦୦ଟଙ୍କା



ବଜାରରେ ଆଳୁ ଚିପ୍ସର ଚାହିଦା ଏବେ ବେଶ ଅଧିକ ରହିଛି । ଭିନ୍ନଭିନ୍ନ କମ୍ପାନୀ ଏହାର ମାର୍କେଟିଂରେ ବିପୁଳ ଅର୍ଥ ମଧ ଖର୍ଚ୍ଚ କରୁଛନ୍ତି । ସାଧାରଣତଃ ଏହାର ମୂଲ୍ୟ ୫ରୁ ୫୦ଟଙ୍କା ମଧ୍ୟରେ ରହିଥିବା ଦେଖିବାକୁ ମିଳିଛି । ମାତ୍ର ଆମେ ଯେଉଁ ଆଳୁ ଚିପ୍ସ କଥା କହିବାକୁ ଯାଉଛୁ ତା'ର ମୂଲ୍ୟ ହେଉଛି ସାଢ଼େ ୪ହଜାର ଟଙ୍କା । ଆଉ ଏହି ଚିପ୍ସ କଥା କହିବାକୁ ଯାଉଛୁ ତା'ର ମୂଲ୍ୟ ହେଉଛି ସାଢ଼େ ୪ହଜାର ଟଙ୍କା । ଆଉ ଏହି ଚିପ୍ସ ପ୍ୟାକେଟରେ ରହୁଛି ମାତ୍ର ୫ଟି ଚିପ୍ସ । ତିନିବର୍ଷ ତଳେ ସ୍ୱିଡେନର ଏକ କମ୍ପାନୀ ଏହି ଚିପ୍ସକୁ ବଜାରକୁ ଆଣିଥିଲା । ସେତେବେଳେ ଏହା ବଡ଼ ଚର୍ଚ୍ଚା ସୃଷ୍ଟି କରଇଥିଲା । ଏକ ଆକର୍ଷଣୀୟ ବକ୍ସରେ ମାତ୍ର ୫ଟି ଚିପ୍ସ ରଖିକମ୍ପାନୀ ବଜାରକୁ ଏହି ଉତ୍ପାଦ ଆଣିଥିଲା । ବେଳେ ଲୋକେ ଏହାକୁ ଗ୍ରହଣ କରିବେ ନା ନାହିଁ ତାହା ସେତେବେଳେ ଆଲୋଚନାର ବିଷୟ ଥିଲା । ମାତ୍ର ଏବେ ଏହି ଚିପ୍ସ ବେଶ ଲୋକପ୍ରିୟ ହେବାରେ ଲାଗିଛି । କମ୍ପାନୀ ପକ୍ଷରୁ କୁହାଯାଇଛି । ଦେଶର ପାର୍ବତୀୟ ଅଞ୍ଚଳ ଆମାରନାସ ଅଞ୍ଚଳରେ ଏହି ଆଳୁର ଉତ୍ପାଦନ ହେଉଛି । ଏହି ଆଳୁ ବର୍ଷକୁ ମାତ୍ର ଗୋଟିଏ ଥର ଫସଲ ହୋଇଥାଏ । ସେହିପରି ଏଥିରେ ଏକ ସ୍ୱତନ୍ତ୍ର ପ୍ରଜାତିର ଛତୁକୁ ମଧ ମିଶାଯାଉଛି । ସେହିପରି ଅଷ୍ଟ୍ରେଲିଆର ଏକ ଦ୍ୱୀପରେ ମିଳୁଥିବା କ୍ରାଉନଡିଲ ଗଛର ମଧ ଉପଯୋଗ ଏଥିରେ ହେଉଛି । ତେଣୁ ଏହାର ମୂଲ୍ୟ ୪୪୦୦ଟଙ୍କା ରଖାଯାଇଛି ।

# ଘରୋଇ ଜିନିଷକୁ ନେଇ ସତର୍କତା

ଅଧିକାଂଶ ଲୋକେ ନିଜ ଘରର ଜିନିଷକୁ ନେଇ ବେଶ୍ ସଚେତନ ଥାନ୍ତି ହେଲେ କେତେଜଣ ମଧ୍ୟ ଘରେ ବ୍ୟବହୃତ ହେଉଥିବା ଜିନିଷର କୁପ୍ରଭାବ ଜାଣିଥାନ୍ତି । ଏକ ସର୍ବେକ୍ଷଣରୁ ଜଣାଡ଼ିଛି, କେତେପ୍ରକାର ଧୂପକାଠିରେ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଏହିସବୁ କାରଣରୁ ଅନେକଙ୍କ ଶ୍ୱାସ ସଂକ୍ରମଣ ହେଉଥିବାର ଜଣାପଡ଼ିଛି । ରୁମ୍ ହିଟର ବ୍ୟବହୃତ କରୁଥିବା ଲୋକେ ବେଶ୍ ସତର୍କ ରହିବା ଉଚିତ । କାରଣ ଏହା କକ୍ଷରେ ଅମ୍ଳଜାନର ମାତ୍ରାକୁ ନିୟନ୍ତ୍ରଣ କରେ । ପୂରାରାତି ଏହି ଯନ୍ତ୍ରକୁ ଲଗାଇ ଶୋଇବା ହାନିକାରକ । ମହମବତୀର ବ୍ୟବହାର ଶୋଇବାବେଳେ ନକରିବା ଉଚିତ । ଏଥିରେ ମହଜୁଦ ଥିବା ବେଞ୍ଜିନ ପରି ବିଷାକ୍ତ ପଦାର୍ଥ ନିଶ୍ୱାସପ୍ରଶ୍ୱାସରେ ବାଧା ଉତ୍ପନ୍ନ କରେ । ଆଜିକାଲି ଏୟାର ଫ୍ରେଶନରର ବହୁଳ ବ୍ୟବହାର ହେଉଥିବାର ଦେଖାଯାଉଛି । ଏଥିରେ ଥିବା ତତ୍ତ୍ୱମାନ ହରମାନ ଅସମତୁଳତା ସହ ନିଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରେ । ନିକଟରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ କପଡ଼ାକୁ ଡ୍ରାଏ-କ୍ଲିନ୍ କରିବା ପାଇଁ ପରଫ୍ଲୋରୋଇଥିଲିନ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଏ । ଏହା ଯକୃତ, ବୃକକ ତଥା ନର୍ଭସ ସିଷ୍ଟମକୁ ପ୍ରଭାବିତ କରେ ।

# ଲେଗିଂସ୍- ଜୋତା କମ୍ବିନେସନ୍

ଆରାମଦାୟକ ପୋଷାକ ତାଲିକାରେ ଲେଗିଂସ୍ ଅନ୍ୟତମ । କୁର୍ତ୍ତାରୁ ଟପ୍, ଟ୍ରେଞ୍ଚ କୋଟରୁ ଅନାରକଳି ସହିତ ଆରାମରେ ଟିମ୍ ଅପ୍ ହୋଇପାରୁଥିବା ପୋଷାକ । କିନ୍ତୁ ଏହା ସହିତ କିଭଳି ଜୋତା ପେୟାର ଅପ୍ କଲେ ଭଲ ଲାଗିବ ଜାଣନ୍ତିକି ?

## ବ୍ୟାଲେରିନା



ଲେଗିଂସ୍ ସହିତ ବ୍ୟାଲେରିନା ଭଲ ମାନିବ । ଏହା ଯଥେଷ୍ଟ ଲୋ- କଟ ଜୋତା । ଫଳରେ ଜୋତା ଏବଂ ଲେଗିଂସ୍ ମଝିରେ ବେଶ୍ କିଛି ଅଂଶ ଫାଙ୍କା ଥାଏ, ଯାହା ଗୋଟିଏ ଦୃଷ୍ଟିରୁ ଭଲ । ଏଥିରେ ଭିଜୁଆଲ ବ୍ରେକ୍ ମିଳିଥାଏ । ମେଟାଲିକ୍ ବ୍ୟାଲେରିନା ଟ୍ରାଏ କରିପାରନ୍ତି ଏହି ଋତୁରେ । ବିଶେଷ କରି ସିଲଭର କଲର ବ୍ୟାଲେରିନା ଯେକୌଣସି ପୋଷାକ ସହିତ ମ୍ୟାଚ୍ କରିବ । ଗୋଲ୍ଡେନ କିମ୍ବା ଆର୍ଥ ଟୋନ୍ ମଧ ଭଲ ରହିବ । ଗ୍ଲିଟରି ଜୋତା ଇଚ୍ଛା ନଥିଲେ ମ୍ୟାଟ୍ ଫିନିଶ୍ ବ୍ୟାଲେରିନା ଆପଣଙ୍କ ପାଇଁ ଉପଯୁକ୍ତ ।

## ବୁଟ୍



ଲେଗିଂସ ସହିତ ଯେକୌଣସି ଉଚ୍ଚତାର ବୁଟ୍ ମଧ ଭଲ ମାନିବ । ତେବେ ଏ କ୍ଷେତ୍ରରେ ଲେଗିଂସ୍ ଯେମିତି ଟିକେ ଅନ୍ୟ ଧରଣର ହୋଇଥିବା ଦରକାର । ଯେମିତିକି ଟ୍ରାଇବାଲ କି ଜିଓମେଟ୍ରିକ୍ ପ୍ରିଣ୍ଟର । ପ୍ରକୃତ କଥା ହେଲା ଲେଗିଂସ ପିନ୍ଧିଲେ ପାଦର କିଛି ଅଂଶ ଟିକେ ଭାରୀ ଦେଖାଯାଏ । ସେଇ ସମସ୍ୟା ଦୂର କରିବାକୁ ଚାହିଁଲେ ଲମ୍ବା ବୁଟ୍ ପିନ୍ଧିପାରିବେ । କାଜୁଆଲ ଲୁକ୍ ପାଇଁ ଫ୍ଲାଟ, ଲେସ୍ ଅପ୍, କମ୍ବାଟ୍, ସ୍ଲାଉଚି କିମ୍ବା ରାଇଡିଂ ବୁଟ୍ ବାଛି ପାରନ୍ତି ।

## ବ୍ୟାଲେରିନା ସ୍ନିକର

ଯେକୌଣସି ଫିଟେଡ୍ ସ୍ନିକର ଲେଗିଂସ ସହିତ ଖାପ ଖାଇଥାଏ । ବିଶେଷ କରି ବ୍ୟାଲେରିନା ସ୍ନିକର ପାଦରେ ଗଳାଇ ପାରନ୍ତି ଲେଗିଂସ୍ ସହିତ । ଏହା ବ୍ୟତୀତ ଲେସ୍ ଅପ୍ ସ୍ନିକର ପାଦରେ ଦେଲେ କ୍ଷତି ନାହିଁ । ବେଶ କାଜୁଆଲ ଏକ ଲୁକ୍ ମିଳିବ ଯାହା ଯଥେଷ୍ଟ କୁଲ ଲୁକ୍ ଦେଇଥାଏ ।

# ଘରକୁ ଦିଅନ୍ତୁ ଗ୍ରୀନ୍ ଲୁକ୍

ସଫାସୁତୁରା ସାଙ୍ଗକୁ ସଜାସଜି ହୋଇଥିବା ଘର ମନକୁ ବେଶ୍ ପ୍ରଫୁଲ୍ଲିତ ରଖିଥାଏ । ସକାରାତ୍ମକ ଭାବନା ସୃଷ୍ଟି କରେ ଓ ପରିବାରରେ ଶାନ୍ତି ବଜାୟ ରଖିଥାଏ । ଏଣୁ ଆପଣ ଯଦି ଘରକୁ ସଜାଇବାକୁ ଚାହୁଁଥାନ୍ତି, ଏଭଳି ସଜାଇ ପାରିବେ ।









- ପ୍ରଥମେ ଲିଭିଂ ବା ଡ୍ରଇଂ ରୁମରେ ହାଲକା ସବୁଜ ରଙ୍ଗର କାର୍ପେଟ ପକାନ୍ତୁ ।
- ଘର କାନ୍ଥରେ ସବୁଜ ରଙ୍ଗ ଦିଅନ୍ତୁ, ଏହାଦ୍ୱାରା ଆପଣ ଶାନ୍ତ ପରିବେଶ ଅନୁଭବ କରିପାରିବେ । କାନ୍ଥରେ ପ୍ରକୃତିର କିଛି ଫଟୋ ଟାଙ୍ଗିବା ସହିତ ଟେବୁଲ ଉପରେ ଫୁଲ ବା ଶୋ' ଗଛ ରଖିପାରିବେ ।
- ବେଡ୍ ରୁମକୁ ନିଜ ପସନ୍ଦର ରଙ୍ଗ ସହିତ ସବୁଜ ରଙ୍ଗ ମିଶାଇ ରଙ୍ଗୀନ କରିପାରିବେ । ପିଲୋ କଭର ଏବଂ ବେଡସିଟ୍ ମଧ ହାଲକା ସବୁଜ ରଙ୍ଗର ବାଛି ପାରିବେ । ଏହାଦ୍ୱାରା ଆପରଙ୍କ ବେଡରୁମର ଲୁକ୍ ନିଶ୍ଚୟ ଅଲଗା ଲାଗିବ ।
- ଷ୍ଟଡିରୁମ ଥିଲେ ସେଠି ମଧ ସବୁଜ ରଙ୍ଗ ଦେଇପାରିବେ । ଘର କାନ୍ଥରେ ରଙ୍ଗ ଦେବା ସମ୍ଭବ ନଥିଲେ, ଆସବାବପତ୍ରରେ ସବୁଜ ରଙ୍ଗ ଦେଇ ପାରିବେ ।
- ଗାଢ଼ ସବୁଜ ରଙ୍ଗରେ ରୋଷେଇ ଘର ଚମକି ଉଠିବ । ଏହାସହ ହାଲକା ହଳଦିଆ ରଙ୍ଗ ବ୍ୟବହାର କରନ୍ତୁ । ଏହି ରଙ୍ଗ ରୋଷେଇ ଘରେ ଫ୍ରେସ୍ ଲୁକ୍ ଦେବ ।
- ବାଥରୁମରେ ସବୁଜ ରଙ୍ଗ ଦେବା ସହ ବାଥରୁମର ସବୁ ସାମଗ୍ରୀ ସବୁଜ ରଙ୍ଗର ରଖନ୍ତୁ । ଫ୍ରେସ୍ ଲାଗିବ ।
- ଘର ଭିତରେ ମନିପ୍ଲାଣ୍ଟ କିମ୍ବା ଇନଡୋର ପ୍ଲାଣ୍ଟ ରଖିପାରିବେ । ଯାହା ଦ୍ୱାରା ଘରର ବାତାବରଣ ସକାରାତ୍ମ ହୋଇଥାଏ ।
- ଗାଢ଼ ରଙ୍ଗର ପରଦା ଟାଙ୍ଗିଲେ ଘର ଅଧିକ ସୁନ୍ଦର ଲାଗିଥାଏ । ତେଣୁ ଧଳା, ହାଲକା ସବୁଜ କିମ୍ବା ଅନ୍ୟ ହାଲକା ରଙ୍ଗର ପରଦା ଲଗାନ୍ତୁ ।
- ଫ୍ଲୋରାଲ ପ୍ରିଣ୍ଟର ପରଦା ମଧ ସୁନ୍ଦର ଲାଗିବ । ଏହି ପରଦା ଟାଙ୍ଗିବା ଦ୍ୱାରା ଘର ପ୍ରାକୃତିକ ଲାଗିବା ସହ ବେଶ୍ ଆନନ୍ଦ ଦେବ ।
- ଯଦି ବଡ଼ ବାଲକୋନି ଥାଏ ତାହାଲେ ସେଠାରେ ଆକର୍ଷଣୀୟ ରଙ୍ଗର ଏକ ବଡ଼ ଝୁଲଣା ଲଗାନ୍ତୁ । ବିଭିନ୍ନ ପ୍ରକାର ଗଛ ରଖନ୍ତୁ । ଏହାସହ
- ବଜାରରେ ମିଳୁଥିବା ସୁନ୍ଦର ଷ୍ଟାଚ୍ୟୁ ସେଠାରେ ରଖନ୍ତୁ ।
- ସବୁଠାରୁ ଅଧିକ ଆବଶ୍ୟକ ପା' ପୋଛ । ବେଡ୍ ପାଖରେ ସବୁଜ ରଙ୍ଗର ପାପୋଛ ରଖନ୍ତୁ । ଘର ବାହାରେ କଫି ରଙ୍ଗର ପାପୋଛ ରଖନ୍ତୁ । ଏହା ଘରକୁ ଏକ ସୁନ୍ଦର ଲୁକ୍ ଦେବ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନ୍ଧାର ଭିତରେ ନିର୍ବାଚନ...

ଦେଶବାସୀ ସମ୍ପ୍ରତି କରୋନା ସଂକ୍ରମଣଜନିତ ଯନ୍ତ୍ରଣା ଭିତର ଦେଇ ଗତି କରୁଛନ୍ତି । ଗୋଟିକ ପରେ ଗୋଟିଏ ସଂକ୍ରମଣ ଲହର ପରେ ଓମାଇକ୍ରନ୍ ପ୍ରଜାତିର ବିସ୍ତାର ସମସ୍ତଙ୍କ ଭିତରେ ଆତଙ୍କର ଲହର ମଧ ଆଣି ସାରିଛି । ବିଦେଶରେ ଓମାଇକ୍ରନର କାୟା ବିସ୍ତାର ସହିତ ବାହାରୁ ଆସୁଥିବା ନାଗରିକମାନଙ୍କ ଭିତରେ ଦେଖାଯାଉଥିବା ଲକ୍ଷଣଜନିତ ଜଟିଳତା ଦିନକୁ ଦିନ ସମସ୍ୟା ବଢ଼ାଇ ଦେଉଛି । ଟିକାକରଣ ହେତୁ ଓମାଇକ୍ରର ସମ୍ଭାବ୍ୟ ପ୍ରକୋପ ଊଣା ଥିବାର ଯେତେ କୁହାଯାଉଥିଲେ ହେଁ ନୂଆବର୍ଷରୁ ଆସନ୍ନ ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତିକୁ ବ୍ୟାପକ କରାଯାଉଛି । ଯେହେତୁ କରୋନାଜନିତ ମୃତ୍ୟୁ ଯେମିତି ଊଣା ହେବା କଥା, ତାହା ଆଖିଦୃଶିଆ ହେଉନାହିଁ, ସମସ୍ତେ ଆସନ୍ନ ସ୍ଥିତି ନେଇ ଅନ୍ଧାରରେ ଅଛନ୍ତି । କରୋନା-ବିରୋଧୀ ଲଢ଼େଇରେ ଆମ ଦେଶ ଅନ୍ୟ ରାଷ୍ଟ୍ରଙ୍କ ପାଇଁ ଉଦାହରଣ ହୋଇପାରିବା ପଛରେ ନେତୃତ୍ୱର ଦୂରଦୃଷ୍ଟି ସମ୍ପନ୍ନ ବିଚାର ବୁଦ୍ଧି ସହାୟକ ହୋଇଥିବା ସମସ୍ତେ ସ୍ୱୀକାର କରୁଛନ୍ତି । ମାତ୍ର କୋଡି- ଅନୁରୂପ ବ୍ୟବହାର ନେଇ ଅମାନିଆଙ୍କ ଆଚରଣ ସମସ୍ତଙ୍କୁ ଅଡୁଆରେ ପକାଇ ଦେଲାଭଳି ହୋଇଛି । ଲୋକମାନଙ୍କଠାରୁ ଯାହା ବିଷମ କାଳରେ ଆଶା କରାଯିବା କଥା, ତାହା ହେଉନଥିବାରୁ ଚିନ୍ତା ବଢ଼ିଯାଉଛି । କଟକଣା ସହିତ ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯିବା ସହିତ ହସ୍ତ ପ୍ରକ୍ଷାଳନ ଓ ଭିଡ଼କ ବାରଣ ଭଳି ପାଳନ ଉପରେ ପୂର୍ବଦିନ ଭଳି ପୁଣି ନିୟମକୁ ବଳବତ୍ତର ରଖାଯିବା ଉପରେ ଗୁରୁତ୍ୱ ଦିଆଯାଉଛି । ଦେଶରେ କରୋନା ଶିଖର ସ୍ଥିତିରେ ଥିବା ସମୟରେ ଏପରିକି କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇ ସରକାର ଗଠନ ହେଲା । ସମାବେଶ ପାଇଁ ବାରଣ ଥିବା ସତ୍ତ୍ୱେ ନିର୍ବାଚନୀ ପ୍ରଚାର ଲାଗି ବଡ଼ ଦଳମାନେ ସଭା ସମିତି କଲେ । ନିର୍ବାଚନ କମିଶନ ସବୁ ଦେଖି ରହିଗଲେ ନିରବଦ୍ରଷ୍ଟା ସୁପ୍ରିମ କୋର୍ଟ ଓ ଅନ୍ୟମାନଙ୍କ ପକ୍ଷରୁ ସେଥିପାଇଁ କମିଶନକୁ ଭର୍ତ୍ସନା ବାଣୀ ଶୁଣିବାକୁ ପଡ଼ିଥିଲା । ଶାସକ ଦଳ ଠାରୁ ବିରୋଧୀ ନେତାଙ୍କ ସମେତ ବଡ଼ବଡ଼ିଆ ନିର୍ବାଚନୀ ସମାବେଶ କରି ମତଦାତାଙ୍କୁ ପ୍ରଭାବିତ କରିବାର ଲୋଭ ସମ୍ବରଣ କରିପାରିନଥିବାର କ'ଣ ପରିଣତି ହେଲା, ତାହା ବିଷୟରେ ଅଧିକ କୁହାନଯିବା ଭଲ । ଉତ୍ତରପ୍ରଦେଶ ଭଳି ବଡ଼ ପ୍ରଦେଶକୁ ମିଶାଇ ପାଞ୍ଚଟି ରାଜ୍ୟରେ ଭୋଟ ପାଇଁ ସମୟ ପାଖେଇ ଆସିଲାଣି । ସେଗୁଡ଼ିକ ଭିତରେ ଅଛି ମଣିପୁର, ଉତ୍ତରାଖଣ୍ଡ, ଗୋଆ ଓ ପଞ୍ଜାବ । ସଂକ୍ରମଣ ଲାଗି ରହିଥିବା ବେଳେ କିଭଳି ଭୋଟ କରାଯିବ ଏବଂ ଭିଡ଼ ନିୟନ୍ତ୍ରଣ ସମ୍ଭବ ଲାଗି କି ପ୍ରକାର ପଦକ୍ଷେପ ନିଆଯିବ, ସେ ନେଇ ନିର୍ବାଚନ କମିଶନ ଦ୍ୱାରେ ରହିଥିବା ସମ୍ଭବ। ଏହା ଭିତରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକୁ କମିଶନ ଅଧିକାରୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି । କରୋନା ସଂକ୍ରମଣ ଭିତରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସମେତ ପଦସ୍ଥ ଅଧିକାରୀଙ୍କ ସହ ମନ୍ତ୍ରଣା କରିଛନ୍ତି । ନିର୍ବାଚନକୁ ଆପାତତଃ କିଛି ମାସ ଗଡ଼ାଇଦେବାକୁ ବିଚାର ବିମର୍ଶ ଭିତରେ କ'ଣ କରିହେବ, ତାହା ଗମ୍ଭୀରତା ସହକାରେ ଦେଖାଯାଉଛି । ଉତ୍ତରପ୍ରଦେଶ ପକ୍ଷରୁ ଦୁଇ ତିନି ମାସ ନିର୍ବାଚନ ତିଥି ଗଡ଼ାଇଦେବା ସକାଶେ ପ୍ରସ୍ତାବ ଦିଆଯାଇଛି । ମାତ୍ର ନିର୍ଦ୍ଧାରିତ ସମୟରେ ଭୋଟ କରାଯିବା ସାମ୍ବିଧାନିକ ବାଧ୍ୟବାଧକତାରେ ଯାଉଥିବାରୁ ସେ ନେଇ ସମୟୋପଯୁକ୍ତ ପଦକ୍ଷେପ ଗ୍ରହଣ ଅପରିହାର୍ଯ୍ୟ । ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଉପରେ ଉଭୟ ଶାସକ ଓ ବିପକ୍ଷ ଦଳମାନେ ଫୋକସ୍ ରଖୁଛନ୍ତି । ଏହି ରାଜ୍ୟରୁ ଅଶିଟି ଲୋକସଭା ଆସନ ଅଛି । ବିଧାନସଭା ମଧ ଦେଶର ସବୁଠୁ ବଡ଼। ସୁତରାଂ ଯେଉଁ ଦଳ ୟୁପିରେ ସରକାର ଗଢ଼ିବ ତାହାର ଜାତୀୟ ପ୍ରଭାବ ରହିବ ସର୍ବାଧିକ। ପ୍ରଧାନମନ୍ତ୍ରୀ ଘନଘନ ୟୁପି ଗସ୍ତ କରି କାଶୀ ତୀର୍ଥ କ୍ଷେତ୍ର ବିକାଶ, ନଏଡାରେ ବିମାନ ବନ୍ଦରଠାରୁ କାନପୁର ପରିଦର୍ଶନ ଭଳି କାର୍ଯ୍ୟକ୍ରମ କରିଥିବାବେଳେ ବିପକ୍ଷ ଦଳର ଅଖିଲେଶ ଯାଦବ, କଂଗ୍ରେସର ପ୍ରିୟଙ୍କା ଗାନ୍ଧି ଯଥାସାଧ୍ୟ ଜନମତକୁ ପ୍ରଭାବିତ କରିବାରେ ଲାଗିପଡ଼ିଛନ୍ତି । ଅନ୍ୟ ସବୁ ରାଜ୍ୟଗୁଡ଼ିକରେ ଭାରତୀୟ ଜନତା ପାର୍ଟି କ୍ଷମତାରେ ଅଛି, ସୁତରାଂ ଗଡ଼ ରକ୍ଷା ସକାଶେ ସ୍ଥାନୀୟ ଓ କେନ୍ଦ୍ରୀୟ ନେତାମାନଙ୍କ ସାହାଯ୍ୟ ନେଉଛନ୍ତି । ନିର୍ବାଚନ ଧାର୍ଯ୍ୟ ସମୟରେ ହେବ କି' ଘୁଞ୍ଚାଯିବ ତାହା ନିର୍ଭର କରୁଛି ଅବସ୍ଥା ଉପରେ । ଜନସାଧାରଣଙ୍କ ଜୀବନରକ୍ଷା ଉପରେ ଜୋର୍ ଦେବା କଥା କହୁଥିବା ନେତୃତ୍ୱ ଆଗରେ ଏହା ମସ୍ତବଡ଼ ଆହ୍ୱାନ ହୋଇ ଦେଖାଦେବା ନିଶ୍ଚିତ । ରାଜ୍ୟସ୍ତରରେ ପଞ୍ଚାୟତ ନିର୍ବାଚନ ପାଇଁ ଓଡ଼ିଶାରେ ବଡ଼ ସମାବେଶ ହେବ, ଏବେଠୁ ଭିଡ଼କୁ ନିୟନ୍ତ୍ରଣ କରାନଗଲେ ସ୍ଥିତି କ'ଣ ହେବ, କହିହେବ ନାହିଁ । ସୁତରାଂ, ଓଡ଼ିଶା ସରକାର ତାହା ଉପରେ ଗୁରୁତ୍ୱର ସହ ବିଚାର କରିବାର ସମୟ ଆସିଛି । ସବୁ ଦଳ ସହ କଥାବାର୍ତ୍ତା କରି ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ନିଷ୍ପତ୍ତି ନେବା ବୁଦ୍ଧିମତ୍ତାର କାର୍ଯ୍ୟ ହେବ ।

## ଜାତୀୟ ଖାଉଟି ଦିବସର ଅନୁଚିନ୍ତା



ବୈଷ୍ଣବ ମେହେର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଂଚଳର ଜନୈକ ଗ୍ରାହକ ଅନଲାଇନ୍ ମାଧ୍ୟମରେ ଗୋଟିଏ ମୋବାଇଲ ଫୋନ କ୍ରୟ କରିଥିଲେ । ସାମଗ୍ରୀ ବାବଦକୁ କମ୍ପାନି ଦ୍ୱାରା ଧାର୍ଯ୍ୟ ଦାମ ପଇଠ କରି ଗ୍ରାହକ ଜଣକ ଅତ୍ୟନ୍ତ ଉତ୍କଣ୍ଠାର ସହ ନିଜ କିଣା ସାମଗ୍ରୀକୁ ଅପେକ୍ଷା କରିଥିବା ବେଳେ ଧାର୍ଯ୍ୟ ସମୟରେ ପ୍ୟାକ୍ ହୋଇ ସାମଗ୍ରୀଟି ଘରକୁ ପହଂଚିଥିଲା । କିନ୍ତୁ ପ୍ୟାକିଙ୍ଗ ଖୋଲି ଦେଖିଲା ବେଳକୁ ତାଙ୍କ ମନପସନ୍ଦର ମୋବାଇଲ ଫୋନ୍ ବଦଳରେ ସେଥିରୁ ଏକ ଇଟା ଖଣ୍ଡ ବାହାରିଥିବା ଦେଖିବାକୁ ମିଳିଥିଲା । ଏଭଳି ଏକ ଅପ୍ରତ୍ୟାଶିତ ଘଟଣା ଉତ୍କଣ୍ଠିତ ଗ୍ରାହକଙ୍କୁ କି ମାନସିକ ଆଘାତ ଦେଇଥିବ ତା'ହା ଜଣେ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ । ଏଭଳି ଘଟଣାରେ ଗ୍ରାହକର ଯେ କେବଳ ଅର୍ଥହାନୀ ଘଟେ କିମ୍ବା ମାନସିକ ପିଡ଼ା ଅନୁଭବ ହୁଏ, ତା'ହା ନୁହେଁ ବରଂ ଠକାମିର ଶିକାର ହୋଇଥିବା ବ୍ୟକ୍ତି ସମାଜରେ ନିଜକୁ ଉପହାସିତ ମନେ କରି ଲଜ୍ୟା ବୋଧ କରିଥାଏ । ସେଥିପାଇଁ ଅନେକ ଏମିତି ଘଟଣାକୁ ଲୋକଲୋଚନକୁ ନ ଆଣି ସେଇଠି ଭୁଲିଯିବା ପାଇଁ ଉଚିତ ମନେ କରିଥାନ୍ତି । ଫଳରେ ଏହା ଠକ ସଂସ୍ଥା ବା ବ୍ୟବସାୟୀଙ୍କୁ ଅଧିକ ପ୍ରୋତ୍ସାହିତ କରିଥାଏ । ତେଣୁ ଏଭଳି ଠକେଇ ମାମଲା କମିବା ବଦଳରେ ଧିରେଧିରେ ଅଧିକ ମାତ୍ରାରେ ଘଟୁଥିବା ଦୃଷ୍ଟିଗୋଚର ହେଉଛି । ଏହାତ ଅନଲାଇନ୍ ମାଧ୍ୟମରେ ଗ୍ରାହକ ଶୋଷଣ ଘଟଣା ତେବେ ସାଧାରଣ ଗ୍ରାହକ ଭାବରେ ଅନେକେ ଦୈନନ୍ଦିନ ଜୀବନରେ ଅଭଳି ଅନେକ ଠକେଇର ଶିକାର ହୋଇଥାନ୍ତି । ଗାଁ ଦୋକାନରେ ସଉଦା କଲା ବେଳେ ହେଉ କି ହାଟରେ ପରିବା କିଣିଲା ବେଳେ, ଖାଉଟିମାନେ କୌଣସି ନା କୌଣସି ବାଟରେ ଶୋଷଣର ଶିକାର ହେବା ଏବେ ନିତିଦିନିଆ ଘଟଣା ହୋଇଗଲାଣି। ଏମିତି ଛୋଟଛୋଟ ଠକେଇରେ ସାଧାରଣ ଗ୍ରାହକ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଲୋକେ ଅତି ସାଧାରଣ କଥା ବୋଲି ଭାବି ନେଲେଣି। ଏଇ ଯେମିତି ବଜାରରେ ଅନେକ ସାମଗ୍ରୀର ମୂଲ୍ୟ ରାଉଣ୍ଡ ଫିଗର୍ ନ ହୋଇ ୯୯,୧୯୯, ୩୩୯, ୯୯୯ ଇତ୍ୟାଦି ଅଡଫିଗର୍ ହୋଇଥାଏ । ସାମଗ୍ରୀର ମୂଲ୍ୟ ଏଭଳି ଅଡଫିଗର ରଖା ଯିବାର କାରଣ ଯାହା ହେଉନା କାହିଁକି, ଗ୍ରାହକ ହିସାବରେ ଆମକୁ କିନ୍ତୁ ପ୍ରାୟ ରାଉଣ୍ଡ ଫିଗରର ନୋଟ ହିଁ ଦେବାକୁ ହୁଏ । ଯେମିତି ୯୯ ସ୍ଥଳରେ ୧୦୦ କିମ୍ବା ୪୪୯ ସ୍ଥଳରେ ୫୦୦ ଦେଇ ସଂପ୍ରତି ଖୁଚୁରାର ଅଭାବ କାରଣରୁ ହେଉ କିମ୍ବା ଅନ୍ୟ କାରଣରୁ ଏହି ଏକ ଟଙ୍କା ଫେରସ୍ତ ପାଇବାର ଆଶା ଅତି କ୍ଷିଣ ଭାବି ଅଥବା ବର୍ତ୍ତମାନର ବ୍ୟୟ ବହୁଳ ସମାଜରେ ଟଙ୍କାଟିଏର ମୂଲ୍ୟ ଅତି କମ୍ ଭାବି, ଏଥି ପ୍ରତି କେହି ଧ୍ୟାନ ଦେଇ ନଥାନ୍ତି । କାଁଭାଁ ସେହି ଏକ ଟଙ୍କା ବଦଳରେ ଗ୍ରାହକଙ୍କୁ ଚକୋଲେଟ୍ ଟିଏ ଧରେଇ ଦିଆଯାଏ । ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ନ୍ୟାୟରେ ଆମେ ମଧ୍ୟ କୌଣସି ପ୍ରଶ୍ନ ନ କରି ସେହି ଚକୋଲେଟ୍‌କୁ ନିଜ ପକେଟ୍ ରେ ପୁରାଇ ଦେଉ । ଅନେକଙ୍କ ପାଇଁ ଏକ ଟଙ୍କାର ମୂଲ୍ୟ ହୁଏତ ଅତି କମ୍ ହୋଇପାରେ କିନ୍ତୁ ଆମ ଭଳି ଗୋଟିଏ ଛୋଟ ସହରର ଶହଶହ, ରାଜ୍ୟର ଲକ୍ଷଲକ୍ଷ ଓ ଦେଶର କୋଟିକୋଟି ଗ୍ରାହକ ବିନା ଦ୍ୱିଧାରେ ଗୋଟିଏ ଦିନରେ ଏଭଳି କେତେ ଟଙ୍କା ଦେଇ ଦଉଥିବେ ତାହା ସହଜେ ଅନୁମେୟ। ବିନ୍ଦୁ ବିନ୍ଦୁ ଜଳରୁ ସମୁଦ୍ରର ସୃଷ୍ଟି ହେଉଥିବା ଆମେ ଜାଣୁ ଅଥଚ ଗୋଟିଏ ଗୋଟିଏ ଟଙ୍କାରୁ ହିଁ କୋଟି କୋଟି ଟଙ୍କା ଗଚ୍ଛିତ ହେଉଥିବା ଆମେ କେମିତି ଭୁଲି ଯାଉଛୁ ।

ଅସାଧୁ ବ୍ୟବସାୟୀଙ୍କ ପ୍ରତି ସାଧାରଣ ଖାଉଟିଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୪ ତାରିଖକୁ ଆମ ଦେଶରେ 'ଜାତୀୟ ଖାଉଟି ସୁରକ୍ଷା ଅଧିକାର ଦିବସ' ଭାବରେ ପାଳନ କରାଯାଇଥାଏ । ଖାଉଟି ସୁରକ୍ଷା କ୍ଷେତ୍ରକୁ ନେଇ ଏବେ ମଧ୍ୟ ଅନେକ ଲୋକ ସଚେତନ ନୁହନ୍ତି। ଅନେକ ଲୋକ ତ ଖାଉଟି କହିଲେ କେବଳ ସାମାଜିକ କ୍ଷେତ୍ରରେ ଆବଶ୍ୟକ ହେଉଥିବା ତେଲଲୁଣର ସଉଦା କିଣାକୁ ହିଁ ବୁଝିଥାନ୍ତି । କିନ୍ତୁ ବାସ୍ତବରେ ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ଆଇନକାନୁନ୍ ଭଳି ପ୍ରତ୍ୟେକ କ୍ଷେତ୍ରରେ ପାଇବାକୁ ଥିବା ସେବା ମିଳିବାରେ ଯଦି କେହି ଠକାମିର ଶିକାର ହୁଅନ୍ତି ତେବେ ସେସବୁରେ ଖାଉଟି ଶୋଷଣ ହେଉଥିବା ଧରାଯାଏ ।

ଖାଉଟିଙ୍କ ଅଧିକାରକୁ ଦୃଷ୍ଟିରେ ରଖି ୧୯୮୬ ମସିହାରେ ଭାରତରେ ଖାଉଟି ସୁରକ୍ଷା ଆଇନ୍ ପ୍ରଣୟନ କରା ଯାଇଥିଲା । ଏହି ଆଇନ୍ ଭାରତର ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ସେହି ବର୍ଷ ଡିସେମ୍ବର ୨୪ ତାରିଖରେ କାର୍ଯ୍ୟକାରୀ ହୋଇଥିବା ଯୋଗୁଁ ଏହି ଦିନକୁ ଆମ ଦେଶରେ ଜାତୀୟ ଖାଉଟି ଦିବସ ଭାବରେ ପାଳନ କରାଯାଇ ଆସୁଛି । ଏହି ଆଇନ୍ ଅନୁଯାୟୀ ଯଦି କୌଣସି ଗ୍ରାହକ, ଗ୍ରାହକ ସଂସ୍ଥା କିମ୍ବା ଅନ୍ୟାନ୍ୟ ବର୍ଗର ଲୋକ ଯଦି ଉଚିତ ଦାମ୍ ବଦଳରେ ଉପଯୁକ୍ତ ମାନର ସାମଗ୍ରୀ କିମ୍ବା କୌଣସି ସାର୍ବଜନୀନ ସେବା ପାଇବାରୁ ବାଦ୍ ପଡ଼ନ୍ତି; ତେବେ ସେମାନେ ନିଜର ହକ୍ ପାଇବାକୁ ଖାଉଟି କମିସନଙ୍କ ଦ୍ୱାରସ୍ଥ ହୋଇ ପାରିବେ । ୧୯୮୬ର ଆଇନରେ ଗ୍ରାହକଙ୍କ ସୁରକ୍ଷା ପାଇଁ ସୀମିତ ଅଧିକାର ଥିବା ଦର୍ଶାଇ ୨୦୧୯ରେ ସୁର୍ପିମକୋର୍ଟ ଏହି ଆଇନରେ ପରିବର୍ତ୍ତନ କରିବାର ନିର୍ଦ୍ଦେଶ ଦେଇଥିଲେ। ଫଳରେ ପୂର୍ବର ଖାଉଟି ସୁରକ୍ଷା ଆଇନକୁ ଅଧିକ ବ୍ୟାପକ କରିବା ପାଇଁ ଏ ଦିଗରେ ଏକ ପରିବର୍ତ୍ତିତ ଆଇନ୍ ଗତ ଜୁଲାଇ ୨୦୨୦ ରୁ କାର୍ଯ୍ୟକାରୀ ହୋଇଛି । ଆଇନର ଯେତେ ମଧ୍ୟ ବିସ୍ତାରିତ କିମ୍ବା ପ୍ରସାରିତ ହୋଇ ଥାଉନା କାହିଁକି, ସାଧାରଣ ଗ୍ରାହକ ଯଦି ଉପରୋକ୍ତ ଆଇନ୍ ପ୍ରତି ସଚେତନ ଓ ଆଇନ୍‌ର ରକ୍ଷକ ମାନେ ଯଦି ସମ୍ବେଦନଶୀଳ ନ ହେବେ ତେବେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ଗାଁର ହାଟବଜାର ଠାରୁ ଆରମ୍ଭ କରି ଦେଶର ବଡ଼ବଡ଼ କମ୍ପାନି ପର୍ଯ୍ୟନ୍ତ, ଆମେ ଯେତେ ବେଳେ ବି ଯାହାର ଗ୍ରାହକ ସାଜୁଛୁ, ଜଣେ ଉତ୍ତମ ଖାଉଟି ଭାବରେ ଆମେ ଆମର ଅଧିକାର ପ୍ରତି ସର୍ବଦା ସଚେତନ ରହିବା ଜରୁରୀ। ପୁନଶ୍ଚ ଖାଉଟି ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାରୀ, ବେସରକାରୀ ସଂସ୍ଥା ସମେତ ଦେଶର ସମାଜସେବୀ, ବୁଦ୍ଧିଜୀବୀ ଏ ଦିଗରେ ନିସଙ୍କୋଚ ସହଯୋଗ କରିବା ଅପରିହାର୍ଯ୍ୟ ।

ସିନାପାଲି, ନୂଆପଡ଼ା

## ସନ୍ଦେହରେ ଆମେରିକାର ଗୁପ୍ତଚର ସେବା



ଡକ୍ଟର ଲକ୍ଷ୍ମଣ ସାହୁ

ଆମେରିକାର ନାଗରିକ ଅଧିକାର ଆନ୍ଦୋଳନର ଜଣେ କଳା ମୁସଲମାନ ନେତା ମଲକମ୍ ଏକ୍ସଙ୍କୁ ଫେବୃଆରୀ ୧୯୬୫ ରେ ହତ୍ୟା କରାଯାଇଥିଲା । ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେବାର ୫୫ ବର୍ଷ ପରେ ନ୍ୟୁୟର୍କର ଜଣେ ବିଚାରପତି ମହମ୍ମଦ ଅଜିଜ ଏବଂ ଖଲିଲ ଇସଲାମଙ୍କୁ ଦୋଷମୁକ୍ତ କରିଛନ୍ତି । ମ୍ୟାନହଟନ୍ ଜିଲ୍ଲା ଓକିଲ ସଂଘ ଦ୍ୱାରା ଦୁଇ ବର୍ଷର ଅନୁସନ୍ଧାନ ପରେ ନିଷ୍ପତ୍ତି ନିଆଯାଇଛି ଯେ ମଲକମ୍ ଏକ୍ସ ହତ୍ୟାକାଣ୍ଡରେ ଏହି ଦୁଇଜଣ ସମ୍ପୃକ୍ତ ନୁହଁନ୍ତି । ଯଦିଓ ଐତିହାସିକ ତଥ୍ୟ ଅନୁସନ୍ଧାନକାରୀ ମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ଅଜିଜ୍ ଏବଂ ଖଲିଲଙ୍କୁ ସନ୍ଦେହ କରୁଛନ୍ତି, ନା ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ବ୍ୟୁରୋ (FBI) କିମ୍ବା ନ୍ୟୁୟର୍କ ପୋଲିସ୍ ବିଭାଗ (NYPD) ସେମାନଙ୍କର ନିର୍ଦ୍ଦୋଷତା ପ୍ରମାଣ କରିବାକୁ ଆଗେଇ ଆସି ନାହାଁନ୍ତି । ଯଦି ସେମାନେ ଏହି ପ୍ରମାଣ ଉପସ୍ଥାପନ କରିଥାନ୍ତେ, ଅଜିଜଙ୍କୁ ଦୀର୍ଘ ଦଶନ୍ଧି ଧରି ଜେଲରେ ରହି ତଦନ୍ତ କରିବାକୁ ପଡିବ ନାହିଁ ଏବଂ ଖାଲିଲ ଜେଲରେ ମରି ନଥାନ୍ତେ । ବିଚାରପତିଙ୍କ ସଦ୍ୟତମ ରାୟରେ ଦର୍ଶାଯାଇଛି ଯେ ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ବ୍ୟୁରୋ (FBI) ଏବଂ ନ୍ୟୁୟର୍କ ପୋଲିସ୍ ବିଭାଗ (NYPD) ଏଦିଗରେ ଅବହେଳା କରିଥିଲେ ।

ଏହି ଶୁଣାଣିରେ ଅଧ୍ୟକ୍ଷତା କରିଥିବା ପ୍ରଧାନ ବିଚାରପତି ଏଲେନ୍ ବାଇବେନ୍ କହିଛନ୍ତି ଯେ ଏହା ନ୍ୟାୟରୁ ଭୟଙ୍କର ବିଚ୍ୟୁତି । ଜିଲ୍ଲା ଓକିଲ ସାଇରସ୍ ଭାନ୍ସ ଦୁଃଖ ପ୍ରକାଶ କରିଛନ୍ତି ଯେ ଏହା ଓବିସି ଏବଂ ନ୍ୟୁୟର୍କ ପୋଲିସ୍ ଦ୍ୱାରା ଆଇନ ତଥା ଜନସାଧାରଣଙ୍କ ବିଶ୍ୱାସକୁ ଗ୍ରହଣୀୟ ନୁହେଁ । ଅଜିଜ ଏବଂ ଖଲିଲଙ୍କ ନିର୍ଦ୍ଦୋଷରେ ଖଲାସ ହେବା ଆଶ୍ଚର୍ଯ୍ୟଜନକ ନୁହେଁ । କାରଣ, ଐତିହାସିକ, ସାମ୍ବାଦିକ ଏବଂ ଆଇନଜୀବୀମାନେ ଏହି ଦୁଇ ଦଶନ୍ଧି ଧରି ନିର୍ଦ୍ଦୋଷ ବୋଲି କହୁଛନ୍ତି । ଆଶ୍ଚର୍ଯ୍ୟର କଥା, କୌଣସି ଅପରାଧ ନକରିବାରୁ FBI ଏବଂ NYPDକୁ ଅନ୍ୟାୟ କାରାଗାରରେ ବନ୍ଦ କରି ଦିଆଯାଇଥିଲା । ସାଧାରଣ ଲୋକଙ୍କ ମଧ୍ୟରେ ବିଶେଷକରି କୃଷ୍ଣକାୟ ଏବଂ ଧାର୍ମିକ ତଥା ଅନୁସୂଚିତ ଜାତି ମଧ୍ୟରେ ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ବ୍ୟୁରୋ (FBI) ଏବଂ ନ୍ୟୁୟର୍କ ପୋଲିସର ଆତ୍ମବିଶ୍ୱାସ ହରାଇବାରେ ଏହା ଏକ ପ୍ରମୁଖ କାରଣ ହେବ । ଏହା ସେମାନଙ୍କୁ ଧାରଣା ଦେଇଛି ଯେ FBI ଏବଂ NYPD କଳା (କୃଷ୍ଣକାୟ) ଏବଂ ମୁସଲମାନ ସମେତ ଧାର୍ମିକ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରୁଛନ୍ତି ।

ଏଭଳି ବିକୃତ ଅନ୍ୟାୟ ଜନସାଧାରଣଙ୍କ ସମ୍ମୁଖରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରେ । ତେବେ FBI ସହିତ ପ୍ରକୃତ ହତ୍ୟାକାରୀମାନେ ଥିଲେ କି ? ଏବଂ ସେଇଥିପାଇଁ ଋଈଓ ସତ୍ୟକୁ ଦମନ କଲା କି ? ଏହି ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଜିଜ୍ ଏବଂ ଖାଲିଲ ପ୍ରକୃତରେ FBI ଗୁପ୍ତଚର ଥିଲେ କି? ସାଧାରଣ ଜନତା ଏହି ପ୍ରଶ୍ନଗୁଡିକର ଉତ୍ତର ପାଇ ନାହାଁନ୍ତି । କାରଣ, FBI ଏବଂ NYPD ଏପର୍ଯ୍ୟନ୍ତ ଏହି ମାମଲାରେ ସେମାନଙ୍କର ସ୍ୱଚ୍ଛତା ପ୍ରମାଣ କରିନାହାଁନ୍ତି । ବିଶେଷ କରି ୧୯୫୦ ରୁ ୧୯୬୦ ଦଶକରେ ସେ କ୍ୱିଣ୍ଟେଲପ୍ରୋ ନାମକ ଏକ କୁଖ୍ୟାତ କାଉଣ୍ଟର-ଇଣ୍ଟେଲିଜେନ୍ସ ପ୍ରୋଜେକ୍ଟ ଚଳାଇଥିଲେ । ଅଭିଯୋଗ ହୋଇଛି ଯେ ରାଷ୍ଟ୍ରଦୂତ ଅଜିଜ ଏବଂ ଖାଲିଲଙ୍କୁ ଏହି ସୂଚନା ଦେଇଛନ୍ତି । ସେହି ପ୍ରକଳ୍ପ ମାଧ୍ୟମରେ ତତ୍କାଳୀନ କଳା ଅଧିକାର କର୍ମୀ ଏବଂ ନେତାମାନଙ୍କୁ ଦମନ କରିବାକୁ ଚେଷ୍ଟା କରାଯାଉଥିଲା । FBI ନିୟମିତ ଭାବରେ ନିରୀକ୍ଷଣ, ସଂଗଠନରେ ଗୁପ୍ତଚର ଅନୁପ୍ରବେଶ କରିବା ଏବଂ ବିରୋଧକାରୀଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି କରିବା ଭଳି ବେଆଇନ କାର୍ଯ୍ୟକଳାପ କରିଥିଲା ।

ଆମେରିକାର ଲୋକସଭାର ସଦସ୍ୟ ତଥା ପୂର୍ବତନ ଚିକାଗୋ ବ୍ଲାକ୍ ପାନ୍ଥର୍ ନେତା ବବି ଉଷ ତାଙ୍କୁ ସମ୍ପୃକ୍ତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି । ନଭେମ୍ବର ୧୮ ରେ ସେ ଏକ ବିବୃତ୍ତିରେ ଏହା କହିଛନ୍ତି । ସେ କହିଛନ୍ତି, "ଏଫବିଆଇର ବିଶ୍ୱାସଘାତକତା ଏବଂ ଦୁଷ୍କର୍ମ ଯୋଗୁଁ ଯେ କଳା ଆମେରିକୀୟ ମାନଙ୍କର ଉଜ୍ଜ୍ୱଳ ନେତାମାନଙ୍କ ମଧ୍ୟରୁ ମାଲକମ୍ ଏକ୍ସ ଅନ୍ୟତମ । ସେ ଜଣେ ଅସାଧାରଣ ମଣିଷ ଥିଲେ ବୋଲି ବିଶ୍ୱାସ କରାଯାଏ । ବୋଧହୁଏ ଏହି ମାମଲା ବିଷୟରେ FBI କ'ଣ ଜାଣିଥିଲା ତାହାର ସବିଶେଷ ତଥ୍ୟ ଜାଣିବା ଆବଶ୍ୟକ । 'ଯଦି ମଲକମ୍ ଏକ୍ସକୁ ହତ୍ୟା କରିବାରେ FBI ର ହାତ ଥାଏ ବା ଯଦି ଏହା ହୁଏ, ତେବେ ଏହି ସଂସ୍ଥାର ପ୍ରଥମ କାର୍ଯ୍ୟ ହେବ ନାହିଁ । ଡିସେମ୍ବର ୪, ୧୯୬୯ରେ ସେମାନେ ବ୍ଲାକ୍ ପାନ୍ଥର୍ ପାର୍ଟିର ଦୁଇ ନେତା ଫ୍ରେଡ୍ ହାମ୍ପଟନ୍ ଏବଂ ମାର୍କ କ୍ଲାର୍କଙ୍କୁ ହତ୍ୟା କରିଥିଲେ ।

କେବଳ ସେତିକି ନୁହେଁ, ୧୯୮୨ ରେ ବ୍ଲାକ୍ ପାନ୍ଥର ନେତା ଜେରୋନିମୋ ପ୍ରାଟଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରାଯିବା ପରେ ସେମାନଙ୍କର ନିର୍ଦ୍ଦୋଷତା ପ୍ରମାଣ କରିବାର ପ୍ରମାଣ ଥିବା FBI ସ୍ୱୀକାର କରିଛି । କିନ୍ତୁ ଏହା ପରେ ମଧ ସେମାନେ ଏହାକୁ କୋର୍ଟକୁ ନେଇ ନଥିଲେ । ହତ୍ୟା ସମୟରେ ଘଟଣାସ୍ଥଳରୁ ଗେରୋନିମୋ ୬୪୦ କିଲୋମିଟର ଦୂରରେ ଥିଲା, କିନ୍ତୁ ଏଫବିଆଇ (FBI) ପାଖରେ ତଥାପି ତଥ୍ୟ ଥାଇ ମଧ କରି ନାହାଁନ୍ତି । ମାଲକମ୍ ଏକ୍ସ ହତ୍ୟା ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ପ୍ରମାଣର 'ଆବିଷ୍କାର' ପରେ, ବୁଝାପଡୁଛି ଯେ କୁଖ୍ୟାତ 'କ୍ୱିଣ୍ଟେଲପ୍ରୋ' ପ୍ରକଳ୍ପ ଅଧୀନରେ ଋଈଓ ସମାନ ଘଟଣାର ସମସ୍ତ ପ୍ରମାଣ ସମୀକ୍ଷା କରିବ ।

ମାଲକମ୍ ଏକ୍ସ ହତ୍ୟା ମାମଲାରେ ସ୍ୱଚ୍ଛତା ଅଭାବରୁ ଆମେରିକାର "ଆତଙ୍କବାଦ ବିରୋଧରେ ଯୁଦ୍ଧ" ରେ ଋଈଓ ର ଭୂମିକା ଆମକୁ ଅସହଜ ଏବଂ ଅସୁରକ୍ଷିତ ମନେ କରୁଛି କି( ?), ଏହିପରି ଲିକ୍ ଲିକ୍ ହୋଇପାରିବ କି ନାହିଁ । ୯/୧୧ ଆକ୍ରମଣ ପରେ, ଆମେରିକାରେ କୌଣସି ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ଋଈଓ ଦାୟୀ ଥିଲା । ସେହି ସମୟରେ, FBI ଜାତୀୟ ସୁରକ୍ଷା ପ୍ରସଙ୍ଗରେ ଅଧିକ ଜଡିତ ଥିଲା ଏବଂ ଋଈଓ ଆମେରିକାର ଅନ୍ୟ ପୋଲାରାଇଜଡ୍ ସମ୍ପ୍ରଦାୟର ମୁସଲମାନ ଏବଂ ଲୋକଙ୍କ ଉପରେ ନଜର ରଖିଥିଲା ଏବଂ ସେମାନଙ୍କର ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ କଡାକଡି କରି ଦେଇଥିଲା । କିନ୍ତୁ ପରେ ଜଣା ପଡ଼ିଛି ଯେ ସେମାନେ ଆମେରିକା ଭିତରେ କୌଣସି ସଂଗଠିତ ଆତଙ୍କବାଦୀ ଗୋଷ୍ଠୀ ପାଇ ନାହାଁନ୍ତି । ଦୁଇ ଦଶନ୍ଧି ଧରି ନୀରିକ୍ଷଣ ନାମରେ ସେମାନେ ଅନେକ ଲୋକଙ୍କୁ ହଇରାଣ କରିଥିଲେ ଏବଂ ଗୋଟିଏ ଆତଙ୍କବାଦୀ ଯୋଜନା କିମ୍ବା ଷଡଯନ୍ତ୍ର ଉନ୍ମୋଚନ କରିପାରିନଥିଲେ । ଏହା ପରେ ମଧ ଶହ ଶହ ମୁସଲମାନଙ୍କୁ ଦୋଷୀ-ସାବ୍ୟସ୍ତ କରାଯାଇ ଦିନକୁ ଦିନ ଜେଲରେ ରଖାଯାଇଛି । ରିଲିଫ୍ ବାଣ୍ଟିବା କିମ୍ବା ବଣ୍ଟନ ପାଇଁ ସେମାନେ ମୁସଲମାନମାନଙ୍କୁ ମଧ ଅଟକ ରଖିଛନ୍ତି ।

ନିଷ୍କର୍ଷରେ କୁହାଯାଇପାରେ ଅନେକ ନିରୀହ ମୁସଲମାନ ନିଜ ସମ୍ପ୍ରଦାୟ ବିରୁଦ୍ଧରେ ଗୁପ୍ତଚରମାନଙ୍କୁ ବାଧ କରିବାକୁ ଉଡ଼ାଣ ଉପରେ ବାରଣ କରାଯାଇଛି । ଏକ ରିପୋର୍ଟ ଅନୁଯାୟୀ, ଗତ ଦୁଇ ଦଶନ୍ଧି ମଧ୍ୟରେ ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ବ୍ୟୁରୋ (FBI) ୨୨,୦୦୦ରୁ ଅଧିକ ଅପରାଧିକ କାର୍ଯ୍ୟ କରିଛି, ଯାହା ଟିକସଦାତାଙ୍କୁ ପକେଟରୁ ବର୍ଷକୁ ହାରାହାରି ୪୨ ମିଲିୟନ୍ ଅର୍ଥ ଖର୍ଚ୍ଚ କରିଛି । ସେହି ଦୃଷ୍ଟିରୁ ଜନସାଧାରଣଙ୍କ ନିକଟରେ ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ବ୍ୟୁରୋ (FBI) ଉତ୍ତରଦାୟୀ ହେବା ନିହାତି ଜରୁରୀ ଅଟେ ।


+ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪

(ମୋ) ୯୦୪୦୧୫୧୪୭୫





## ବୀର ପୁତ୍ର



### ଧ୍ରୁବ ଚରଣ ବେହେରା

ପ୍ରକୃତ ବୀର ସେ ମରେ ନାହିଁ କେବେ
ବଞ୍ଚି ରହିଥାଏ ଅମର ହୋଇ
ଦେଶ ଜାତି ପାଇଁ କରି ଚାଲେ କାମ
ନାମଟି ତାହାର ସୈନିକ ଭାଇ ।

ଦୁଃଖ ନ କରିକି ନିଷ୍ଠାପର ସେବା
ଦେଇ ଚାଲେ ଜାତି ଦେଶ ହିତରେ
ନିଜ ପରିବାର କରି ଦେଇ ଦୂର
ଜଗି ରହିଥାଏ ସୀମା ଉପରେ ।

ବୀର ବୋଲି ସିଏ ସଦା ଗଣା ହୁଏ
ଭାରତ ମାଆର କୋଳ ନନ୍ଦନ
ତା' ପାଇଁ ଜନତା ଶାନ୍ତିରେ ଶୋଏ
ନାମ ତା'ର ରହେ ସଦା ଅକ୍ଷୁର୍ଣ୍ଣ ।

ମାଟି ମାଆ ପାଇଁ ରାତି ଦିନ ସେହି
ସାଜି ଥାଏ ପରା ସଚ୍ଚା ପ୍ରହରୀ
ନାହିଁ ଖରା ବର୍ଷା ଶୀତ କାକର
ଶତ୍ରୁ ମାରି ପଥ ଥାଏ ଆବୋରି ।

ଦେଶ ଭକ୍ତି ଯାର ଜାତକରେ ଲେଖା
ପ୍ରକୃତ ସୈନିକ ସେହି ବୋଲାଏ
ନିଜ ଲହୁ ଲୁହ ଏକା କରି ଦେଇ
ମାତୃଭୂମିକୁ ସେ ସୁରକ୍ଷା ଦିଏ ।

ଲଢ଼ି ଲଢ଼ି ଯେବେ ଶତ୍ରୁର ଗୁଳିରେ
ବଳି ଦେଇଥାଏ ନିଜ ପ୍ରାଣକୁ
ଶହୀଦ୍ ବୋଲାଏ ସେ ସୈନିକ ବୀର
କୋଟି ଶ୍ରଦ୍ଧାଞ୍ଜଳି ତା'ର କର୍ମକୁ ।

ସୁନାର ଫଳକେ ଲେଖିଯାଏ ନାମ
ଯୁଗ ଯୁଗ ଲାଗି ଅମର ହୁଏ
ନିଃସ୍ୱାର୍ଥ ସେବାର ସେ ବଳିଷ୍ଠ ବୀର
ତ୍ରିରଙ୍ଗାର ଯଶ ବଢାଇ ଥାଏ ।

ବୀର ପ୍ରସବିନୀ କୋଳରେ ଜନମି
ବୀର ମରେ ନାହିଁ କର୍ମ ଆଦରୀ
ପବିତ୍ର ଭାରତ ଆମ ଜନ୍ମଭୂମି
ଇତିହାସ ସାକ୍ଷୀ ପୂର୍ବର ଶିରୀ ।

ପ୍ରକୃତ ବୀରଙ୍କୁ କରିବା ପ୍ରଣାମ
ଭୁଲିବାନି ତାଙ୍କୁ କେବେ ମନରୁ
ବୀର ମରେ ନାହିଁ ଅମରତ୍ୱ ଲଭି
ଗୌରବର ଗାଥା ଲେଖା ଆଗରୁ ।


♥ (ସାମରିକ ସେବା)
ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
(ମୋ)୮୩୨୮୯୩୦୫୫୪


## ବିବାହ ବନ୍ଧନ

### ବୀରକିଶୋର ନାୟକ



ସୃଷ୍ଟିର ନିୟମ ଅଟେ ଚିରନ୍ତନ
ସୃଷ୍ଟିର ସ୍ଥାୟିତ୍ୱ ପାଇଁ,
ନାରୀ ଓ ପୁରୁଷ ମୁଦ୍ରା ଦୁଇପାର୍ଶ୍ୱ
ଏକାତ୍ମା ହୁଅଇ ଯହିଁ ।
ଯୌବନ ଆସିଲେ ସ୍ୱାଭାବିକତାରେ
ମନେ ପ୍ରୀତିରଙ୍ଗ ଭରେ,
ଦେହ ଖୋଜେ ଦେହ
ମନ ଖୋଜେ ମନ
ଉଚ୍ଛୁଳା ପ୍ରେମ ଜୁଆରେ ।
ସେଥିପାଇଁ ଗଢି ଦେଇଛି ସମାଜ
ବିବାହ ବନ୍ଧନ ରୀତି,
ବ୍ୟଭିଚାର ପରି କଳଙ୍କ ନରହୁ
ଅବାଟେ ନହେଉ ଗତି ।
ବିବାହ ବନ୍ଧନେ ଉଭୟଙ୍କୁ ମିଳେ
ଦୃଢ଼ ସମାଜ ସ୍ୱୀକୃତି,
ରହେନାହିଁ କିଛି ବାଧା ଅବା ନିନ୍ଦା
ଥାଏ ସ୍ୱାଧୀନତା ସେଠି ।
ଗୁରୁ ଗୁରୁଜନେ ଆଶୀଷ ଢାଳନ୍ତି
ନବ ଦମ୍ପତିଙ୍କ ପାଇଁ,
ଦାମ୍ପତ୍ୟ ଜୀବନ ହୁଏ ସୁଖମୟ
ପରସ୍ପରେ ପ୍ରୀତି ଦେଇ ।
ବିବାହ ବନ୍ଧନ ଈଶ୍ୱରଙ୍କ ଦାନ
ପ୍ରକୃତିରାଣୀର ଶୋଭା,
ଦୁଇ ଆତ୍ମା ହୋଇ ଏକାତ୍ମା ହୁଅଇ
ସୃଷ୍ଟିହୁଏ ନୂଆ ଆଭା ।
ଜୀବନ ପଥରେ ବିବାହ ବନ୍ଧନ
ଏକ ପୂତ ଅନୁଷ୍ଠାନ,
ଅଙ୍ଗୀକାର ଥାଏ ସଂସ୍କାର ବି ଥାଏ
ଆଣିଥାଏ ସନମାନ ।


♥ ଖଣ୍ଡବନ୍ଧ, ଢେଙ୍କାନାଳ
(ମୋ)୮୮୪୭୮୪୨୨୯୭


## ବାଳିକା ବଧୂ

### ଦିନେଶ ମେହେର



ବାଳିକା ବଧୂ ଗୋ
କାହିଁ ଆସ ତୁମେ ଅଧ ରାତିରେ,
କାହିଁ ଆସି ନିଦ ଚୋରି କର
ମିଠା ସପନ ର ଆଶାରେ
ଶୋଇଥିଲା ବେଳେ ,
ତୁମେ ଆସି ନିଦ ଚୋରେଇ ନେଇ
ସପନ ଭାଙ୍ଗି କୁଆଡେ
କାହିଁକି ଉଭେଇ ଯାଅ !
କାହିଁକି ପ୍ରତାରଣା ଦେଇ
ଚାଲିଯାଅ ତୁମ ଗନ୍ତବ୍ୟ ପଥରେ,
ଏକୁଟିଆ ମନ କୁ ଆଘାତ ଦେଇ
କାହିଁକି ତୁମେ ତୁମ ପ୍ରେମର ବର୍ଷାରେ
ଭିଜେଇ ଦିଅ।
ଆଗୋ ବାଳିକା ବଧୂ
କେବେ ଆସି ସାଜିବ
ମୋ ଅଗଣା ର ମାଣିକ ମୁକୁତା
କେବେ ତୁମ ମିଠା ପ୍ରେମର
ବସନ୍ତ ରେ ଭିଜେଇ ଦେଇ
ସନ୍ତାପିତ ମନରେ ଜୀବ
ଦେବ ଭରି।


♥ପଳାସ, କଳାହାଣ୍ଡି
ଧର୍ମଗଡ଼ ସାହିତ୍ୟ ସଂସଦ


## ବିରହ

### ପ୍ରଦୀପ୍ତ ଆଚାର୍ଯ୍ୟ



ପରିବେଶ ସୁରକ୍ଷା
ଜ୍ଞାନୀ ହୋଇ ଆମେ,
ଅଜ୍ଞାନୀ ହୋଇଛେ,
ଜାଣି ପାରୁନାହେଁ କିଛି,
ନିଜ ଗୋଡେ ନିଜେ,
କୁରାଢୀ ମାରୁଛେ,
ବୃକ୍ଷଲତା ଦେଇପୋଛି।

ସମସ୍ତ ସ୍ଥାନର, ଉତାପଟା ଆଜି,
ଚାଳିଶି ଉପରେ ଅଛି,
ଉତାପ ବୃଦ୍ଧିର,କାରଣଟା କଣ,
ସଭିଁଏ ଜାଣି ଅଛନ୍ତି।

ବୃକ୍ଷ ରୋପଣଟା, ବଡ କଥା ନୁହେଁ,
ରକ୍ଷଣା ବେକ୍ଷଣ ବଡ,
କେତେ ବୃକ୍ଷ ଆମେ,
ବଂଚାଇ ପାରିବା,
ପ୍ରଚାର ପ୍ରସାର ଛାଡ।

ନେଚର ଲଭର,ଡିଣ୍ଡିମ ପିଟୁଛେ,
ବନ ମହୋତ୍ସବ ପାଳି,
ସପ୍ତାହ ଭିତରେ,ଗଛତ ନଥାଏ,
ଖାଇଥାନ୍ତି ଗୋରୁ ଛେଳି।

ବୃକ୍ଷ ରୋପଣର,ଫଟୋ ଛାଡି ଆମେ,
ବାହା ବାହା ନେଉଅଛେ,
ଦେବାକି ହିସାବ,ବରଷକ ମଧ୍ୟେ,
କେତେ ଗଛ ବଂଚାଇଛେ ?

ରଖିଥିବା ଧ୍ୟାନ, ବୃକ୍ଷହିଁ ଜୀବନ,
ନିଜେ ବଂଚିବାର ପାଇଁ,
ବୃକ୍ଷ ନରହିଲେ,ସବୁଜ ପୃଥିବୀ,
ନିଶ୍ଚେ ଯିବ ଧ୍ୱଂସ ହୋଇ।


♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦




## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୪୨**

ଏମିତି ଖେଳ ମୁଁ ପୂର୍ବରୁ କେଉଁଠି କେବେ ଦେଖି ନଥିଲି । ଆମ ପକ୍ଷ ଯେତେବେଳେ ବିଜୟଲାଭ କରୁଛନ୍ତି, ଆମେ ତେଣୁ କେହି କାହିଁକି ପ୍ରତିବାଦର ସ୍ୱର ଉଠାଇବୁ । ବରଂ ନିରବରେ ପାଣ୍ଡବମାନଙ୍କର ପରାଜୟ ଦେଖି ଆମୋଦିତ ହେଉଥିଲୁ । ଶକୁନିମାମୁଁ, ଦୁର୍ଯ୍ୟୋଧନ ଆଦିଙ୍କୁ ଉତ୍ସାହିତ କରୁଥିଲୁ ।

କ୍ଷୋଭ ଜାଗୁଥିଲା ପରାସ୍ତ ପାର୍ଥୀଙ୍କ ପାଇଁ । ଭାବି ପାରୁ ନଥିଲି କେଉଁ ଉପାଦାନରେ ବିଧାତା ଯୁଧିଷ୍ଠିରଙ୍କୁ ଗଢ଼ିଛନ୍ତି କେଜାଣି, ନିଜର ସର୍ବସ୍ୱ ହରାଇ ମଧ୍ୟ ସେ ଥିଲେ ପ୍ରତିକ୍ରିୟା ଶୂନ୍ୟ । ପଶାଖେଳର ମୋହ, ଆସକ୍ତି ରୂପକ ମହୋଦଧିରେ ବୁଡ଼ିରହି ସେ ଅଣନିଃଶ୍ୱାସୀ । ବେଶି ଧନ୍ୟବାଦ ଦେବି ତାଙ୍କର ଅନୁଜମାନଙ୍କୁ । ଜ୍ୟେଷ୍ଠ ବିରୋଧରେ ପାଟି ଖୋଲିବାକୁ କାହାରି ମଧ୍ୟ ସାହସ ନାହିଁ । ସମସ୍ତେ ନିରବ, ନିଶ୍ଚଳ । ଆଉ ଏପଟେ ବିଜୟ ଉଲ୍ଲାସରେ ଉତ୍‌ଫୁଲ୍ଲିତ ହେଉଥାନ୍ତି ଦୁର୍ଯ୍ୟୋଧନ, ଦୁଃଶାସନ, ଶକୁନିମାମୁଁ । ମୁଁ ସେମାନଙ୍କ ସପକ୍ଷରେ ଥାଇ ଉପଭୋଗ କରୁଥିଲି ଏ ଦୃଶ୍ୟକୁ ।

ନତମସ୍ତକରେ ବସିଥାନ୍ତି ଯୁଧିଷ୍ଠିର । ଇନ୍ଦ୍ରପ୍ରସ୍ଥର ମହାରାଜ ଏକାଙ୍ଗବର୍ତ୍ତୀ ଚକ୍ରବର୍ତ୍ତୀ ସମ୍ରାଟ । ନିଜ ବାହୁବଳରେ ଯିଏ ଦିନେ ଖାଣ୍ଡବପ୍ରସ୍ଥକୁ ଇନ୍ଦ୍ରପ୍ରସ୍ଥରେ ରୂପାନ୍ତରିତ କରିଥିଲେ ସେଇ ଇନ୍ଦ୍ରପ୍ରସ୍ଥ ଏତେ ସହଜରେ କୌରବମାନଙ୍କ ହାତକୁ ଯେ ଚାଲିଯିବ, ଶୂନ୍ୟ ହୋଇଯିବ ଇନ୍ଦ୍ରପ୍ରସ୍ଥର ରାଜକୋଷ, ତାହା କ'ଣ କେହି କେବେ ଭାବି ପାରିଥିଲେ । ପଶାଖେଳର ନିଶାରେ ନିଃସ୍ୱ ହୋଇ ମୁଣ୍ଡରୁ ମୁକୁଟ ଓହ୍ଲାଇ ଦାସ ପାଲଟିଯିବା ପରେ ତାଙ୍କ ପାଖରେ ଆଉ ବା କ'ଣ ଅଛି ବାଜି ଲଗାଇବାରେ । ତଥାପି କୌରବ ପକ୍ଷ ଛାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି ।

ତାଚ୍ଛଲ୍ୟ, ଭର୍ତ୍ସନା, ଅପମାନର ଗ୍ଲାନିରେ ଜର୍ଜରିତ ହୋଇ ପଡ଼ୁଥାନ୍ତି ପାଣ୍ଡବ ଭ୍ରାତାଗଣ । ଏହି ସମୟରେ ଦୁର୍ଯ୍ୟୋଧନଙ୍କ ଶାଣିତ ବାକ୍ୟ ଉପସ୍ଥିତ ସମସ୍ତଙ୍କୁ ସ୍ତବ୍ଧ କରିଦେଲା । କ୍ଷଣିକରେ ଯେମିତି କଳାବାଦଲ ଛାଇ ହୋଇଗଲା ରାଜପୁରୀରେ । ଉପସ୍ଥିତ ସମସ୍ତଙ୍କ ମୁଖମଣ୍ଡଳରେ ଆତଙ୍କର ଛାୟା । ଦୁର୍ଯ୍ୟୋଧନ ଇଂଗିତ ଦେଇ କହୁଥାନ୍ତି, ପାଣ୍ଡବ ମାନଙ୍କର ଶେଷ ସମ୍ପତ୍ତି ଦ୍ରୌପଦୀଙ୍କୁ ଏଥର ବାଜି ଲଗାଯାଉ ।

ଆଶ୍ଚର୍ଯ୍ୟ । ସତ୍ୟସନ୍ଧ ପୁରୁଷ ଯୁଧିଷ୍ଠିର । ନିଜ ଦେହରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ସତ୍ୟପଥରୁ ବିଚ୍ୟୁତ ହୋଇପାରିବେ ନାହିଁ । ଶେଷରେ କୃଷ୍ଣାଙ୍କୁ ମଧ୍ୟ ସଭାସ୍ଥଳକୁ ଆସିବାକୁ ପଡ଼ିବ ? ଉନ୍ମାଦିତ ହୋଇ ପଡ଼ୁଥିଲେ ଦୁର୍ଯ୍ୟୋଧନ । ଯଦିଓ ମୋ ମନରେ କୃଷ୍ଣାଙ୍କ ଅପମାନର ପ୍ରତିଶୋଧ ଜ୍ୱାଳା ତୀବ୍ର ଦଂଶନ କରୁଥିଲା, ତଥାପି ଅନ୍ତର ସହ ଦୁର୍ଯ୍ୟୋଧନଙ୍କ ଏଭଳି କାର୍ଯ୍ୟକଳାପକୁ ସମର୍ଥନ କରିପାରୁ ନଥିଲି । ଭାବୁଥିଲି ରାଜସଭାରେ ଏତେ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ମଧ୍ୟ କେହିବି ଏଭଳି ଅନ୍ୟାୟ ବିରୋଧରେ ପ୍ରତିବାଦ କରୁନାହାଁନ୍ତି । ଯଦି ବି କେହି ଚାହୁଁଛନ୍ତି, ତାଙ୍କ ସ୍ୱର ଚାପି ହୋଇଯାଉଛି । କୌରବ ପକ୍ଷରୁ ପ୍ରତିବାଦ କରିଥିଲେ ବିକର୍ଣ୍ଣ । କିନ୍ତୁ ସବୁକିଛି ବୃଥା ହୋଇଗଲା । ଘାଇଲା ବାଘ ଭଳି ଦୁର୍ଯ୍ୟୋଧନ ଏକାଏକା ହିଁ ଗର୍ଜି ଉଠୁଥାନ୍ତି । କାହାରି କଥା ଶୁଣିବାକୁ ସେ ପ୍ରସ୍ତୁତ ନଥିଲେ । ନିଷ୍ଠୁରତାର ଚରମ ସୀମା ସ୍ପର୍ଶକରି ସେବକ ପ୍ରତିକାମୀଙ୍କୁ ଦ୍ରୌପଦୀଙ୍କୁ ସଭାସ୍ଥଳକୁ ଆଣିବା ପାଇଁ ଆଦେଶ ଦେଲେ । ଏକପଟେ ଆମପକ୍ଷର ଅଟ୍ଟହାସ୍ୟ । ଅନ୍ୟପକ୍ଷରେ ଲଜ୍ଜା, ଅପମାନରେ ଲହୁଲୁହାଣ ହୋଇଥିବା ପାଣ୍ଡବପକ୍ଷ ।

ଆଜ୍ଞାବହ ପ୍ରତିକାମୀ ଅନ୍ତଃପୁରରୁ ଫେରିଆସି ବିନମ୍ରତାର ସହ ନିବେଦନ କଲା, 'ରାଜବଧୂ ଆସିପାରିବେ ନାହିଁ, ସେ ରଜସ୍ୱଳା ଓ ଏକବସ୍ତ୍ରା । ତାଛଡ଼ା ସେ କିଛି ପ୍ରଶ୍ନର ଉତ୍ତର ଚାହୁଁଛନ୍ତି ।

ଦୁର୍ଯ୍ୟୋଧନ ଆହୁରି ଉତ୍ତେଜିତ ହୋଇ ଉଠୁଥାନ୍ତି ରାଜବଧୂ କିଏ ରାଜବଧୂ ? ସ୍ୱାମୀମାନେ ଦାସତ୍ୱ ସ୍ୱୀକାର କରିବା ପରେ ତାଙ୍କର ପତ୍ନୀ ତ ଦାସୀ । ତାଙ୍କର ପୁଣି ରାଜସଭାକୁ ଆସିବାରେ ଆପତ୍ତି କାହିଁକି ? ଯାଅ ଦୁଃଶାସନ, ଦାସୀ ଦ୍ରୌପଦୀକୁ ବଳପୂର୍ବକ ଏଠାକୁ ନେଇଆସ । ସେ ଯାହା ପଚାରିବାକୁ ଚାହୁଁଛନ୍ତି, ଏହି ସଭାରେ ସର୍ବସମ୍ମୁଖରେ ପଚାରିବେ ?

କେତୋଟି ମୁହୂର୍ତ୍ତ ପରେ ବଦଳିଗଲା ସଭାମଞ୍ଚର ଚିତ୍ରପଟ । ଏକବସ୍ତ୍ରା ଦ୍ରୌପଦୀଙ୍କ କେଶଗୁଚ୍ଛକୁ ଟାଣିଟାଣି ଆଣୁଥାନ୍ତି ଦୁଃଶା ।

ଓଃ କି ଭୟଙ୍କର, କି କରୁଣ ! ଆମେ ସମସ୍ତେ ଭୁଲିଯାଇଥିଲୁ ଆମ ସ୍ଥିତି । ଦୁର୍ଯ୍ୟୋଧନଙ୍କୁ ଆହୁରି ଉତ୍ସାହିତ କରୁଥିଲୁ । ଆମ ମାନଙ୍କର ବିଭତ୍ସ ହସରେ କମ୍ପି ଉଠୁଥିଲା କ୍ରୀଡ଼ାମଞ୍ଚ ।

ଦୁଃଶାସନ, ଏ ଦାସୀକୁ ବିବସ୍ତ୍ରା କରିଦିଅ । ଆଉ ଏହାକୁ ଆଣି ବସାଅ ମୋ ଜାନୁରେ । ଏହା କହି ନିଜ ଜାନୁଦେଶକୁ ସଂକେତ ଦ୍ୱାରା ଦେଖାଇ ଦେଉଥାନ୍ତି ଦୁର୍ଯ୍ୟୋଧନ ।

ସମଗ୍ର ପରିବେଶ ଥିଲା କରୁଣାୟିତ । କେବଳ ଆମ୍ଭମାନଙ୍କୁ ଛାଡ଼ିଦେଲେ ଉପସ୍ଥିତ ସମସ୍ତଙ୍କ ମୁହଁ ଲଜ୍ଜାରେ ଅବନତ । ମୋ ମନରେ ସେତେବେଳେ ଉଙ୍କି ମାରୁଥିଲା ପାଞ୍ଚାଳ ରାଜସଭାରେ ମୋ ପ୍ରତି ହୋଇଥିବା ଅପମାନ । ସୂତପୁତ୍ର ବୋଲି ସେଦିନ ମୋତେ ଯେଭଳି ଭାବେ ହେୟଜ୍ଞାନ କରାଯାଇଥିଲା, ତାହାର ପ୍ରତିଶୋଧ ନେବାପାଇଁ ମୁଁ ମଧ୍ୟ ମିତ୍ରଙ୍କୁ ଉତ୍ସାହିତ କରୁଥିଲି । ଯଦିଓ ଜାଣିଥିଲି ପୁତ୍ରୀସମା ଦ୍ରୌପଦୀଙ୍କ ପ୍ରତି ଏଭଳି କଟୂକ୍ତି ନିଶ୍ଚିତ ପାପ, ଅନ୍ୟାୟ । ଲକ୍ଷ୍ୟକଲି ପିତାମହ, ଦ୍ରୋଣାଚାର୍ଯ୍ୟ ସମସ୍ତେ ନିର୍ବାକ୍, ନିଷ୍ପନ୍ଦ । ଯଦିଓ ସେମାନଙ୍କ ମୁଖମଣ୍ଡଳରେ ଦାରୁଣ ଅନ୍ତର୍ବେଦନା ପ୍ରତିଫଳିତ ହେଉଥାଏ, ତଥାପି ସେମାନେ ନିରୁପାୟ । କୌରବ ଅନ୍ନରେ ପ୍ରତିପାଳିତ ଏତେବଡ଼ ମହାବୀରମାନେ ଆଜି ଯେମିତି ନିର୍ବୀର୍ଯ୍ୟ । ଆଉ ସ୍ୱୟଂ ମହାରାଜ । କେବଳ ବାହ୍ୟଚକ୍ଷୁରେ ନୁହେଁ ପୁତ୍ର ସ୍ନେହରେ ଅନ୍ଧ ସେ । ଜଣେ ବିବେକ, ବିଚାରଶୂନ୍ୟ ରାଜାଙ୍କ ନିକଟରୁ ଅଧିକ କ'ଣ ଆଶା କରାଯାଏ । ଜଣେ ପ୍ରଜାବତ୍ସଳ ରାଜା ଅପେକ୍ଷା ପୁତ୍ରସ୍ନେହୀ ପିତା ରୂପେ ସେ ନିଜକୁ ଗୁରୁତ୍ୱ ଦିଅନ୍ତି । ସେହି ନ୍ୟାୟରେ ଦୁର୍ଯ୍ୟୋଧନଙ୍କ ପ୍ରତିଟି କଥାକୁ ସେ ଅନ୍ଧଭାବେ ମାନି ନେଇଥାନ୍ତି । ପୁତ୍ର ହାତରେ ସେ ତ କେବଳ ଗୋଟିଏ ଚାବିଦିଆ କଣ୍ଢେଇ । ରାଜ୍ୟ ପଛେ ଉଜୁଡ଼ିଯାଉ, ଦେଶ ପଛେ ଭାସିଯାଉ । ପୁତ୍ର ତାଙ୍କର କାଳକାଳ ଧରି ବଞ୍ଚିରହୁ । ପୁତ୍ର ଆଗରେ ବଳିପକାଇ ଦେଇଛନ୍ତି ତାଙ୍କର ପିତୃତ୍ୱ । ନହେଲେ ଅନ୍ଧ ହୋଇ ବି ସେ କ'ଣ କିଛି ବୁଝିପାରୁ ନାହାଁନ୍ତି । ବାସ୍ତବରେ କେବଳ ଏକା ମହାରାଜ ନୁହଁନ୍ତି, ଆମେ ପ୍ରତ୍ୟେକେ ପାଲଟି ଯାଇଥିଲୁ ଅନ୍ଧ । ଦୁର୍ଯ୍ୟୋଧନ ପ୍ରତିଶୋଧରେ ଅନ୍ଧ, ଆଉ ମୁଁ କ୍ରୋଧରେ ଅନ୍ଧ । ସେଠି କିଏ ବା କାହାକୁ ବୁଝାଇବୁ । ଭଲମନ୍ଦ, ନ୍ୟାୟଅନ୍ୟାୟ, ଧର୍ମଅଧର୍ମ, ମଧ୍ୟରେ କିଛି ପ୍ରଭେଦ ମୁଁ ନିଜେ ମଧ୍ୟ ବୁଝି ପାରୁନଥିଲି । ଆମେ ସମସ୍ତେ ଗୋଟିଏ ସ୍ରୋତର ଧାରାରେ ନିଜକୁ ସାମିଲ୍ କରିଦେଇଛୁ । ଅନ୍ୟମାନଙ୍କ ସହ ମୁଁ ମଧ୍ୟ ସେହି ସଭାରେ ଉପସ୍ଥିତ ରହି ଦ୍ରୌପଦୀ ଅପମାନିତ ହେବାର ଯେଉଁ କୁତ୍ସିତ ଆନନ୍ଦ ତାହାକୁ ଗୋଟାପଣେ ଉପଭୋଗ କରୁଥିଲି । ସେସବୁ ଚିନ୍ତା କଲେ ବେଳେବେଳେ ଭାବେ, ସେଦିନ ଯଦି ମହାରାଜ ନିଜେ ପ୍ରତିବାଦ କରିଥାନ୍ତେ, ଦ୍ୟୁତକ୍ରୀଡ଼ାକୁ ରୋକି ପାରିଥାନ୍ତେ, ହୁଏତ କୁରୁବଂଶର ଏମିତି ବିପର୍ଯ୍ୟୟ ହୁଅନ୍ତା ନାହିଁ । ମାତ୍ର ପୁତ୍ର ସ୍ନେହରେ ଅନ୍ଧ ମହାରାଜଙ୍କ ପକ୍ଷରେ ଏସବୁ ସମ୍ଭବ ହେବ କିପରି ? କାଳର ବକ୍ଷରେ ସେମାନେ ନିଜ ନାମକୁ କଳଙ୍କିତ କରି ଚାଲିଗଲେ । ସେମାନେ କେମିତି ବୁଝିବେ ଧର୍ମର ମହାମନ୍ତ୍ର ।

ସଭାସ୍ଥଳରେ ଶୁଭୁଥିଲା ଦ୍ରୌପଦୀଙ୍କ ପ୍ରତିବାଦର ଚିତ୍କାର । ଦୁଃଶା ତାଙ୍କୁ ବିବସ୍ତ୍ରା କରିବାକୁ ଉଦ୍ୟମ କରି ତାଙ୍କ ପିନ୍ଧାବସ୍ତ୍ରକୁ ଧରି ଟାଣିବାକୁ ଲାଗିଲେ । ନିରବଦ୍ରଷ୍ଟା ସାଜି ବସିଥିଲେ ତାଙ୍କର ପଞ୍ଚସ୍ୱାମୀ । ଦେଇପାରିଲେନି ସୁରକ୍ଷା । ମହାରାଜଙ୍କ ଆଗରେ ଯେତେ ଅନୁନୟ, ବିନୟ ହୋଇ କହିଲେ ମଧ୍ୟ କିଛି ବି ପରିବର୍ତ୍ତନ ହେଲାନି । କେହିବି ତାଙ୍କର ପ୍ରଶ୍ନର ଉତ୍ତର ଦେଇପାରୁ ନଥିଲେ, ସେ ଅସମାଧିତ ପ୍ରଶ୍ନର ସତରେ କ'ଣ କିଛି ଉତ୍ତର ନଥିଲା । ନା ଉତ୍ତର ଦେବାର ସାହସ ନଥିଲା କାହାରି ପାଖରେ । ସେ ପ୍ରଶ୍ନ ତ କେବଳ ପ୍ରଶ୍ନ ନଥିଲା, ଥିଲା ଜଣେ ବୁଦ୍ଧିମତୀ, ଗୁଣବତୀ, ସତୀନାରୀର ହୃଦୟ ସ୍ପନ୍ଦନ । ନିର୍ମମ, ନିଷ୍ଠୁର ନିର୍ଯ୍ୟାତନାର ପରିଭାଷା । ଯାର ଉତ୍ତର ଥାଇ ମଧ୍ୟ ଉତ୍ତର ନଥିଲା । ବିବେକବନ୍ତ ପୁରୁଷ ମାନଙ୍କ ପାଇଁ ତାହା ଥିଲା ଗୋଟିଏ ଶକ୍ତ ଚାପୁଡ଼ା । ଅଶାନ୍ତ ବାତାବରଣ ମଧ୍ୟରେ ହଠାତ୍ ଏକ ବିସ୍ଫୋରକ ଘଟଣା ଘଟିଗଲା । ନିଃସହାୟା ଦ୍ରୌପଦୀ ନିଜର ଆତ୍ମରକ୍ଷା ପାଇଁ ଦୁଇହାତ ଯୋଡ଼ି କୃଷ୍ଣନାମ ଜପ କରୁଥିଲେ । ଏପଟେ ଏକ ଦିବ୍ୟ ଆଲୋକରେ ଉଦ୍‌ଭାସିତ ହୋଇଉଠିଲା ସଭାସ୍ଥଳ । ଆମେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ନୟନରେ ଚାହିଁ ରହିଥିଲୁ । ଦୁଃଶା ଯେତେ ବସ୍ତ୍ର ଟାଣୁଥିଲେ ମଧ୍ୟ ନୂତନ ବସ୍ତ୍ରରେ ଗୁଡ଼ାଇ ହୋଇଯାଉଥିଲା ଦ୍ରୌପଦୀଙ୍କ ଅଂଗ । ପରସ୍ତ ପରସ୍ତ ବସ୍ତ୍ର ଆବୃତ୍ତ କରି ଦେଉଥିଲା ତାଙ୍କ ଶରୀର । ବସ୍ତ୍ର ଟାଣିଟାଣି ଦୁଃଶା କ୍ଲାନ୍ତ, ଅବସନ୍ନ । ଘର୍ମାକ୍ତ ଶରୀର ତାଙ୍କର ଚାହୁଁଥିଲା ବିଶ୍ରାମ । ବାରମ୍ବାର ପଡ଼ିଉଠି ସେ ବସ୍ତ୍ର ଟାଣିବାରେ ବ୍ୟସ୍ତ । ମାତ୍ର ଯାହାର ଅଂଗକୁ ଘୋଡ଼ାଇ ରଖିଚି ଅସରନ୍ତି ବସ୍ତ୍ର, ତାହା କ'ଣ କେବେ ଶେଷ ହୋଇପାରେ, ଶୁଣିଥିଲି ଈଶ୍ୱର ରହିଥାନ୍ତି ଶିଶୁର ହସରେ, କୁମାରୀର ଲାଜରେ, ବୁଭୁକ୍ଷୁର ଲୁହରେ । କୃଷ୍ଣଙ୍କ ଅଭୟ ଛତ୍ରତଳେ କୃଷ୍ଣା ଯେ ରହିଛନ୍ତି ସେ କଥା ସେଦିନ ସର୍ବସମ୍ମୁଖରେ ପ୍ରମାଣିତ ହୋଇଗଲା । ପଞ୍ଚପତିଙ୍କଙ୍କ ପତ୍ନୀ ପାଞ୍ଚାଳୀ ଯେ ସତୀ ଶିରୋମଣି ତାହା ମଧ୍ୟ ସର୍ବସମ୍ମୁଖରେ ବିଦିତ ହୋଇଗଲା । ଆମେ ଯେଉଁମାନେ କୃଷ୍ଣାଙ୍କ ଉପରେ ଅଶାଳୀନ ମନ୍ତବ୍ୟମାନ ଦେଉଥିଲୁ ସମସ୍ତଙ୍କ ମୁହଁ ସ୍ୱତଃ ବନ୍ଦ



ହୋଇଗଲା । ପ୍ରତ୍ୟେକଙ୍କ ମନରେ କୃଷ୍ଣାଙ୍କ ନାମରେ କୁଟିପ୍ପଣୀ ଦେବାକୁ ଶଙ୍କା ଜାଗିଲା । ଆମେ ପ୍ରତ୍ୟେକେ ବେଶ୍ ଉପଲବ୍ଧି କରିପାରୁଥିଲୁ କୃଷ୍ଣାଙ୍କ ସହ ପାଣ୍ଡବ ବିରୋଧୀ ହେବା ଅର୍ଥ, କୃଷ୍ଣଙ୍କ ବିରୋଧୀ ହେବା ।

ସ୍ଥିର ହୋଇ ବସି ପାରୁନଥିଲେ ଦ୍ୱିତୀୟପାଣ୍ଡବ । ଜ୍ୟେଷ୍ଠ ଯୁଧିଷ୍ଠିରଙ୍କ ଇସାରାକୁ ଭ୍ରୂକ୍ଷେପ ନକରି ନିଜ ଆସନରୁ ଉଠିପଡ଼ି ସିଂହଭଳି ଗର୍ଜି ଉଠିଲେ । ସମୟ ଆସିଲେ ଏହି ପାପୀ ଦୁଃଶାର ବାହୁଦ୍ୱୟକୁ ଦ୍ୱନ୍ଦ୍ୱଯୁଦ୍ଧରେ ଉପାଡ଼ି ଦେବି । ତାର ରକ୍ତକୁ ଆକଣ୍ଠ ପାନ କରିବି । ଆଉ ଯେତେଦିନ ପର୍ଯ୍ୟନ୍ତ ସେଇ ରକ୍ତରେ କୃଷ୍ଣାଙ୍କ ବେଣୀବନ୍ଧନ ନହୋଇଛି କୃଷ୍ଣା ରହିବେ ମୁକ୍ତକେଶୀ ହୋଇ । ଏହା ମୋର ଦୃଢ଼ ପ୍ରତିଜ୍ଞା । ମୁଁ ଭୀମ ଆଜି ସର୍ବସମ୍ମୁଖରେ ଘୋଷଣା କରୁଛି ଗଦାଯୁଦ୍ଧରେ ଦୁର୍ଯ୍ୟୋଧନର ଜାନୁଭଂଗ କରି ଚୂର୍ଣ୍ଣବିଚୂର୍ଣ୍ଣ କରିଦେବି । ଆଗାମୀ ଭବିଷ୍ୟତ ପାଇଁ ଏହାହିଁ ମୋର ଦୃଢ଼ ପ୍ରତିଜ୍ଞା ।

ଆହୁରି ବୋଧହୁଏ କିଛି କହିଥାନ୍ତେ ଭୀମ । ଯୁଧିଷ୍ଠିର ତାଙ୍କୁ ବସାଇ ଦେଲେ । ଭୀମସେନଙ୍କ ପ୍ରତିଜ୍ଞାର ବଜ୍ରଗମ୍ଭୀର ସ୍ୱର ସମଗ୍ର ବାୟୁମଣ୍ଡଳରେ ସୃଷ୍ଟି କରୁଥିଲା ପ୍ରତିଧ୍ୱନି । ଭୟରେ ଥରି ଉଠୁଥିଲେ ମହାରାଜ, ପିତାମହ ଭୀଷ୍ମ ଆଦି ଉପସ୍ଥିତ ଗୁରୁଜନବୃନ୍ଦ ।

ଯେଉଁ କ୍ରୀଡ଼ା ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ, ସେଇ କ୍ରୀଡ଼ା ଆଗାମୀ ଇତିହାସ ପାଇଁ ପାଲଟିଗଲା ଏକ ଭୟଙ୍କର ବିସ୍ଫୋରଣ । ଆଶଙ୍କାର କଳାବାଦଲ ଛାଇ ହୋଇଗଲା ସମଗ୍ର ହସ୍ତିନାପୁର ଆକାଶରେ । ଆସନ୍ନ ବିପଦରୁ ରକ୍ଷାପାଇଁ ଦ୍ରୌପଦୀଙ୍କ ଉଦ୍ଦେଶ୍ୟରେ କହିଲେ ଦ୍ରୌପଦୀ, ତୁମେ ଆମର କୁଳବଧୂ । ଏତକ ମଧ୍ୟ ସ୍ୱୀକାର କରୁଛି ତୁମପ୍ରତି ହୋଇଥିବା ଅନ୍ୟାୟର କେବେ କ୍ଷମା ନାହିଁ । ତଥାପି ତୁମ ଉପରେ ପ୍ରସନ୍ନ ହୋଇ ତୁମକୁ କିଛି ଦେବାକୁ ଚାହୁଁଛି । କ'ଣ ଦରକାର ମାଗିନିଅ ।

ବେଶ୍ ନାଟକୀୟ ଭାବେ ଅଭିନୟ କରିଦେଲେ ମହାରାଜ । ଯିଏ କିଛିକ୍ଷଣ ପୂର୍ବରୁ ନିଜର ପୁତ୍ରବଧୂକୁ ବିବସ୍ତ୍ରା କରିବାକୁ ଅପଚେଷ୍ଟା କରୁଥିବା ପୁତ୍ରମାନଙ୍କୁ ପଦେ ବି କିଛି କହି ନଥିଲେ । ସେଇ ମହାରାଜ ପୁଣି ପିତାରୁ ପାଲଟିଗଲେ ଶାସକ । ଶାସନର ଚାବୁକକୁ ହାତରେ ଧରି ସେ ପୁଣି ଅନୁକମ୍ପା ଦେଖାଇ ହେଉଛନ୍ତି ପୁତ୍ରବଧୂ ଉପରେ । 'ମହାରାଜ ଯଦି କିଛି ଦେବାକୁ ଚାହାଁନ୍ତି ତେବେ ମୋର ପତିମାନଙ୍କୁ ଦାସତ୍ୱ ବନ୍ଧନରୁ ମୁକ୍ତ କରନ୍ତୁ, ଫେରାଇ ଦିଅନ୍ତୁ ଇନ୍ଦ୍ରପ୍ରସ୍ଥ ରାଜ୍ୟ ଆଉ ସକଳ ଧନସମ୍ପଦ ।

ଦ୍ରୌପଦୀଙ୍କ ବିନମ୍ର ନିବେଦନ ଆଗରେ ମହାରାଜ ମଥାନତ କରି ଦ୍ରୌପଦୀଙ୍କ ଦାବିକୁ ମାନି ନେଇଥିଲେ ।

ମୁଁ ଆଶ୍ୱସ୍ତ ହେଉଥିଲି ଏଇଥିପାଇଁ ଯେ, ଗୋଟାଏ ପ୍ରଳୟଙ୍କରୀ କାଳବୈଶାଖି ଏବେ ଥମିଗଲା । ଶାନ୍ତ ହୋଇଗଲା ବାତାବରଣ । ପାଣ୍ଡବମାନେ ଫେରିଗଲେ ଇନ୍ଦ୍ରପ୍ରସ୍ଥକୁ । ମାତ୍ର ଶାନ୍ତ ହେଲେନି ମିତ୍ର ଦୁର୍ଯ୍ୟୋଧନ । କେମିତି ହେବେ ? ସେ ଯେ ଏକ ଆଗ୍ନେୟଗିରି । ଯାହା ଉଦ୍‌ଗତ ଜ୍ୱାଳାମୁଖକୁ ପ୍ରସ୍ତର ଆବରଣ ତଳେ ଜୋରକରି ଚପାଇ ଦିଆଗଲା ସିନା ମାତ୍ର ଭବିଷ୍ୟତରେ ସେଥିରୁ ପୁଣି ଯେ ଲାଭା ଉଦ୍‌ଗୀରଣ ନହେବ ତାହା କିଏ କହିବ ?

ଦୁର୍ଯ୍ୟୋଧନ ବୁଝିବା ଅବସ୍ଥାରେ ନଥିଲେ । କ୍ରୀଡ଼ାକୁ ମାଧ୍ୟମ କରି ଅର୍ଜିଥିବା ସଂପଦ ଯେ ଏତେ ଶୀଘ୍ର ହାତମୁଠାରୁ ଚାଲିଯିବ, ତାହା ତାଙ୍କର ଧାରଣା ନଥିଲା । ମାତ୍ର ସେ ସମ୍ପଦ ଯେ ଅନ୍ୟାୟ ଭାବେ ଅର୍ଜିତ । ଏକଥା ମାନିବାକୁ ମିତ୍ର ପ୍ରସ୍ତୁତ ନଥିଲେ । ତେଣୁ ସେ ବୋଧହୁଏ ଅନ୍ୟକିଛି ଯୋଜନା ପ୍ରସ୍ତୁତ କରିବାକୁ ଚିନ୍ତା କରୁଥିଲେ ।

ମୋ ଚିନ୍ତା କିନ୍ତୁ ଭିନ୍ନ ଥିଲା । ମୋ ମତରେ ଜୀବନରେ ମଣିଷ ଏମିତି ଅନେକ ଖେଳ ଖେଳେ । ଖେଳରେ ତ ହାରଜିତ୍ ଲାଗିରହିଛି । କେତେବେଳେ କିଏ ଜିତେ ଅବା କେତେବେଳେ କିଏ ହାରେ, ତଥାପି ଖେଳ ତ ବନ୍ଦ ହୁଏନି । ମଣିଷ ମଧ୍ୟ କାଳଚକ୍ରରେ ଜୀବନସାରା ଏମିତି ଖେଳି ଚାଲିଥାଏ । କାଳ ହାତରେ କ୍ରୀଡ଼ନକ ସାଜି ଖେଳିବାର ମୋହକୁ ତ୍ୟାଗ କରି ପାରେନି । ଦୁର୍ଯ୍ୟୋଧନ ମଧ୍ୟ ସେଇ କାଳର ଇଂଗିତରେ ପରିଚାଳିତ । ସେ ବା କେମିତି ତ୍ୟାଗ କରିପାରିଥାନ୍ତେ । କପଟ ଦ୍ୟୁତର ଜାଲ ବିଛାଇ ସେ ଚାହିଁଥିଲେ ପାଣ୍ଡବମାନଙ୍କୁ ସେଥିରେ ଛନ୍ଦିଦେବେ । ବହୁକଷ୍ଟରେ ସେମାନଙ୍କ ପରିଶ୍ରମଲବ୍ଧ ରାଜବୈଭବକୁ ଛଡ଼ାଇ ନେବେ । ମାତ୍ର ସେମାନଙ୍କର ସେହି ଦୁର୍ବାର କାମନା, ଲୋଭର ପରିଣତି କ'ଣ ହେଲା ।

ସେଦିନ ନିଜଭବନକୁ ଫେରିଆସି ବିଶ୍ରାମ ନେବାକୁ ଚେଷ୍ଟାକଲି । କିନ୍ତୁ ଭଲରେ ଶୋଇପାରିଲି ନାହିଁ । ମୋ ଆଖି ପଲକରେ ଦୃଶ୍ୟମାନ ହେଉଥିଲା ସେଇ ଗୋଟିଏ ଦୃଶ୍ୟ । ଗୋଟିଏ ଉଜ୍ଜ୍ୱଳ ଆଲୋକରେଖା ଯାହା ପରସ୍ତ ପରସ୍ତ ହୋଇ ଗୁଡ଼ାଇ ହୋଇଯାଉଥିଲା କୃଷ୍ଣାଙ୍କ ଶରୀରରେ ।

କୃଷ୍ଣ ଆଉ କୃଷ୍ଣା, ଦୁହେଁଯାକ ଥିଲେ ମୋ ପାଇଁ ବିସ୍ମୟ । ସାରା ରାତି କେବଳ ସେ ଦୁହିଁଙ୍କ କଥା ଭାବିଭାବି ଅତନ୍ଦ୍ରରେ ସମୟ କଟିଗଲା ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଆଜିର କବିତା

## ତୁମେ ଏକ ଅମ୍ଳାନ ଆହ୍ୱାନ...

**ବିଜୟଲକ୍ଷ୍ମୀ ପାଣିଗ୍ରାହି**



ହେ ସମୟ !
ତୁମ ପ୍ରବହାର ଏ ସାମୟିକ ଅନୁଭବ ଯେ
ଅପାଶୋରା କିମ୍ବଦନ୍ତୀ
ଇତିହାସ ଖୋଦିତ ଶିଳାଲେଖ ।
ପ୍ରତିକାଳେ ଶିହରାଉଥିବ
କ୍ଷତାକ୍ତ ପ୍ରାଣର ଅସହ୍ୟ ବ୍ୟଥା ।
ବାରବାର ଅକ୍ତାମାକ୍ତା ହେଉଥିବ
ଭୟଭୀତ ମନର ଉଦବେଗସମୂହ ।
ରହି ରହି ଶୁଭୁଥିବ
ଅହଂକାର ମୁଣ୍ଡକଟା ଠପ୍ ଜୀବନରେ
ବେଡ଼ିବନ୍ଧା ପାଦ ଶବ୍ଦ ।
ଚିତ୍ରିତ ହେଉଥିବ
କରାଳ କାରୁଣ୍ୟର ନଗ୍ନତାରେ
ମଗ୍ନ ପୃଥିବୀର ମାନଚିତ୍ର ।
ମୁଦ୍ରିତ ହୋଇ ଥିବ କାବ୍ୟ କବିତାରେ
ଜନ ଜୀବନର ଆଖି କଣରେ
ଜକେଇ ରହିଥିବା କଏଦ କାହାଣୀ ।
ପବନରେ ଭାସି ଆସୁଥିବ
ସାନ୍ତ୍ୱନାର ରୂପକଳ୍ପେ
ପେଟର ହୁହୁ ଭୋକକୁ ଥାପୁଡାଉ ଥିବା
ଚକୁଳିଆ ପଣ୍ଡାର
ଭାତ ଖାଉ, କ୍ଷୀରି ଖାଉ, ପିଠା ଖାଉର
ମନବୋଧ ଚଉତିଶା ସ୍ୱର ।
ଦିକ୍ ଦିକ୍ ଜଳୁଥିବ
ଭିଟାମାଟିର ମୋହରେ
ମାଇଲ ମାଇଲ ଦୂରତା ସହ ଜୁଝୁଥିବା
ଦାଦନର ପୋଡା ପାଦ ଚିହ୍ନ ।
ହେ ସମୟ
ଏତେସବୁ ତିକ୍ତ ଅନୁଭବ ଅନ୍ତରାଳେ
ତୁମେ ତ ଚାଲିଯିବ
ଏ ଆସୁରିକ ମାନବର
ଅଣମାନବିକ ଦୌରାତ୍ମ୍ୟର ମନ୍ଥନରୁ
ବାହାରିଥିବା ସବୁ ଗରଳ ପିଇ
ନୀଳକଣ୍ଠ ହୋଇ
ପାହାଡ଼ ପାହାଡ ନିନ୍ଦା ଅପବାଦକୁ
ମୁଣ୍ଡରେ ମୁଣ୍ଡାଇ
ନାକରା ଛିଞ୍ଚରା ହୋଇ ।
ତୁମେ ଯେ ନୁହଁ ଅଭିଶପ୍ତ
ନୁହଁ କଳଙ୍କିତ
ତୁମେ ତ ଚିରନ୍ତନ ତୁମେ ହିଁ ଶାଶ୍ୱତ ।
ପ୍ରହାରରେ ବାଟହୁଡା ସନ୍ତାନକୁ
ବାଟୋଇ ନେବାର ଏକ ପ୍ରଚେଷ୍ଟା ତୁମେ
ଭାଇଚାର ମାନବିକତା ମନ୍ତ୍ରରେ
ଅଭିଭୂତ କରାଇବାର ପ୍ରୟାସ ନିଶ୍ଚୟ
ପ୍ରକୃତିର ଉପାସନା ପାଇଁ
ଏକ ଅମ୍ଳାନ ଆହ୍ୱାନ ।


+ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦


## ତୁମ ମନ ତାରା ଫୁଲଟିଏ...

**ପ୍ରତିଭା ସାହୁ**



ମୁଁ ତୁମ ଜୋଛନା ତୁମେ ମୋ ଜହ୍ନ
ତୁମ ମନ ତାରା ଫୁଲଟିଏ
ତୁମ ଆକାଶର ଛାତିରେ ନିତି ମୁଁ
ପ୍ରୀତିର ପ୍ରଣୟ ରଚିଥାଏ ।

କୋଟି ପୁଲକରେ ଆବେଗ ଆତୁରେ
ରହିଛି ରହିବି ହୋଇ ସ୍ମୃତି
ପ୍ରେମ ପ୍ରଣୟର ସମ୍ମୋହନୀ ସୁରେ
ଲେଖୁଥିବି ମୁଁ ଜୀବନ ଗୀତି ।

ସଞ୍ଜ ନଇଁ ଗଲେ ପଶ୍ଚିମ ଦିଗରେ
ଆକାଶରେ ଉଇଁ ଆସେ ଜହ୍ନ
ମୋ ମନ କୁଞ୍ଜରେ ଅତର ବାସଇ
ଝୁମି ଝୁମି ଯାଏ ତନୁ ମନ ।

ମୋ ମନ ଆକାଶେ ମେଘଟିଏ ହୋଇ
ବର୍ଷା ଜଳରେ ଦିଅ ଭସାଇ
ହସୁଥିବି ସଦା ସଂସାର ପଥରେ
ସାଥି ହାତକୁ ହାତ ମିଶାଇ ।

ନିରାଶା ମରୁର ଆଶାଝର ତୁମେ
ମୋ ମନ ଉଜ୍ଜ୍ୱଳ ଦୀପଟିଏ
ମୁଁ ତୁମ ଜୋଛନା ତୁମେ ମୋ ଜହ୍ନ
ତୁମ ମନ ତାରା ଫୁଲଟିଏ ।


+ବଇଣ୍ଡା, ହାଇସ୍କୁଲ ରୋଡ୍ (ଅନୁଗୋଳ)
ମୋ : ୭୦୦୮୨୩୬୯୯୧


# ସମ୍ପର୍କର ରଙ୍ଗ

## ନିଜକୁ ଦୁଃଖୀ ଭାବନ୍ତୁ ନାହିଁ

**ଶ୍ୱେତା ରାଉତ୍**



ଦୁଃଖ କାହାର ନାହିଁ । କେହି ଜାଣିନଥାଏ ଦୁଃଖ କେଉଁ ରୂପରେ କେଉଁଠି କେତେବେଳେ ସମୟ ସୁଅରେ ଆସି କାହାକୁ ଦଳିଚକଟି ଦିଏ ତ କେତେବେଳେ ଦୁଃଖକୁ ପିଇ ପିଇ ମଣିଷ ସ୍ଥାଣୁ ପାଲଟିଯାଏ । ସେଇମାନେ ହିଁ ଦୁଃଖକୁ ସରଳ ସ୍ରୋତରେ ନେଇପାରନ୍ତି, ଯେଉଁମାନେ ଦୁଃଖର ଚାବୁକ୍ ସହି ହସିବା ଶିଖିଥାନ୍ତି ଓ ଅନ୍ୟକୁ ହସାଇଥାନ୍ତି ।

ନୂଆବର୍ଷ ଆସୁଛି । ଆପଣଙ୍କ ଜୀବନର ପୁରୁଣା ଦୁଃଖସବୁକୁ ଛାତି ତଳେ କବର ଦେଇ ହସଖୁସିର ନୂଆ ଚାରାଟିଏ ରୋପଣ କରନ୍ତୁ । ଦୁଃଖକୁ ଆପଣ ଯେତେ ବେଶୀ ଭାବିହେବେ, ସେ ଆପଣଙ୍କୁ ସେତେ ବେଶୀ ଜାବୁଡି ଧରିବ, କେବେ ବି ଆପଣଙ୍କ ପାଖ ଛାଡିବ ନାହିଁ । ଯଦିଓ ହୃଦୟର କ୍ଷତ ସହଜେ ଭରିହୁଏନା ତଥାପି ଦୁଃଖ ସବୁବେଳେ ଗୋଟେ ଅତୀତ ଭାବନ୍ତୁ, ତାକୁ ବର୍ତ୍ତମାନର ଆଇନାରେ ଦେଖିବାକୁ ଚେଷ୍ଟା କରନ୍ତୁ ନାହିଁ ।

ଛୋଟ ଉଦାହରଣଟିଏ କହୁଛି, ଥରେ ମୋ ପୁଅର ହାତ କଟିଗଲା । କାନ୍ଦି କାନ୍ଦି ମୋ ପାଖକୁ ଆସି କହିଲା 'ମାମା' ମୋ ହାତ କଟିଗଲା, କେତେ ରକ୍ତ ବାହାରୁଛି ! ମୁଁ ପାଠ କେମିତି ଲେଖିବି, ବହୁତ ଯୋରରେ କାଟୁଛି 'ପୁଅ କଥାରେ ମୁଁ କିଛି ପ୍ରତିକ୍ରିୟା ନଦେବାରୁ, ସେ ଭାବିଲା 'ମୋ ହାତ କଟିଯାଇଛି, ମୁଁ କାନ୍ଦୁଛି ଅଥଚ ମାମାକୁ କିଛି ଫରକ ପଡୁନି' ! ପୁଅ ମୋ ମୁହଁକୁ ଚାହିଁଥାଏ, ମୁଁ ଟେବୁଲ ଡ୍ରରୁ ବ୍ୟାଣ୍ଡେଡ୍ ବାହାରକରି ଲଗେଇ ଦେଲି ଆଉ ତାକୁ ରୁମ୍‌ର ପଛପଟ ବାଲକୋନିକୁ ଡାକି ନେଇ ଆମ ଘର ପଛ ବସ୍ତି ଆଡକୁ ଚାହିଁବାକୁ କହିଲି । ତା ହାତ ଏତେ ଯୋରରେ କଷ୍ଟ ଦେଉଥିଲା ଯେ, ସେ ଅନିଚ୍ଛା ସତ୍ତ୍ୱେ ବାଧ ହୋଇ ମୋ ସହିତ ଯାଇ ବସ୍ତି ଆଡେ ଚାହିଁଲା ।

ସେଠି ଜଣେ ଲୋକକୁ ମୁଁ ସବୁବେଳେ ଦେଖେ ଲୁଗା ସଫା କରୁଥାଏ, ବାଲଟିରେ ପାଣି ନେଉଥାଏ, ତା ପୁଅକୁ ଗାଧୋଇ ଦେଉଥାଏ, ଲୁଗାପଟା ଖରାରେ ଶୁଖାଉଥାଏ, ହେଲେ ଦୁଃଖର କଥା ସେ ଏତେ ସବୁ କାମ ତା କହୁଣିରେ କରୁଥାଏ ! କାରଣ ତା ହାତ ଦୁଇଟି ଟ୍ରେନ୍‌ରେ କଟି ଯାଇଛି । ପୁଅକୁ ମୁଁ ସେଇ ଲୋକକୁ ଯେତେବେଳେ ଦେଖେଇଦେଲି, ଲୋକଟି କହୁଣିରେ କାମ କରୁଥିବାର ଦେଖି ପୁଅ ବୁଝି ସାରିଥିଲା ଯେ ଈଶ୍ୱର ତାକୁ ଦୁଇଟି ସୁସ୍ଥ ସବଳ ହାତ ଦେଇଛନ୍ତି ଆଉ ତାକୁ ସୁରକ୍ଷିତ ରଖିଛନ୍ତି । ନିଜ ଅବହେଳା ଯୋଗୁଁ ଖାଲି ଟିକେ କଟି ଯାଇଛି, ଯାହାର କ୍ଷତ ଦୁଇ ଚାରି ଦିନରେ ଭଲ ହୋଇଯିବ ।

ପୁଅ ଦୁଇହାତ ନଥିବା ସେ ବ୍ୟକ୍ତିକୁ ଦେଖିବା ପରେ, ନିଜ ଦୁଇ ହାତ ଯୋଡି ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଲା, ଏହା ଭାବି ଯେ ଈଶ୍ୱର ତାକୁ ଦୁଇଟି ସୁସ୍ଥ ସବଳ ହାତ ଦେଇଛନ୍ତି ଓ ସୁରକ୍ଷିତ ରଖିଛନ୍ତି । ସେତେବେଳେ ସେ ହାତ କଟିବାର କଷ୍ଟ ବି ଭୁଲି ଯାଇଥିଲା ।

ଏକଥା ମୁଁ ଏଥିପାଇଁ କହିଲି, ଯେତେବେଳେ କୌଣସି ଦୁଃଖ ଆପଣଙ୍କୁ ବିଚଳିତ କରୁଛି, ଆପଣ ଈଶ୍ୱରଙ୍କୁ ଦୋଷ ଦେଇ, ମନଦୁଃଖ କରି, ଅଧୈର୍ଯ୍ୟ ହୋଇ ନିଜକୁ କଷ୍ଟ ଦିଅନ୍ତୁ ନାହିଁ । ପୃଥିବୀରେ ଆମଠୁ ଅଧିକ ଦୁଃଖୀ ଅନେକ ଅଛନ୍ତି, ଯେଉଁମାନେ ସର୍ବସ୍ୱାନ୍ତ ହେଲା ପରେ ବି ହସିପାରନ୍ତି ଆଉ ଅନ୍ୟକୁ ହସାଇ ପାରନ୍ତି । ସବୁ ସୁଖୀ ଦେଖାଯାଉଥିବା ମଣିଷ ସୁଖୀ ନଥାନ୍ତି, ସେମାନଙ୍କ ଭିତରେ ଦୁଃଖର ଦରିଆ ଢେଉ ଭାଙ୍ଗୁଥାଏ, ତଥାପି ସେମାନେ ଛୋଟିଆ ହସରେ ଦୁଃଖକୁ ମାତ୍ ଦେଇ ଜୀବନକୁ ନିଆରା କରିଥାନ୍ତି । ଦୁଃଖକୁ ଭୁଲିବାକୁ ହେଲେ ସୁଖର ପ୍ରାପ୍ତି ଜରୁରୀ ନୁହେଁ, ବରଂ ଜରୁରୀ ଆମଠୁ ଆହୁରି ଦୁଃଖରେ ଥିବା ମଣିଷକୁ ଦେଖିବା ଆଉ ବୁଝିବା । ଆମେ ଯେତେବେଳେ ଆମଠୁ ଅଧିକ ଦୁଃଖରେ ଥିବା ହଜାର ହଜାର ଲୋକଙ୍କୁ ଦେଖିଲେ, ନିଶ୍ଚୟ ଆମ ନିଜର ଦୁଃଖ ଗୌଣ ମନେହେବ । ତେଣୁ ଆମେ ଈଶ୍ୱରଙ୍କ ଇଚ୍ଛାକୁ ସମ୍ମାନ ଦେଇ ଭରସା ରଖିବା ଉଚିତ୍, ତାହେଲେ ଆମେ ଜାଣି ପାରିବା, ସେ କାହାକୁ ଦୁଃଖ ଦିଅନ୍ତିନି ବରଂ ଆମେ ଆମ ପୂର୍ବ କର୍ମର ପ୍ରାରବ୍ଧ ଭୋଗକରୁ । ଏ ନବବର୍ଷରେ ଚାଲନ୍ତୁ ନିଜ ଦୁଃଖକୁ ଭୁଲିବାକୁ ଅନ୍ୟମାନଙ୍କ ଦୁଃଖକୁ ବୁଝିବା ଏବଂ ସେମାନଙ୍କୁ ହସ ବାଣ୍ଟି ଆମେ ଖୁସି କିଣିବା ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର

# କେନ୍ଦ୍ରୀୟ ଅନୁଦାନକୁ ହଡପ କରୁଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୨୯/୧୨ (ନି.ପ୍ର): କୃଷି ବିଭାଗରେ ହଜାର ହଜାର କୋଟି ଟଙ୍କା ଦୁର୍ନୀତି ପଛରେ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ସମେତ ଶାସକ ଦଳର ବହୁ ନେତାଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଛି । କୃଷି ବିଭାଗର ଉଦ୍ୟାନ କୃଷିରେ ହୋଇଥିବା ଘୋଟାଲା ଏକ ଜ୍ୱଳନ୍ତ ଉଦାହରଣ । ରାଷ୍ଟ୍ରୀୟ ବିକାଶ ଯୋଜନା ଅଧିନରେ ବିଭିନ୍ନ ସ୍କିମ, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ଆଦି ଯୋଜନାରେ ବ୍ୟାପକ କେନ୍ଦ୍ରୀୟ ଅନୁଦାନ ରାଜ୍ୟକୁ ଆସୁଛି । କିନ୍ତୁ ସରକାର କେନ୍ଦ୍ରୀୟ ଅନୁଦାନକୁ ଚଂଚକତା କରି ହଡପ୍ କରୁଛନ୍ତି । କୃଷି ବିଭାଗରେ ଦୁର୍ନୀତିର ଚେର ବହୁ ଲମ୍ବା ହୋଇସାରିଛି ଏବଂ ତଳରୁ ଉପରୁ ପର୍ଯ୍ୟନ୍ତ ଶାସକ ଦଳର ବହୁ ମନ୍ତ୍ରୀ ଓ ନେତା ଏହି ଦୁର୍ନୀତିରେ ସଂପୃକ୍ତ ଅଛନ୍ତି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ,ରାଜ୍ୟ କୃଷି ମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ଚଂଚକତା କରି ୨୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନକୁ ମିଳିମିଶି ଲୁଟ୍ କରିଛନ୍ତି । ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ସିଡ୍ ନେଟ ଯୋଗାଣରେ ୧୦ କୋଟି ଟଙ୍କାର ଟେଣ୍ଡର ଫିକ୍ସିଂ କରାଯାଇଥିଲା । ପରେ ପୁଣି ଏହାକୁ ରାୟପୁରସ୍ଥିତ ବ୍ରଜବାସୀ ପ୍ଲାଷ୍ଟିକ ପ୍ରାଇଭେଟ୍ ଲିମିଟେଡ୍‌କୁ ୭ କୋଟି ଟଙ୍କାର ଟେଣ୍ଡର ପ୍ରଦାନ କରାଗଲା । ଯୋଗାଣ କରିଥିବା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନର ୧୦ କୋଟି ଟଙ୍କାର ଅର୍ଡରକୁ ଭାଙ୍ଗି କିପରି ବ୍ରଜବାସୀ ପ୍ଲାଷ୍ଟିକ କଂପାନୀକୁ ଅଗ୍ରୀମ ଟଙ୍କା ଦେଲେ କୃଷି ବିଭାଗକୁ ବହି, କୀଟନାଶକ, ଜିଆ ଖତ, ଘାସମରା ଔଷଧ, ଚାରା, ଚାଷୀଙ୍କ ଜରିଆରେ ଫଂପ୍ ସେଟ୍ ଆଦି ଯୋଗାଇବା ଏବଂ କୃଷି ରଥ ଚଲାଇବାରେ ମଧ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି । କୃଷିମନ୍ତ୍ରୀଙ୍କ ଦପ୍ତର ଓ କୃଷି ବିଭାଗକୁ ପ୍ରଭାବିତ କରି ଶହ ଶହ କୋଟି ଟଙ୍କା କାରବାର କରୁଥିବା ଅବିନାଶ ଦାଶ ଜଣକ କିଏ ଏବଂ ତାଙ୍କ ସହିତ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ କଣ ସଂପର୍କ ରହିଛି, ତାହା ରାଜ୍ୟ ସରକାର ନିହାତି ଭାବେ ସ୍ପଷ୍ଟ କରିବା ଉଚିତ୍ ବୋଲି ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ସେହିପରି ସରକାରୀ ପ୍ରେସରେ ମୁଦ୍ରିତ 'ଡାଲି ଜାତୀୟ ଫସଲ ଚାଷ କୌଶଳ' ପୁସ୍ତକକୁ ୩୧ ଟଙ୍କାରେ ନକିଶି ଠିକଣା ନଥିବା ସୋନାଲୀ କ୍ରିଏସନ, ଭୁବନେଶ୍ୱର ଦ୍ୱାରା ମୁଦ୍ରିତ ହୋଇଥିବା ନିମ୍ନମାନର ସେହି ବହିକୁ ୬୦ ଟଙ୍କା ଦରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନେ କିଣିବାକୁ ନେଇ ସାଧାରଣରେ ବିରାଟ ସନ୍ଦେହ ସୃଷ୍ଟି ହୋଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନେ ଏହି ବହିକୁ ସୋନାଲୀ କ୍ରିଏସନରୁ କିଣିବା ପାଇଁ କୃଷି ବିଭାଗ ତରଫରୁ ଚିଠି ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା କାହିଁକି ଏବଂ ଏଭଳି ଚଂଚକତା କରି ଟଙ୍କା ହଡପ୍ କରିବା ପଛରେ ବିଭାଗୀୟ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହାତ ରହିଛି ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି । ଏହି ଘୋଟାଲାରେ ରାଜ୍ୟ କୃଷି ମନ୍ତ୍ରୀ ଓ ବିଭାଗୀୟ ସଚିବ ସଂପୃକ୍ତ ଥିବାବେଳେ ୫-ଟି ସଚିବ ନୀରବ କାହିଁକି ? ଏହି ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଘୋଟାଲା ବିରୁଦ୍ଧରେ କୃଷକ ମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବା ସହିତ ଏହି ଘୋଟାଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ଶ୍ରୀ ପୁରୋହିତ୍ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଂଜନ ମଙ୍ଗରାଜ, ସାଧାରଣ ସଂପାଦକ କାମାକ୍ଷା ପ୍ରସାଦ ପ୍ରଧାନ, ରାଜ୍ୟ ସଂଯୋଜକ କିଶୋର ସୁତାର ଏବଂ ମିଡିଆ ସଂଯୋଜକ ହିତେଶ ମହାପାତ୍ର ଉପସ୍ଥିତ ଥିଲେ ।

## ରେଡକ୍ରସ୍ ପକ୍ଷରୁ ପରିବାର ପରାମର୍ଶ ସଂପର୍କୀତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ତରଫରୁ ଦାସପୁର ଗ୍ରାମ, ଚନ୍ଦକା ପରିବାର ପରାମର୍ଶ ସମ୍ପର୍କିତ ଗୋଷ୍ଠୀସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦାସପୁର ଗ୍ରାମର ଯୁବତୀ ଏବଂ ମହିଳା ମାନେ ବହୁତ ସଂଖ୍ୟାରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଜୟାଲକ୍ଷ୍ମୀ କର ପରିବାର ପରାମର୍ଶଦାତ୍ରୀ ସମାଜରେ ଘଟୁଥିବା ପରିବାରର ବିଭିନ୍ନ ସମସ୍ୟା ଓ ତାର ନିରାକରଣ ସଂପର୍କରେ ଅବଗତ କରିଥିଲେ । ରେଡକ୍ରସ ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ସହାୟତାରେ ପାରସ୍ପରିକ ବୁଝାମଣା ମାଧ୍ୟମରେ ପରିବାରର ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଶେଷ କରି ଉକ୍ତ କାର୍ଯ୍ୟକ୍ରମରେ ମହିଳା ମାନଙ୍କ ଉପରେ ଘଟୁଥିବା ଅନ୍ୟା, ଅତ୍ୟାଚାର ସହ ଏହାର ନିରାକରଣ ଓ ଏହାପାଇଁ ଉଦିଷ୍ଟଥିବା ଆଇନ ଗତ ଧାରା ଲୋକମାନଙ୍କ ପାଖରେ କିପରି ସହଜରେ ପହଂଚିପାରିବ ସେସଂପର୍କରେ ଶ୍ରୀମତୀ ବିଜୟାଲକ୍ଷ୍ମୀ କର ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିବାର ପରାମର୍ଶକେନ୍ଦ୍ରର ପରାମର୍ଶଦାତ୍ରୀ ବିଜୟାଲକ୍ଷ୍ମୀ କର ପରିଚାଳନା କରିଥିଲେ ।

## ୫୮ତମ ସଂସ୍କୃତି ଚର୍ଚ୍ଚା

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୫୮ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ସୁରେଶ କୁମାର ମହାପାତ୍ର, ଭାରତୀୟ ଯୋଗସଂସ୍ଥାନ, ନୂଆଦିଲ୍ଲୀ, ଓଡ଼ିଶା ପ୍ରାନ୍ତ ପ୍ରଧାନ ଯୋଗଦାନ କରିଥିଲେ । ସମ୍ମାନନୀୟ ଅତିଥି ଏବଂ ସଭାପତିତ୍ୱ କରିଥିଲେ ନିର୍ଦ୍ଦେଶକ ତଥା ଅତିରିକ୍ତଶାସନ ସଚିବ ରଞ୍ଜନ କୁମାର ଦାସ । ସମ୍ମାନର ଅତିଥି ଭାବରେଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଯୋଗଦାନ କରିଥିଲେ । ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅଭିଲେଖାଗାରର ଉପେନ୍ଦ୍ର କୁମାର ବେହେରା । ଏହି ଅବସରରେ ମୁଖ୍ୟବକ୍ତା ସୁରେଶ କୁମାର ମହାପାତ୍ର ନିଜର ବକ୍ତବ୍ୟରେ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର,ଧାନ ଧାରଣା ଏବଂ ସମାଧି ଉପରେ ବିଶଦ୍ ଭାବରେ ବର୍ଣ୍ଣନା କରିଥିଲେ। ଉତ୍କଳୀୟ ହିନ୍ଦୁ ଦର୍ଶନ ଓ ଧର୍ମ ପରଂପରାରେ ଯୋଗାଭ୍ୟାସର ସମସ୍ତ ବିଧ ବିଧାନ କେଉଁ ଆଦିମ ଯୁଗରୁ ପ୍ରଚଳିତ ହୋଇ ଆସୁଛି, ତାହା ନିର୍ଣ୍ଣୟ କରିବା ସହଜସାଧ ନୁହେଁ ।

## କଂଗ୍ରେସର ୧୩୭ ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର କଂଗ୍ରେସ ଭବନ ଠାରେ ଭାରତୀୟ ଜାତୀୟ କଂଗ୍ରେସର ୧୩୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳୀୟ ପତାକା ଉତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଆଜକୁ ଠିକ୍ ୧୩୭ ବର୍ଷ ତଳେ କଂଗ୍ରେସ ଦଳ ପ୍ରତିଷ୍ଠା କରାଯାଇ ଦେଶକୁ ସ୍ୱାଧୀନ କରିବାପାଇଁ ଯେଉଁ ମହାମନିଷୀ ମାନେ ତ୍ୟାଗ ଓ ବଳିଦାନ ଦେଇଥିଲେ ତାଙ୍କୁ ଆଜି ଆମେ ସ୍ମରଣ କରିବା ଉଚିତ୍ । ମହାତ୍ମା ଗାନ୍ଧୀ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ର ଭାବରେ ପରିଚୟ ଦେବାପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜି ସେହି ଗଣତନ୍ତ୍ରକୁ ପ୍ରତିଦିନ ହତ୍ୟା କରାଯାଉଛି । ମହାତ୍ମା ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀଙ୍କ ଚିନ୍ତାଧାରା ଓ କାର୍ଯ୍ୟକ୍ରମକୁ ଆମେ କାର୍ଯ୍ୟକାରୀ କରିବାକୁ ଆଜି ସଂକଳ୍ପ ନେବା ଉଚିତ୍ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ସେବାଦଳ ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ଏମଡି ଶାହାଦୁଲ୍ଲା ପରିଚାଳନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଏଆଇସିସି ସଂପାଦକ ଜି ରୁଦ୍ର ରାଜୁ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ, କଂଗ୍ରେସ ନେତୃବୃନ୍ଦ ଶରତ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ଅମୀୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍ସରେ ୫୭ ଡାକ୍ତରଙ୍କୁ ନିଯୁକ୍ତି: ଯୋଗଦେଲେ ୨୦

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଏମ୍ସରେ ୫୭ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଏହାପରେ ବି ଆହୁରି ୫୬ ପଦ ଖାଲି ପଡ଼ିଛି । ଏହି ପଦ ପାଇଁ ପୂରଣ ପାଇଁ ଆହୁରି ଏକ ବର୍ଷ ଅପେକ୍ଷା କରିବାକୁ ପଡ଼ିବ । ସେତେବେଳକୁ ଯଦି ଆଉ କିଛି ଡାକ୍ତର ଛାଡ଼ି ଦେଲେ କିମ୍ବା ଅବସର ନେଲେ ପୁରୁଣା ସ୍ଥିତିରେ ଚାଲିବା ନେଇ ଆଶଙ୍କା ରହିଛି । ଏହି ନିଯୁକ୍ତି ପରେ ଗ୍ୟାଷ୍ଟ୍ରୋସର୍ଜରି, ଅଙ୍କୋଲୋଜି ଭଳି କିଛି ଗୁରୁତ୍ୱପୂର୍ଣ୍ଣ ବିଭାଗର ରୋଗୀ ଆଶ୍ୱସ୍ତ ହେବେ ବୋଲି ଆଶା ରହିଛି । ମାତ୍ର ହୃଦ୍‌ରୋଗ, ହୃଦ୍‌ଶଲ୍ୟ ବିଭାଗକୁ କିନ୍ତୁ ଏଥର ବି ନିରାଶ ହେବାକୁ ପଡ଼ିଛି । ଏମ୍ସରେ ସମୁଦାୟ ୩୦୫ ଫାକଲ୍‌ଟି ପଦ ମଧ୍ୟରୁ ୧୧୩ଟି ଖାଲି ପଡ଼ିଥିଲା । ଡିସେମ୍ବର ୪ ତାରିଖରୁ ୮ ତାରିଖ ମଧରେ ହୋଇଥିବା ଚୟନ ପ୍ରକ୍ରିୟାରେ ସହଯୋଗୀ, ସହକାରୀ ଏବଂ ପ୍ରଫେସର ପଦ ପାଇଁ ସମୁଦାୟ ୫୭ ଜଣଙ୍କ ଚୟନ କରାଯାଇଛି । ଏଥିମଧ୍ୟରୁ ୫୪ ଜଣଙ୍କ ପ୍ରମାଣପତ୍ର ଯାଞ୍ଚ ହୋଇଛି, ୩ ଜଣ ପ୍ରମାଣପତ୍ର ଦାଖଲ ପାଇଁ ସମୟ ମାଗିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୨୦ ଜଣ ଫାକଲ୍‌ଟି କାର୍ଯ୍ୟରେ ଯୋଗଦାନ କରିଥିବା ଏମ୍ସ ପକ୍ଷରୁ କୁହାଯାଇଛି । ଅନ୍ୟମାନେ ଖୁବ୍‌ଶୀଘ୍ର ଯୋଗଦାନ କରିବେ ବୋଲି ଆଶା ରହିଛି । ଏହି ଚୟନ ପରେ ବିଭାଗ ଖୋଲିବା ଦିନ ଠାରୁ ୨ଜଣ ଠିକା ଡାକ୍ତରଙ୍କ ଭରସାରେ ଚାଲିଥିବା ଗ୍ୟାଷ୍ଟ୍ରୋସର୍ଜରି ବିଭାଗକୁ ୪ ଜଣ ଫାକଲ୍‌ଟି ମିଳିଛି । ଏଥିମଧ୍ୟରୁ ୨ ଜଣ କାର୍ଯ୍ୟରେ ଯୋଗ ଦେଇଛନ୍ତି ଆଉ ୨ ଜଣ ଶୀଘ୍ର ଯୋଗଦାନ କରିବେ ବୋଲି ଜଣାପଡ଼ିଛି । ନେଫ୍ରୋଲୋଜି ବିଭାଗ ମାତ୍ର ଜଣେ ଡାକ୍ତରଙ୍କ ଭରସାରେ ଚାଲିଥିଲା । ବିଭାଗକୁ ଆଉ ଜଣେ ସହଯୋଗୀ ପ୍ରଫେସର ମିଳିଥିବା ସତ୍ତ୍ୱେ ଆଉ ଏକ ସହଯୋଗୀ ପ୍ରଫେସର ପଦ ଖାଲି ରହିଛି । ନ୍ୟୁକ୍ଲିୟର ସର୍ଜରି ବିଭାଗକୁ ଚଳିତ ବର୍ଷ ପେଟ୍ ସିଟି ସ୍କାନ ମେସିନ ଆସିଛି ।

## ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ତୃତୀୟ ଦିବସ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ତୃତୀୟ ଦିବସର ପୂର୍ବାହ୍ନ କାର୍ଯ୍ୟକ୍ରମରେ ଜ୍ୟୋତିଶ୍ରୀ ମହାପାତ୍ର ଅଭିନୟ ଲୀଳାନିଧି ହେ ଲାଜେ ମୁଁ ଗଲିଟି ସଢି ଏକକ ନୃତ୍ୟ ପରିବେଶଣ କରିଥିଲେ । ପରେ ରାଜଲକ୍ଷ୍ମୀ ବେହେରାଙ୍କ ଦ୍ୱାରା ଅଭିନୟ ଦେଖ ଗୋ ରାଧା ମାଧବ ଚାଲି, ନିଲମ ପଣ୍ଡାଙ୍କ ଦ୍ୱାରା ଅଭିନୟ ଦଶ ମହାବିଦ୍ୟା ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ପ୍ରଜ୍ଞାନାଥଙ୍କ ଦ୍ୱାରା ଅଭିନୟ ଦୂତୀ ଗୋ ମୋର କୁଞ୍ଜକୁ ଆସ, ସସ୍ମିତା ରାଉତଙ୍କ ଦ୍ୱାରା ପଲ୍ଲବୀ, ତିମିରାସୁ ପଟ୍ଟନାୟକଙ୍କ ଦ୍ୱାରା ଅଭିନୟ ଓ ନମଃ ଶିବାୟଃ, ନୟାଗଡ଼ର ନୃତ୍ୟପ୍ରାଣ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ମହାକାଳୀ ଧାନମ୍ ଓ କୁଞ୍ଜବନେ ପରିବେସିତ ହୋଇଥିଲା ।ପରେ ଏକକ ନୃତ୍ୟରେ ବିଭୂତି ଭୂଷଣ ସେଠୀଙ୍କ ଦ୍ୱାରା ଶଙ୍କରା ଭରଣ ପଲ୍ଲବୀ, ମାନିନୀ ବାରକଙ୍କ ଦ୍ୱାରା ଅଭିନୟ ବ୍ରଜକୁ ଚୋର ଆସିଛି, ଶ୍ୱେତା ରାଉତଙ୍କ ଦ୍ୱାରା ଅଭିନୟ ତୋଲାଗି ଗୋପ ଦାଣ୍ଡ ମନାରେ ଏବଂ ଶେଷରେ ଦର୍ପଣି ଅନୁଷ୍ଠାନର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଅନନ୍ତ ପରିବେସିତ ହୋଇଥିଲା ।

ଅପରାହ୍ନ କାର୍ଯ୍ୟକ୍ରମରେ ପୁରୀର ଗୁରୁକୁଳ ଟ୍ରଷ୍ଟର କଳାକାରମାନଙ୍କ ଦ୍ୱାରା ଅଭିନୟ ନବଦୁର୍ଗା- ଜୟ ଭଗବତୀ ନମୋ ବରଦେ ପରେ ପରେ ସନ୍ଧ୍ୟାରାଣୀ ସାହୁଙ୍କ ଦ୍ୱାରା ଅଭିନୟ ବାଜୁଛି ସହୀ ବାଜାରେ, ସୌମେନ୍ଦ୍ର ବଳବନ୍ତ ରାୟଙ୍କ ଦ୍ୱାରା ଅଭିନୟ ନମାମି ରାମ ଇଶ୍ୱର, ମେଘନା ମିଶ୍ରଙ୍କ ଦ୍ୱାରା ଅଭିନୟ ଅଷ୍ଟସମ୍ଭୁ, ଶର୍ମିଳ ସେନଗୁପ୍ତା ଓ ଶ୍ରୀୟା ମୁଖୋପାଧାୟଙ୍କ ଦ୍ୱାରା ହଂସଧ୍ୱନୀ ପଲ୍ଲବୀ, ଅନିସ ରାଘବନଙ୍କ ଦ୍ୱାରା ଅଭିନୟ ଆଷାଢଶ୍ୟ ପ୍ରଥମ ଦିବସେ, ରିଥିକା ବାନାର୍ଜିଙ୍କ ଦ୍ୱାରା ଅଭିନୟ ଦୁର୍ଗାତାଣ୍ଡବ, ଅଞ୍ଜନା ମହାନ୍ତିଙ୍କ ଦ୍ୱାରା ଅଭିନୟ ଲାଜରେ ସଢି ଗଲି ଆଜ, ରୋଜାଲିନ ସୁନ୍ଦରାୟଙ୍କ ଦ୍ୱାରା ଅଭିନୟ ମଧୁରାଷ୍ଟକମ - ଅଧର ମଧୁରଂ ବଦନ ମଧୁରମ ଏବଂ ଶେଷରେ ସବେରୀ ଅନୁଷ୍ଠାନର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଅଭିନୟ ସୂର୍ଯ୍ୟ ବନ୍ଦନା ପରିବେସିତ ହୋଇଥିଲା ।

ସଂଧ୍ୟା ଅଧିବେଶନର ଅତିଥି ଥିଲେ ସାଂସଦ ଡ଼. ଅଚ୍ୟୁତ ସାମନ୍ତ; ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଡ଼. ହିମାଂଶୁ ଭୂଷଣ ପଣ୍ଡା ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ । ସଂଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବାଙ୍ଗାଲୋରରୁ ଆସିଥିବା ସର୍ମିଳା ମୁଖ୍ୟାର୍ଜିଙ୍କ ନୃତ୍ୟାଭିନୟ ଲକ୍ଷ୍ମୀସ୍ତୁତି ପରିବେଶଣରୁ ପରେ ପରେ ସମ୍ବିତା ମହାନ୍ତିଙ୍କ ଦ୍ୱାରା ଅଭିନୟ ମୋହନେ ଦେଲି ଚାହିଁ, ଶ୍ରୀପୂଣ୍ୟା ମହାନ୍ତିଙ୍କ ଦ୍ୱାରା ଗୀତଗୋବିନ୍ଦ ଅଷ୍ଟପଦି-ମାଧବେ ମୋ କୁରୁ ମାନିନୀ ମାନମୟେ, ସତ୍ୟପ୍ରକାଶ ମଲ୍ଲିକ ଓ ଶମ୍ଭାବି ନାୟକଙ୍କ ଦ୍ୱାରା ଅଭିନୟ ନାଗର ରାଜା ସତେକି କଳା ନିଲୁଜା, କକଲୀ ବୋଷଙ୍କ ଦ୍ୱାରା ଅଭିନୟ ଆଜ ମୁ ଦେଖିଲି ଘନଶ୍ୟାମ, ଜୈର୍ତିମୋୟୀ ଦାଶଙ୍କ ଦ୍ୱାରା ଅଭିନୟ କିଏ ଲୋ ସଜନି ପରିବେସିତ ହୋଇଥିଲା । ପରବର୍ତୀ ନୃତ୍ୟ ପରିବେଶଣ କରିଥିଲେ ଆଲୋକରାଣୀ ସ୍ୱାଇଁ ଓ କାବେରୀ ପ୍ରୀୟଦର୍ଶିନୀ, ଶୁଭଶ୍ରୀ ପଟ୍ଟନାୟକ, ପୂର୍ଣ୍ଣଶ୍ରୀ ରାଉତ ଏବଂ ଶେଷରେ ଭୁବନେଶ୍ୱର କଳା କେନ୍ଦ୍ର ଅନୁଷ୍ଠାନର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଅଭିନୟ ନବଦୁର୍ଗା ବରିବେସିତ ହୋଇଥିଲା । ଶିକ୍ଷାର୍ଥୀମାନଙ୍କର ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟିର ଏବଂ ମନମୁଗ୍ଧକର ଥିଲା ଯାହାକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ ।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୨୧ ଜଣ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୨୨୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୦ ରୁ ୧୮ ବର୍ଷ ମଧରେ ୩୪ ଜଣ ଥିବାବେଳେ ସଙ୍ଗରୋଧରୁ ୧୨୯ ଓ ସ୍ଥାନୀୟ ସଂକ୍ରମଣରୁ ୯୨ ଜଣ ଅଛନ୍ତି । ଆଜି ଚିହ୍ନଟ ହୋଇଥିବା ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ବାଲେଶ୍ୱରରୁ ୮ ଜଣ, କଟକରୁ ୧୫, ଖୋର୍ଦ୍ଧାରୁ ୯୮,ମୟୁରଭଞ୍ଜରୁ ୮, ସମ୍ବଲପୁରରୁ ୨୧, ସୁନ୍ଦରଗଡରୁ ୭ ଜଣ ଓ ଷ୍ଟେଟ ପୁଲରୁ ୨୧ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଗତ ୨୪ ଘଣ୍ଟା ମଧରେ ୧୮୫ ଜଣ ସୁସ୍ଥ ହୋଇଥିବାବେଳେ ନୂତନ ପଜିଟିଭଙ୍କ ମିଶାଇ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୪ ହଜାର ୩୮୧ରେ ପହଞ୍ଚିଥିବାବେଳେ ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ୪୪ ହଜାର ୨୭୮ ଜଣ ସୁସ୍ଥ ହୋଇଛନ୍ତି । ସୂଚନା ଥାଉ କି ଆଜି ରାଜ୍ୟରେ ଆଉ ଜଣେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ରାଜ୍ୟରେ ସମୁଦାୟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୯ ରେ ପହଞ୍ଚିଛି । ନୂଆ ଚିହ୍ନଟ ଓମିକ୍ରନ ଆକ୍ରାନ୍ତ ଜଣକ ୟୁଏଇରୁ ଫେରିଥିଲେ । ତାଙ୍କର ବୟସ ୩୧ ବର୍ଷ ହୋଇଥିବାବେଳେ ଘର କେନ୍ଦୁଝରର ବୋଲି ଜଣାପଡିଛି ।

## ଓବିସି ସଂରକ୍ଷଣ ପାଇଁ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୯/୧୨ (ନି.ପ୍ର): ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାଖଲ କରି ପଂଚାୟତ ନିର୍ବାଚନକୁ ୪ ମାସ ଘୁଂଚାଇବା ପାଇଁ ନିବେଦନ କରିଛନ୍ତି । ନିର୍ବାଚନ ପୂର୍ବରୁ ପଛୁଆବର୍ଗ କମିଶନଙ୍କ ଜରିଆରେ ପଛୁଆବର୍ଗ ଜନଗଣନା କରିବା ପାଇଁ ମଧ କୋର୍ଟଙ୍କ ପାଖରେ କେନ୍ଦ୍ର ସରକାର ପ୍ରାର୍ଥନା କରିଛନ୍ତି । ମଧ୍ୟପ୍ରଦେଶ ସରକାର ମଧ ସୁପ୍ରିମକୋର୍ଟରେ ଅର୍ଜି ଦାଖଲ କରି କୋର୍ଟ ତାଙ୍କର ଡ଼ିସେମ୍ବର ୧୭ ତାରିଖର 'ପଛୁଆବର୍ଗ ସଂରକ୍ଷଣ' ଉପରେ ଦେଇଥିବା ରାୟକୁ ପୁନର୍ବିଗ୍ଭର କରିବାକୁ ମଧ ନିବେଦନ କରିଛନ୍ତି । ଗତ ରବିବାର ଦିନ ବିଜୁ ଜନତା ଦଳ ତା'ର ପ୍ରତିଷ୍ଠା ଦିବସର ଦୁଇଟି ପ୍ରତିଶ୍ରୁତି ଓଡ଼ିଶାର ଜନସାଧାରଣଙ୍କୁ ଦେଇ ଗଣମାଧମରେ ପ୍ରକାଶ କରିଥିଲା ଯେ, ଆଗାମୀ ପଂଚାୟତ ନିର୍ବାଚନରେ ଦଳ ପକ୍ଷରୁ ୪୦ଭାଗ ଟିକେଟ ପଛୁଆବର୍ଗ ପ୍ରାର୍ଥୀମାନଙ୍କୁ ଦିଆଯିବ ଏବଂ ଦ୍ୱିତୀୟତଃ କେନ୍ଦ୍ର ସରକାର ପଛୁଆବର୍ଗ ସଂରକ୍ଷଣ ଉପରେ ଯେଉଁ ଆଇନଗତ ଓ ରାଜନୈତିକ ପଦକ୍ଷେପ ନେବେ, ତାହାକୁ ବିଜୁ ଜନତା ଦଳ ସମ୍ପୂର୍ଣ୍ଣ ସମର୍ଥନ କରିବ । ତେଣୁ ଆଜି କେନ୍ଦ୍ର ସରକାର ଯେତେବେଳେ ସୁପ୍ରିମକୋର୍ଟରେ ଅର୍ଜି ଦାଖଲ କରି ପଂଚାୟତ ନିର୍ବାଚନକୁ ୪ ମାସ ଘୁଂଚାଇବା ଓ ତା'ପୂର୍ବରୁ ପଛୁଆବର୍ଗ କମିଶନଙ୍କ ଜରିଆରେ ଜାତିଗତ ଜନଗଣନା କରିବା ପାଇଁ ସୁପ୍ରିମକୋର୍ଟଙ୍କ ପାଖରେ ପ୍ରାର୍ଥନା କରିଛନ୍ତି, ସେହି ସମୟରେ ବିଜୁ ଜନତା ଦଳ ତା'ର ପ୍ରତିଶ୍ରୁତି ରକ୍ଷା କରି ପଂଚାୟତ ନିର୍ବାଚନକୁ ଓଡ଼ିଶାରେ ଅନ୍ତତଃ ୬ ମାସ ପର୍ଯ୍ୟନ୍ତ ଘୁଂଚାଇବା ସହିତ ରାଜ୍ୟ ପଛୁଆବର୍ଗ କମିଶନ ମେ ୧ ତାରିଖରୁ ଜୁନ୍ ୧୫ ତାରିଖ ମଧରେ ଜାତିଗତ ଜନଗଣନା କରିବାକୁ ଯେଉଁ ପଦକ୍ଷେପ ନେଇଥିଲେ, ତାହାକୁ ପୁନଶ୍ଚ କାର୍ଯ୍ୟକାରୀ କରିବାକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯାଇଥିବା ଏକ ପତ୍ରରେ ଅନୁରୋଧ କରାଯାଇଛି ।

ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏହି ପତ୍ର ଲେଖି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତୁରନ୍ତ ପଂଚାୟତିରାଜ ନିର୍ବାଚନକୁ ଅନ୍ତତଃ ୬ ମାସ ଘୁଂଚାଇବା ସହିତ ରାଜ୍ୟରେ ଜାତିଗତ ଜନଗଣନା ଆରମ୍ଭ କରି ରାଜ୍ୟର ୫୨ଭାଗ ପଛୁଆବର୍ଗଙ୍କୁ ତାଙ୍କର ମୌଳିକ ଓ ସାମ୍ବିଧାନିକ ଅଧିକାର ଅର୍ଥାତ୍ ଶିକ୍ଷା, ଚାକିରୀ ଓ ତ୍ରିସ୍ତରୀୟ ପଂଚାୟତିରାଜ ନିର୍ବାଚନରେ ୨୭ଭାଗ ସ୍ଥାନ ସଂରକ୍ଷଣକୁ ସୁନିଶ୍ଚିତ କରାନ୍ତୁ । ଆଶା କରାଯାଏ ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ ଓ କ୍ରିୟାଶୀଳ କରିବା ପାଇଁ ରାଜ୍ୟର ଅର୍ଦ୍ଧାଧିକ ଜନସାଧାରଣ (୫୨ଭାଗ ପଛୁଆବର୍ଗ)ଙ୍କୁ ରାଜ୍ୟ ସରକାର ତୃଣମୂଳସ୍ତରରେ ବିକାଶ ଓ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ସୁଯୋଗ ପ୍ରଦାନ କରିବେ ।

## ବାଲ୍ୟ ବିବାହ ମୁକ୍ତ ୨୩୮୮ ଗାଁକୁ ଦିଆଗଲା ୭୧ ଲକ୍ଷ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ରାଜ୍ୟରେ ବାଲ୍ୟ ବିବାହ ମୁକ୍ତ ଘୋଷଣା ହୋଇଥିବା ୨୩୮୮ ଗାଁକୁ ୭୧ଲକ୍ଷ ୬୪ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଛି । ପଞ୍ଚାୟତ ତରଫରୁ ଏହାକୁ ଗାଁ ପାଇଁ ଖର୍ଚ୍ଚ କରାଯିବ ବୋଲି ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ କହିଛି । ସୂଚନା ଅନୁଯାୟୀ, ଓଡ଼ିଶାର ସମୁଦାୟ ପ୍ରାୟ ୫୧ ହଜାର ଗାଁ ମଧ୍ୟରୁ ପାଖାପାଖି ୧୦ ହଜାର ଗାଁ ବାଲ୍ୟ ବିବାହ ମୁକ୍ତ ହୋଇଥିବା ନେଇ ଘୋଷଣା ହୋଇଛି । ନିକଟରେ ଘୋଷିତ ଏହି ୨୩୮୮ ଗାଁ ମଧ୍ୟରୁ ବାଲେଶ୍ୱରର ୫୨, ବୌଦ୍ଧର ୧୭୧, କନ୍ଧମାଳର ୨୯୮, ମାଲକାନଗିରିର ୭୯, ମୟୂରଭଞ୍ଜର ୨୦୭, ନବରଙ୍ଗପୁରର ୨୮୧, ରାୟଗଡ଼ାର ୫୫୯, ସୁବର୍ଣ୍ଣପୁର ଜିଲ୍ଲାର ୭୪୧ଟି ଗାଁ ରହିଛନ୍ତି । ସରକାରୀ ତଥ୍ୟ ଅନୁସାରେ, ଓଡ଼ିଶାରେ ୨୦.୫ % ବାଲ୍ୟ ବିବାହ ହେଉଛି । ଏଥିରେ ନବରଙ୍ଗପୁରରେ ସର୍ବାଧିକ ୩୯.୪%, ନୟାଗଡ଼ରେ ୩୫.୪ %, ଅନୁଗୁଳରେ ୨୫ %, ବାଲେଶ୍ୱରରେ ୨୬.୪ %, ବୌଦ୍ଧରେ ୨୫.୩ %, ଢେଙ୍କାନାଳରେ ୨୩.୭ %, ଗଜପତିରେ ୨୮.୧ %, ଗଞ୍ଜାମରେ ୨୨.୩ %, କେନ୍ଦୁଝରରେ ୨୯ %, କୋରାପୁଟରେ ୩୫.୫ %, ମାଲକାନଗିରିରେ ୩୨.୪ %, ମୟୂରଭଞ୍ଜରେ ୩୧.୩ %, ରାୟଗଡ଼ାରେ ୩୩.୨ %, ଭଦ୍ରକରେ ୧୦.୪ %, ଜଗତସିଂହପୁର ୧୨ %, ଯାଜପୁରରେ ୧୧.୪ %, ପୁରୀରେ ୧୦.୨ % ରହିଛି । ସୂଚନାଯୋଗ୍ୟ, ବିଭିନ୍ନ ଜିଲ୍ଲାର ଗାଁଗୁଡ଼ିକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିବାକୁ ପଞ୍ଚାୟତସ୍ତରରୁ ପ୍ରସ୍ତାବ ଦିଆଯାଏ । ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ଟାସ୍କ ଫୋର୍ସ କମିଟି ସ୍ଥିତି ଅନୁଧାନ ପରେ ଅନୁମୋଦନ କରନ୍ତି । ସେହି ଅନୁଯାୟୀ, ଗାଁଗୁଡ଼ିକୁ ପ୍ରୋତ୍ସାହନ ରାଶି ଦିଆଯାଏ ।

## ଫାଇଲେରିଆରୁ ମୁକ୍ତ ହେଲା ଆଉ ୫ ଜିଲ୍ଲା: ଏମ୍‌ଡିଏରେ ଔଷଧ ବିତରଣ ବଢୁଛି, ଔଷଧ କମ୍

ଭୁବନେଶ୍ୱର,୨୯/୧୨ (ନି.ପ୍ର): ରାଜ୍ୟର ଆଉ ୫ଟି ଜିଲ୍ଲା ଫାଉଲେରିଆ ମୁକ୍ତ ଜିଲ୍ଲା ତାଲିକାରେ ଯୋଡ଼ି ହୋଇଛି । ନିକଟରେ ହୋଇଥିବା ଟ୍ରାନ୍‌ସମିସନ୍ ଆସେସମେଣ୍ଟ ସର୍ଭେ ବା ଟାସ୍‌ରେ ଏହି ୫ଟି ଜିଲ୍ଲାରେ ଫାଇଲେରିଆ ପ୍ରବଣ ହାର ୧ ପ୍ରତିଶତରୁ କମ୍ ରହିଥିବା ସ୍ପଷ୍ଟ ହୋଇଛି । ପୂର୍ବରୁ ରାଜ୍ୟରେ ୨ଟି ଜିଲ୍ଲା ଟାସ୍‌ରେ ଉତାର୍ଣ୍ଣ ହୋଇଥିବା ବେଳେ ସମୁଦାୟ ଜିଲ୍ଲା ସଂଖ୍ୟା ୭କୁ ବୃଦ୍ଧି ପାଇଛି । ଫାଇଲେରିଆ ନିରାକରଣ ନେଇ ସରକାରଙ୍କ ପକ୍ଷରୁ ହୋଇଥିବା ଏମ୍‌ଡିଏ ବା ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେସନ୍ ଆବଶ୍ୟକ ସଫଳତା ପାଉ ନ ଥିବାରୁ ଫାଇଲେରିଆ ନିରାକରଣ ବିଳମ୍ବିତ ହେବାରେ ଲାଗିଛି ।

ଟାସ୍‌ରେ ଉତୀର୍ଣ୍ଣ ହୋଇଥିବା ଜିଲ୍ଲା ଭିତରେ ବୌଦ୍ଧ, ମାଲକାନଗିରି, ନବରଙ୍ଗପୁର, ପୁରୀ ଓ ଗଜପତି ଜିଲ୍ଲା ରହିଛି । ପୂର୍ବରୁ କୋରାପୁଟ ଓ କେନ୍ଦ୍ରାପଡ଼ା ଜିଲ୍ଲା ଏହି ତାଲିକାରେ ରହିଛି । ଆସନ୍ତାବର୍ଷ ରାଜ୍ୟର ୧୫ଟି ଜିଲ୍ଲାରେ ଏମ୍‌ଡିଏ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଫେବ୍ରୁଆରି ୧୦ତାରିଖରେ ଅନୁଗୁଳ, ବାଲେଶ୍ୱର, କଟକ, ଢେଙ୍କାନାଳ, ଗଞ୍ଜାମ, ନୂଆପଡ଼ା, ନୟାଗଡ଼ ଓ ଝାରସୁଗୁଡ଼ା ଓ ମାର୍ଚ୍ଚ ୨୩ତାରିଖରେ କେନ୍ଦୁଝର, କନ୍ଧମାଳ, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ଼ ଓ ସମ୍ବଲପୁରରେ ଲୋକଙ୍କୁ ବଟିକା ଦିଆଯିବ । ୨ବର୍ଷରୁ ଅଧିକ କେବଳ ଗର୍ଭବତୀ ଓ ଅସୁସ୍ଥ ଲୋକଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କୁ ବଟିକା ଦିଆଯିବାର ଯୋଜନା ରହିଛି । ତେବେ ଭଦ୍ରକ ଓ ଖୋର୍ଧା ଜିଲ୍ଲାରେ ଯଦି ନାଇଟ ବ୍ଲଡ୍ ସର୍ଭେ(ରାତିରେ ସଂଗୃହୀତ ରକ୍ତ ନମୁନା) ୧ତଳକୁ ରହିଥିବା ନଜରକୁ ଆସିବ ତାହାଲେ ସଂପୃକ୍ତ ଜିଲ୍ଲାକୁ ଟାସ୍ ସର୍ଭେରେ ସାମିଲ୍ କରାଯିବ । ନଚେତ୍ ଅନ୍ୟ ଜିଲ୍ଲାମାନଙ୍କ ଭଳି ଏହି ଦୁଇ ଜିଲ୍ଲାରେ ମଧ ଏମ୍‌ଡିଏ କାର୍ଯ୍ୟକ୍ରମ କରାଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଲଗାତାର ଭାବେ ରାଜ୍ୟରେ ଏମ୍‌ଡିଏ ଆୟୋଜିତ ହେଉଛି । ଜିଲ୍ଲାମାନଙ୍କୁ ଠିକ୍ ସମୟରେ ଔଷଧ ଦିଆଯାଉଛି । ହେଲେ ଔଷଧ ସେବନ କ୍ଷେତ୍ରରେ ଜିଲ୍ଲା ଗୁଡ଼ିକରେ ଆଶାଜନକ ସଫଳତା ମିଳୁନାହିଁ । କ୍ୟୁଲେକ୍ସ ମଶା ଦ୍ୱାରା ଫାଇଲେରିଆ ରୋଗ ବ୍ୟାପୁଥିବା ବେଳେ ଲୋକମାନେ ଏହାର ନିରାକରଣ ପାଇଁ ଦିଆଯାଉଥିବା ଔଷଧ ଖାଇବାକୁ ପସନ୍ଦ କରୁ ନଥିବା ନଜରକୁ ଆସୁଛି । ପ୍ରତିବର୍ଷ ଏମ୍‌ଡିଏ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗର ସମନ୍ୱୟ ଲୋଡ଼ା ଯାଉଛି । ଏହାସତ୍ତ୍ୱେ ଔଷଧ ସେବନ ହାର କମ୍ ଦେଖିବାକୁ ମିଳୁଛି । ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ଫାଇଲେରିଆ ଜୀବାଣୁ ମଣିଷ ଶରୀରରେ ୫ବର୍ଷ ପର୍ଯ୍ୟନ୍ତ ରହିପାରେ । ଏହି ସମୟରେ ଯଦି ପ୍ରତିବର୍ଷ ଲୋକମାନେ ଔଷଧ ସେବନ କରିବେ ତାହାଲେ ଫାଇଲେରିଆ ସଂକ୍ରମଣର ଆଶଙ୍କା କମ୍ ରହିଛି । ପ୍ରତିବର୍ଷ ଯେତିକି ଲୋକଙ୍କୁ ଔଷଧ ଦିଆଯିବ ତାହାର ଯଥେଷ୍ଟ ପୂର୍ବରୁ ଜିଲ୍ଲାସ୍ତରରେ ଔଷଧ ପହଞ୍ଚୁଛି । ଲୋକମାନେ ଔଷଧ ଘରକୁ ନେଉଛନ୍ତି ସତ, ହେଲେ ଖାଉ ନାହାନ୍ତି । ବ୍ୟାପକ ସଚେତନତା ସତ୍ତ୍ୱେ ଲୋକମାନେ ଏହା ସଂପର୍କରେ ବୁଝିବାକୁ ନାରାଜ । ଏମ୍‌ଡିଏକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଲାଗି ବିଭିନ୍ନ ଶିକ୍ଷାନୁଷ୍ଠାନ, ଅଫିସ୍ ଓ ଅନ୍ୟ ସଂସ୍ଥାମାନଙ୍କୁ ମଧ ନିବେଦନ କରାଯାଉଛି । ଆସନ୍ତାବର୍ଷ ହେବାକୁ ଥିବା ଏମ୍‌ଡିଏ କାର୍ଯ୍ୟକ୍ରମ ପୂର୍ବରୁ ସବୁ ବିଭାଗର ସହଯୋଗ ଲୋଡ଼ାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି ।

## ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ ସୁରକ୍ଷା ଟ୍ରଷ୍ଟର ୨୮ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟର ୨୮ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ରାଜମହଲ ଛକଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ପ୍ରତିଷ୍ଠା ଦିବସ କେକ୍ କାଟିବା ପରେ କହିଥିଲେ ଯେ, ଉଠାଦୋକାନୀମାନେ ଆଉ ଭୟ କରିବାର ନାହିଁ । ମୁଖ୍ୟମନ୍ତ୍ରୀ ସମସ୍ତ ଉଠାଦୋକାନୀ ମାନଙ୍କ ପାଇଁ ଧନର ଭଣ୍ଡାର ଖୋଲିଦେବା ସହ ପ୍ରତି ଦୋକାନ ପିଛା ତିନୋଟି କିସ୍ତିରେ ୯ ହଜାର ଟଙ୍କା ଲେଖାଏଁ କୋଭିଡ଼ ସହାୟତା ପ୍ରଦାନ କରିବା ସହ ୬୦କୋଟି ଟଙ୍କା ବିନିମୟରେ ୮୭ଟି ଭେଣ୍ଡିଂଜୋନ କରାଯିବା ପାଇଁ ମଞ୍ଜୁର କରିଛନ୍ତି । ଏତଦ୍‌ବ୍ୟତୀତୟ ରାଜ୍ୟ ସରକାର ଆଗାମୀ ଦିନରେ ଉଠାଦୋକାନୀ ଓ ଭେଣ୍ଡିଂଜୋନ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବେ । ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ମାଧମରେ ଭୁବନେଶ୍ୱର ମହାନଗର ନିଗମର କମିଶନକୁ ପ୍ରଦାନ କରିଥିଲେ । ଟାଉନ ଭେଣ୍ଡିଂ କମିଟି ଗଠନ କରିବା, ଉଚ୍ଛେଦ ହୋଇଥିବା ଉଠାଦୋକାନୀ ମାନଙ୍କୁ ଥଇଥାନ କରିବା, ନୂତନ ଭେଣ୍ଡିଂଜୋନରେ ସ୍ୱଚ୍ଛତା ଆଣିବା ପାଇଁ ଏହି ଦାବିପତ୍ରରେ ଦର୍ଶାଯାଇଛି । ଟ୍ରଷ୍ଟର ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ ଓ ଅନୁ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁଦର୍ଶନ ପୃଷ୍ଟି, ବିପିନ ବିହାରୀ ଜେନା, ସୂର୍ଯ୍ୟମଣି ସାହୁ, ସୁରେଶ ପଟ୍ଟନାୟକ, ବାସୁଦେବ ପଣ୍ଡା, ହେମନ୍ତ ନାୟକ, ମନୋଜ କୁମାର ସାହୁ, ବିରଂଚିନାରାୟଣ ଗାଣ୍ତିଆ, ଗିରିଧାରୀ ପଣ୍ଡା, ବସନ୍ତ ବାବୁ, ସୁଦର୍ଶନ ଦାସଙ୍କ ସମେତ ୧୩୯ଟି ସଂଗଠନର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ ।

# ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ

## ଦୃଷ୍ଟିବାଧିତ ମୁକ୍ତ ସମାଜ ଗଠନରେ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଭୂମିକା ଅବର୍ଣ୍ଣନୀୟ




ବାରିଦା / ରାସଗୋବିନ୍ଦପୁର, ୨୯/୧୨ (ନି.ପ୍ର): ଆଜକୁ ଠିକ କୋଡିଏ ବର୍ଷ ପୂର୍ବେ ମୟୁରଭଞ୍ଜ ଜିଲାର ଆଦିବାସୀ ବହୁଳ ରାସଗୋବିନ୍ଦପୁର ବ୍ଲକର ରଙ୍ଗାମାଟିଆ ଠାରେ ସ୍ଥାପିତ ହୋଇଥିବା ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ୨୧ ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଯୁବ ସମାଜସେବୀ ଇଂ ପ୍ରତୀକ ପଟ୍ଟନାୟକଙ୍କ ମଂଚ ପରିଚାଳନାରେ ତଥା ଅନ୍ତ୍ୟୋଦୟ ଚେତନା ମଣ୍ଡଳର ଉପ ସଭାପତି ପ୍ରଫେସର ଡ଼ଃ ସୁଧୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା, ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନ ମୁଖ୍ୟ ଡ଼ଃ ଆଦିତ୍ୟ ପଟ୍ଟନାୟକ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ପ୍ରସନ୍ନ କୁମାର ମହାନ୍ତି, ଡାକ୍ତର ସୌମିତ୍ର କୁମାର ଦାସ, ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ,ମୟୁରଭଞ୍ଜ ସାମ୍ବାଦିକ ସଂଘର ସଭାପତି ତଥା ବିକାଶ ମଞ୍ଚର ସଂଯୋଜକ ଅରୁଣ କୁମାର ଓତା, ବିକାଶ ମଞ୍ଚର ଆବାହକ ତଥା ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ପ୍ରମେୟ ଖବର କାଗଜର ଜିଲା ପ୍ରତିନିଧି ସାମ୍ବାଦିକ ସଞ୍ଜୟ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଅଥିତି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥି ମାନେ ଅନୁଷ୍ଠାନ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନୁଷ୍ଠାନର ବରିଷ୍ଠ କର୍ମୀ ସର୍ବେଶ୍ୱର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଅନ୍ତ୍ୟୋଦୟ ଚେତନା ମଣ୍ଡଳର ସମ୍ପାଦକ ଡ଼ଃ ଆଦିତ୍ୟ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିବା ସହିତ ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଏବଂ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଚକ୍ଷୁ ଚିକିତ୍ସାଳୟ ନିର୍ମାଣ ହେବା ପର ଠାରୁ ଗୋଷ୍ଠିଭିତିକ ଅଧିକାର କାର୍ଯ୍ୟକ୍ରମ ମାଧ୍ୟମରେ ଦୃଷ୍ଟିହୀନଙ୍କୁ ସୁଦୃଷ୍ଟି ଯୋଗାଇ ଦେବାରେ ଏହି ଚିକିତ୍ସାଳୟ ଏକ ରେକର୍ଡ ସୃଷ୍ଟି କରିଛି । ଉତର ଓଡିଶା ସମେତ ପଡୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଅନ୍ଧତ୍ୱ ପୀଡିତ ଆର୍ଥିକ ଅନଗ୍ରସର ପାଞ୍ଚ ଲକ୍ଷ ସତଷଠି ହଜାର ଅଢ଼ଷଠି ଜଣଙ୍କୁ ନବ ଦୃଷ୍ଟି ଦେବାରେ ସଫଳତା ହାସଲ କରିପାରିଛି । ଦୃଷ୍ଟିବାଧିତ ସମାଜ ଗଠନରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଭୂମିକା ବାସ୍ତବିକ ଅବର୍ଣ୍ଣନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରତିବର୍ଷ ପରି ସମାଜସେବା ପାଇଁ ପ୍ରଫେସର କିଶୋର କୁମାର ବସା, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ପ୍ରସନ୍ନ କୁମାର ମହାନ୍ତି, ସାମ୍ବାଦିକତା କ୍ଷେତ୍ରରେ ସମାଜ ସାମ୍ବାଦିକ ଅଶୋକ କୁମାର ମହାନ୍ତି, ରଣଜିତ କୁମାର ସାହୁଙ୍କୁ ' ଗାନ୍ଧୀ ପ୍ରେରଣା ସମ୍ମାନ - ୨୦୨୧'ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏତତ ବ୍ୟତୀତ ଅନୁଷ୍ଠାନରେ ପ୍ରସଂସନୀୟ କାର୍ଯ୍ୟ କରିଥିବା କର୍ମୀ ମାନଙ୍କୁ ମଧ ଗାନ୍ଧୀ ପ୍ରେରଣା ସାମ୍ମାନରେ ସମ୍ମାନୀତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ପରିଚାଳନା ଦାୟିତ୍ୱରେ ଥିବା ଜ୍ୟୋତିରେଖା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦ୍ରୁତ ଗତିରେ ବ୍ୟାପୁଛି ଓମିକ୍ରନ୍ ....

ବି କମ୍ । ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ୫ ବର୍ଷ ବୟସରୁ ଅଧିକ ପିଲାମାନଙ୍କ କ୍ଷେତ୍ରରେ ଟିକାକରଣ ହାର କମ୍ ଥିବାରୁ ସେମାନଙ୍କ ମଧ୍ୟରୁ ବହୁସଂଖ୍ୟାରେ 'ଡେଲ୍ଟା' ଏବଂ 'ଓମିକ୍ରନ୍'ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ଏପର୍ଯ୍ୟନ୍ତ ସାନ ପିଲାମାନେ ଟିକା ନେବାକୁ ଯୋଗ୍ୟ ବିବେଚିତ ହୋଇନାହାନ୍ତି । ୧୬ରୁ ଅଧିକ ବର୍ଷ ବୟସ୍କ ପିଲାମାନେହିଁ କେବଳ ବୁଷ୍ଟର୍ ଡୋଜ୍ ନେବାକୁ ଅନୁମତି ପାଉଛନ୍ତି। ବୁଷ୍ଟର୍ ଡୋଜ୍ ହିଁ ସଂକ୍ରମଣ ଏବଂ ଡାକ୍ତରଖାନା ଭର୍ତ୍ତିରୁ ନିରାପଦ ରଖୁଛି ।

### ସ୍କୁଲ ଆଇକାର୍ଡ ଦେଖାଇ....

ଟିକା ଦିଆଯିବ। ଅନ୍ୟମାନଙ୍କୁ ଅପରାହ୍ନ ସମୟରେ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି ଯେ ୨୦୦୭ କିମ୍ବା ତା ପୂର୍ବରୁ ଯେଉଁ ପିଲା ଜନ୍ମ ହେଇଛନ୍ତି ସେମାନେ ଟିକା ନେବାପାଇଁ ଯୋଗ୍ୟ । ଆଧାର ନଥିଲେ ସ୍କୁଲ ଆଇ କାର୍ଡ ଦେଖାଇ ମଧ ପିଲା ଟିକା ପାଇଁ ପଞ୍ଜିକରଣ କରିପାରିବେ । ସ୍କୁଲରେ ସ୍ୱତନ୍ତ୍ର ଟିକା କେନ୍ଦ୍ର ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତି ନେବ। ବୁଷ୍ଟର ଡୋଜ ନେବା ପାଇଁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୌଣସି ଡାକ୍ତରୀ ସାର୍ଟିଫିକେଟ ଦରକାର ନାହିଁ କେବଳ ସେମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟିକା ନେଇ ପାରିବେ । ବର୍ତମାନ ସୁଦ୍ଧା ୩୪ ଲକ୍ଷ ଲୋକ ଏବେ ବି ପ୍ରଥମ ଡୋଜ ନେଇ ନାହାନ୍ତି। ସେହିପରି ୨୯ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେବା ପାଇଁ ବାକି ଅଛନ୍ତି ।

# ଓଡ଼ିଶା କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚ ବାଲିଆପାଳ ଶାଖା ବୈଠକ




ବାଲିଆପାଳ, ୨୯/୧୨ (ନି.ପ୍ର): ଓଡ଼ିଶା କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚ ବାଲିଆପାଳ ଶାଖା ପକ୍ଷରୁ ବୁଧବାର ବାଲିଆପାଳ କ୍ରୀଡାମହାବିଦ୍ୟାଳୟ ସଭାଗୃହ ପରିସରରେ କୋଷ୍ଟ କେନାଲର ଐତିହକୁ ଫେରାଇ ଆଣିବା ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଠାରେ ଦାବି ଉପସ୍ଥାପନ ପାଇଁ ଆସନ୍ତା ଜାନୁୟାରୀ ୨୬ ରେ କୋଷ୍ଟ କେନାଲର ଦୁଇ ପାର୍ଶ୍ୱରେ ଥିବା ପଞ୍ଚାୟତର ଲୋକଙ୍କୁ ନେଇ ହେବ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ । ମଞ୍ଚର ଆବାହକ ଅଜୟ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚର କର୍ଣ୍ଣଧାର ତଥା କୃଷି ବୈଜ୍ଞାନିକ ଡକ୍ଟର ଅଦୈତ୍ୟ ପାତ୍ର ବୈଠକରେ ଅଧକ୍ଷତା କରି କୋଷ୍ଟ କେନାଲ ଦ୍ୱାରା ଲୋକଙ୍କୁ କେତେ ଲାଭ ମିଳିବ ସେ ବିଷୟରେ କହିଥିଲେ।କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚର ବରିଷ୍ଠ ସଦସ୍ୟ ସମାଜସେବୀ ଶୁଭଙ୍କର ମହାପାତ୍ର କାର୍ଯ୍ୟକ୍ରମର ରୂପରେଖ ବର୍ଣ୍ଣନା କରିଥିଲେ। ଆସନ୍ତା ଜାନୁୟାରୀ ୨୬ ତାରିଖରେ କୋଷ୍ଟ କେନାଲର ଦୁଇ ପାର୍ଶ୍ୱରେ ଥିବା ପଞ୍ଚାୟତର ଲୋକଙ୍କୁ ନେଇ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରସ୍ତାବ ପାରିତ ହୋଇଥିଲାଓଡ଼ିଶା କୋଷ୍ଟକେନାଲ ମଞ୍ଚର ମୁଖ୍ୟ ତଥା ଯୁବ ବିକାଶର ସଂପାଦକ ଗୋବିନ୍ଦ ଦଳାଇ, ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ଭୋଗରାଇ ବ୍ଲକ ଆବାହକ ବିଜୟ ମହାନ୍ତି, ସାମ୍ବାଦିକ ଅମର ମହାନ୍ତି, ବାଲିଆପାଳ ବାଘାଯତିନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ଅଦୈତ୍ୟ ବାଗ, ମନ୍ମଥ ପାତ୍ର, ସୁଧୀର ଜେନା, ରବିନ୍ଦ୍ର ଦତ୍ତ ପ୍ରମୁଖ କୋଷ୍ଟ କେନାଲ ପୁନରୁଦ୍ଧାର ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ନିଜର ମତାମତ ରଖିଥିଲେ।ମଞ୍ଚର ଅନ୍ୟତମ ସଦସ୍ୟ ବିଜୟ ଦାସ ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ଶତାୟୁ ପୁରୁଷଙ୍କ ପରଲୋକ

ବସ୍ତା, ୨୯/୧୨ (ନି.ପ୍ର): ରୂପସା ଥାନା ଗଡ଼ପଦା ପଂଚାୟତ ଅନ୍ତର୍ଗତ ପଶ୍ଚିମ ସିମୁଳିଆ ଗ୍ରାମର ଶତାୟୁ ପୁରୁଷ ହରେକୃଷ୍ଣ ଦାସ ଅଧିକାରୀ ଙ୍କ ମୃତ୍ୟୁ ଘଟିଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପରିବାରବର୍ଗ,ପୁଅ ବୋହୁ,ଝିଅ ଜ୍ୱାଇଁ, ନାତି ନାତୁଣୀ,ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ହଠାତ ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନା ନେବାକୁ ପରିବାର ଲୋକେ ପ୍ରସ୍ତୁତ ହେଉଥିବା ବେଳେ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ ପୂର୍ବକ ଅମର ଆତ୍ମା ର ସଦଗତି କାମନା କରିଥିଲେ । ତାଙ୍କ ମୃତଦେହକୁ ବିଶାଳ ଶୋଭାଯାତ୍ରା ରେ ସ୍ଥାନୀୟ ଅଂଚଳ ପରିକ୍ରମା କରାଯାଇ ଗାଁ ଶ୍ମଶକ୍ଷନ ରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ସେ ଜଣେ ଧର୍ମପରାୟଣ, ପରୋପକାରୀ, ସମାଜସେବୀ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ କ୍ଷ ତାଙ୍କ ମୃତ୍ୟୁ ରେ ସମଗ୍ର ଅଂଚଳ ରେ ଶୋକ ର ଛାୟା ଖେଳିଯାଇଛି ।

## ଉପାନ୍ତ ଗ୍ରାମରେ ରାସ୍ତା ଅବରୋଧ : ଚାପା ଉତ୍ତେଜନା

ଜଳେଶ୍ୱର, ୨୮/୧୨(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଉପାନ୍ତ ଗ୍ରାମ ନଛିମପୁରରୁ ପଶ୍ଚିମବଂଗ ଭାୟା ସାହାଡାପଡା ଯାଇଥିବା ଗ୍ରାମ୍ୟ ରାସ୍ତାକୁ ୨ ଗ୍ରାମବାସୀ ଅବରୋଧ କରିଥିବାରୁ ଯାତାୟାତରେ ଉପାନ୍ତବାସୀ ହଇରାଣ ହରକତ ହେଉଛନ୍ତି । ଏଥିନେଇ ସେ ଅଂଚଳରେ ଚାପା ଉତ୍ତେଜନା ଦେଖା ଦେଇଛି । ଘଟଣାରୁ ପ୍ରକାଶ, ଏହି ରାସ୍ତାର ସାହାଡାପଡା ଗାଁର ଜନୈକ ବ୍ୟକ୍ତି ରାସ୍ତାର କ୍ରିୟଦଂଶ ବାଡ କରିବାରୁ ଏହାକୁ ବିରୋଧ କରି ନଛିମପୁର ଗାଁର ଅନ୍ୟଜଣେ ବ୍ୟକ୍ତି ମଧ୍ୟ ରାସ୍ତା ମଝିରେ ବାଲି ପକାଇ ଅବରୋଧ ଓ ପରେ ବାଡ କରିଥିଲେ । ଫଳରେ ଏବେ କେବଳ ଦୁଇ ଗ୍ରାମବାସୀ ନୁହନ୍ତି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଓଡିଶା ଓ ପଶ୍ଚିମବଂଗର ବହୁ ଲୋକଙ୍କ ଯାତାୟାତରେ ବାଧାକ ସୃଷ୍ଟି ହୋଇଛି । ଏବେ ଓଡିଶାରେ ପଂଚାୟତ ନିର୍ବାଚନ ହେବାକୁ ଥିବାରୁ ଏହାକୁ ନେଇ ରାଜନିତୀ ଛକାପଂଝା ଲାଗି ରହିଛି। ସୂଚନା ଯୋଗ୍ୟ ଏହି ଗ୍ରାମ୍ୟ ରାସ୍ତା ଲାଗି ଆବଶ୍ୟକ ଜମି ନଥିବାରୁ ସେଠାରେ କୌଣସି ରାସ୍ତାଘାଟର ବିକାଶ କରାଯାଇପାରୁ ନଥିବା ସଂପର୍କରେ ଗ୍ରାମବାସୀମାନେ କହିଛନ୍ତି ।

# ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୯/୧୨ (ନି.ପ୍ର): ଆଗାମୀ ଜାନୁୟାରୀ ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପଲ୍‌ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ପାଇଁ ଆଜି ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ନୋଡାଲ ଅଧିକାରୀ ଡା. ଜୟନ୍ତ କୁମାର ପଣ୍ଡା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସ୍.ଏମ୍.ଓ. ଅର୍ଚ୍ଚନା ଗାଏନ୍ ପ୍ରମୁଖଙ୍କ ସହ ଅନ୍ୟ ଡାକ୍ତର ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ କି ଶୂନରୁ ୫ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଏହି ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଏହି ଟୀକା ପ୍ରଦାନ ପାଇଁ ଜିଲ୍ଲାରେ ୭୦୧ଟି ପୋଲିଓ ବୁଥ୍ ଜାନୁୟାରୀ ୨୩ ତାରିଖ ଦିନ ଖୋଲା ରହିବ। ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ବୁଥ୍ କରାଯିବ। ଜିଲ୍ଲାରେ ପ୍ରାୟ ଦେଢ଼ଲକ୍ଷ ପିଲାଙ୍କୁ ଏହି ପୋଲିଓ ବୁନ୍ଦା ପ୍ରଦାନ ପାଇଁ ଆକଳନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଯାୟୀ ଆଗରପଡ଼ାରେ ୬୭ଟି, ବରପଦାରେ ୯୨ଟି, ବାସୁଦେବପୁରରେ ୯୯ଟି, ଭଣ୍ଡାରିପୋଖରୀରେ ୭୭ଟି, ଚାନ୍ଦବାଲିରେ ୧୨୨ଟି, ଧାମନଗରରେ ୯୪ଟି, ତିହିଡ଼ିରେ ୧୦୦ଟି, ପି.ପି.ସି. ରେ ୫୦ଟି ଏହିପରି ସମୁଦାୟ ୭୦୧ଟି ବୁଥ୍ ଖୋଲାଯିବ। ଏଥିପାଇଁ ସମୁଦାୟ ୨,୮୦୪ ଜଣ ଟୀକା ପ୍ରଦାନ କାର୍ଯ୍ୟରେ ନିୟୋଜିତ ହେବେ। ପ୍ରତି ବୁଥ୍‌ରେ ୪ ଜଣ ଲେଖାଏଁ ରହିବେ। ୨୩ ତାରିଖରେ ପୋଲିଓ ବୁନ୍ଦା ନେଇ ନପାରିଥିବା ବଳକା ପିଲାଙ୍କୁ ଜାନୁୟାରୀ ୨୪ ଓ ୨୫ ତାରିଖ ସୋମ ଓ ମଙ୍ଗଳବାର ଦିନ ଘର ଘର ବୁଲି ଦିଆଯିବ। ଏଥିପାଇଁ ୨ଜଣିଆ ଦଳ କରାଯିବ ଏବଂ ସମୁଦାୟ ୧,୪୦୨ଟି ଟିମ୍ ଏଥିପାଇଁ କାମ କରିବେ। ଶ୍ରୀମତୀ ଗାଏନ୍ ବୈଠକରେ ଏହି କାର୍ଯ୍ୟକ୍ରମ ନେଇ ଉପସ୍ଥାପନା ରଖିଥିଲେ। ରୋଗାକ୍ରାନ୍ତ ପିଲାଙ୍କୁ ଏହି ବୁନ୍ଦା ଦିଆ ନଯିବା ପାଇଁ ସେ ପରାମର୍ଶ ଦେଇଥିଲେ।

# ସଶକ୍ତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦାବିରେ ଗଣଧାରଣା

ବାଲେଶ୍ୱର,୨୯/୧୨ (ନି.ପ୍ର): ଦେଶର ଜନସଂଖ୍ୟା ବିସ୍ଫୋରଣ ରୋକିବାକୁ ସଶକ୍ତ ଆଇନ ପ୍ରଣୟନ ଦାବିରେ 'ଜନସଂଖ୍ୟା ସମାଧାନ ଫାଉଣ୍ଡେସନ' ପକ୍ଷରୁ ବୁଧବାର ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ବିହାରୀ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ମିହିର ପାଣି, କେନ୍ଦ୍ର କାର୍ଯ୍ୟକାରିଣୀ ସଦସ୍ୟ ସମୀର ପାତ୍ର, ଅରୁଣ ବେଜ ପ୍ରମୁଖ ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା ଜନସଂଖ୍ୟା ଆଗାମୀ ଦିନରେ ଦେଶର ପ୍ରତିଟି କ୍ଷେତ୍ର ପାଇଁ ନାନା ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଦୀର୍ଘଦିନ ଧରି ସଚେତନତା କରାଯିବା ପରେ ଏବେ ନୂତନ ଆଇନ ପ୍ରଣୟନର ସମୟ ଉପନୀତ ହୋଇଛି। ଚୀନ ଭଳି ଭାରତରେ ଜନସଂଖ୍ୟା ବିସ୍ଫୋରଣ ରୋକିବା ପାଇଁ ରାଜ୍ୟ ବିଧାନସଭାଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ସଶକ୍ତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ନିମନ୍ତେ ସେମାନେ ଦାବି କରିଥିଲେ। ଜିଲା ସଭାପତି ଯତୀନ୍ଦ୍ର କୁମାର ପୁହାଣଙ୍କ ନେତୃତ୍ୱରେ ଆୟୋଜିତ ଗଣଧାରଣାରେ ଜିଲା ମହିଳା ସଭାନେତ୍ରୀ ଶୁଭଶ୍ରୀ ଦାଶ, ଜିଲା ଉପ-ସଭାପତି ସୀତାରାମ ପ୍ରଧାନ, ଜିଲା ଯୁବ ସଭାପତି ବିକାଶ ପାଢ଼ୀ, ରୀନା ପାତ୍ର, ତରୁଲତା ମହାନ୍ତି, ରଶ୍ମିରେଖା ଲେଙ୍କା, ଅଶୋକ ଦାସ ପ୍ରମୁଖ ଯୋଗଦେଇ ଦେଶର ବଢୁଥିବା ଜନସଂଖ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଏନେଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଫାଉଣ୍ଡେସନ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଭର୍ଚୁଆଲ ର୍‌ୟାଲି ପାଇଁ ଭାଜପା ପ୍ରସ୍ତୁତ : ଶେଖାୱତ

ନୂଆଦିଲ୍ଲୀ, ୨୯/୧୨: କୋଭିଡ-୧୯ର ନୂଆ ଭାରିଏଂଟ ଓମିକ୍ରୋନର ମାମଲା ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି(ଭାଜପା) ନିର୍ବାଚନ ରାଜ୍ୟମାନଙ୍କରେ ଭର୍ଚୁଆଲ ର୍‌ୟାଲି କରିବାକୁ ପ୍ରସ୍ତୁତିରେ ଅଛନ୍ତି। କେନ୍ଦ୍ରମନ୍ତ୍ରୀ ଏବଂ ପଞ୍ଜାବ ଭାଜପା ପ୍ରଭାରୀ ଗଜେନ୍ଦ୍ର ସିଂହ ଶେଖାୱତ ବୁଧବାର ଦିନ ସାମ୍ବାଦିକଙ୍କ ସହିତ ଆଲୋଚନା କରି କହିଛନ୍ତି ଯେ ଭର୍ଚୁଆଲ ର୍‌ୟାଲି ପାଇଁ ପାର୍ଟି ପ୍ରସ୍ତୁତ ଅଛି। ସେ କହିଛନ୍ତି ଯେ ଭାଜପା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ମଧ ଭର୍ଚୁଆଲ ର୍‌ୟାଲି କରିଥିଲା। ଶେଖାବତ କହିଛନ୍ତି ଯେ କୋଭିଡ-୧୯ ସମୟରେ ଯେତେବେଳେ ଦୁନିଆର ସମସ୍ତ ରାଜନୀତିକ ପାର୍ଟିମାନେ ଶୋଇଥିଲେ ସେହି ସମୟରେ ମଧ ଭାଜପାର କାର୍ଯ୍ୟକର୍ତା ଏବଂ ପାର୍ଟିର ସମସ୍ତ ଲୋକ ଭର୍ଚୁଆଲ ପ୍ଲାଟଫର୍ମରେ କାମ କରୁଥିଲେ।

# ଧାନ କ୍ରୟ ପୂର୍ବରୁ ୫୪ ପ୍ୟାକ୍ସର ସମ୍ପାଦକ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ଜଳେଶ୍ୱର, ୨୮/୧୨(ନିପ୍ର): ଜଳେଶ୍ୱର ନିୟନ୍ତ୍ରୀତ ବଜାର କମିଟି ଅଧିନରେ ଥିବା ଜଳେଶ୍ୱର, ଭୋଗରାଇ, ବାଲିଆପାଳର ୫୪ ପ୍ୟାକ୍ସ ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ଜଳେଶ୍ୱର ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଦିଆଯାଇଛି। ଆୟୋଜିତ ସଭାରେ କମିଟଠିର ସଂପାଦକ ବଳରାମ ଜେନା ସଭାପତିତ୍ୱ କରି ଚିରାଚରିତ ପ୍ରଧାରେ ଦିଆଯାଉଥିବା ନିତୀନିୟମ ସମ୍ପର୍କରେ ପ୍ରଶିକ୍ଷଣର ବସ୍ତୁତ ବିବରଣୀ ଦେଇଥିଲେ । ବାଲେଶ୍ୱରସ୍ଥିତ ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ କୁମାର ସାହୁ ଚଳିତବର୍ଷ ଖରିଫ ଧାନଚାଷ ପାଇଁ ଧାନର ମାନ ନିର୍ଦ୍ଧାରଣ, ବିଭିନ୍ନ ଖର୍ଚ୍ଚ ସମ୍ପର୍କରେ କହିଥିଲେ । ବାଲେଶ୍ୱରସ୍ଥିତ ସମବାୟ ବ୍ୟାଙ୍କର ସହକାରୀ ରେଜିଷ୍ଟର ଅମୂଲ୍ୟ କୁମାର ସେଠୀ ଏବଂ ଉପଖଣ୍ଡସ୍ତରୀୟ ରେଜିଷ୍ଟ୍ରାର ଦେବାଶିଷ ଦାସ ଜଳେଶ୍ୱରର ଯୋଗାଣ ନିରିକ୍ଷକ ସାଗରିକା ରାଉତରାୟ, ଭୋଗରାଇ ବ୍ଲକର ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ ଗିରି ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ସମ୍ପର୍କରେ କହିଥିଲେ । ଆଜି ପ୍ରଶିକ୍ଷଣ କାର୍ଯ୍ୟ ଶେଷ ହୋଇଥିବାରୁ ଦିନେ-ଦୁଇଦିନ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ ଓ ଚଳିତ ସପ୍ତାହର ଶେଷ ଭାଗରୁ ଧାନ କ୍ରୟ ଆରମ୍ଭ ହେବ ବୋଲି ନିୟନ୍ତ୍ରୀତ ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ପୌର ଉଦ୍ୟାନରେ ଦୁଇ ମୂର୍ତ୍ତିକୁ ନେଇ ବିବାଦ : ସମାଧାନ ନ ହେଲେ ଆନ୍ଦୋଳନ

ଜଳେଶ୍ୱର, ୨୮/୧୨(ନିପ୍ର): ଜଳେଶ୍ୱର ପୌର ପରିଷଦ ନିକଟରେ ଥିବା ଉଦ୍ୟାନରେ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଦୁଇ ମୂର୍ତ୍ତିକୁ ନେଇ ବିବାଦ ଘନେଇଛି । ଆସନ୍ତା ୩ ତାରିଖ ସୁଦ୍ଧା କର୍ତ୍ତୃପକ୍ଷ ଏହାର ସମାନ ନ କଲେ ବିଜେପି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ଆଜି ଲିଖିତଭାବେ ସୂଚନା ଦିଆଯାଇଛି । ୨୦୦୯ ମସିହାରେ ପୌର ଉଦ୍ୟାନ ପ୍ରତିଷ୍ଠାବେଳେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଜଳେଶ୍ୱର ମ୍ୟୁନିସିପାଲଟିର ପୂର୍ବତନ ଅଧ୍ୟକ୍ଷ, ସାମ୍ୟବାଦୀ ନେତା, କବି, ଲେଖକ ହିମାଂଶୁ ନନ୍ଦୀଙ୍କର ପ୍ରତିମୂର୍ତ୍ତି ୧୫-୧୨-୨୦୧୯ରେ ଉନ୍ମୋଚିତ ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ ତତଥକାଳୀନ ବିଧାୟକ ଉପସ୍ଥିତ ଥିଲେ ମଧ୍ୟ ହିମାଂଶୁ ନନ୍ଦୀଙ୍କର ମୂର୍ତ୍ତୀ ସୁଉଚ୍ଚ ହୋଇଥିବା ବେଳେ ଏକ ଉଚ୍ଚ ସ୍ଥାନରେ ପ୍ରତିଷ୍ଠା କରାଯାଇଥିଲା । ଅନ୍ୟପକ୍ଷରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତୀ ଛୋଟ ହୋଇଥିବାରୁ ବହୁ ବ୍ୟକ୍ତି ସ୍ୱର ଉତ୍ତୋଳନ କରିବା ସହିତ ବିଜେପି ବିରୋଧ କରିଥିଲା । ଏବେ ବିଜେପି ସେହି ଘଟଣାକୁ ଏକ ମୁଦ୍ଦା କରି ଆସନ୍ତା ୨ ତାରିଖ ସୁଦ୍ଧା ସମାଧାନ ନ ହେଲେ ୩ ତାରିଖରୁ ଆନ୍ଦୋଳନ କରିବ ବୋଲି ପୌରଅଧିକାରୀଙ୍କୁ ଲିଖିତଭାବେ ଦାବି କରିଛି ।

# ପରଂବ୍ରହ୍ମଙ୍କ କିମାଶ୍ଚର୍ଯ୍ୟମ ପାଠକାର୍ପିତ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଯୁବ ପ୍ରାବନ୍ଧିକ ପରଂବ୍ରହ୍ମ ତ୍ରିପାଠୀଙ୍କ ଚତୁର୍ଥ ପ୍ରବନ୍ଧ ସଂକଳନ କିମାଶ୍ଚର୍ଯ୍ୟମ ବୁଧବାର ପାଠକାର୍ପିତ ହୋଇଯାଇଛି। ବିଶିଷ୍ଟ ସ୍ତମ୍ଭକାର ଡଃ ଭଗବାନ ପ୍ରକାଶ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହି ଉତ୍ସବକୁ ଉଦଘାଟନ କରିଥିଲେ। ବର୍ଷା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣରେ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ କହିଥିଲେ ଯେ ପ୍ରଶ୍ନ ପଚାରିବାର ପ୍ରବୃତି ଧୀରେ ଧୀରେ ମରି ଯାଉଛି। ଗଣତନ୍ତ୍ର, ସମାଜ ଓ ସାହିତ୍ୟ ବଂଚିବା ପାଇଁ ପ୍ରଶ୍ନ ପଚାରିବାର ପ୍ରବୃତି ନିହାତି ଆବଶ୍ୟକ। କିମାଶ୍ଚର୍ଯ୍ୟମ ପ୍ରଶ୍ନ ପଚାରିବାକୁ ଉସକାଉଛି। ତେଣୁ ଏହା ଗତାନୁଗତିକତାରୁ ନିଶ୍ଚିତ ଭିନ୍ନ। ଅନ୍ୟତମ ଅତିଥି ବିଶିଷ୍ଟ ଗାଳ୍ପିକ ଡ଼ଃ ଅଜୟ ସ୍ୱାଇଁ ସାହିତ୍ୟରେ ଗଦ୍ୟର ଭୂମିକା, ନୂତନ ପିଢ଼ିର ଲେଖକମାନେ ଗଦ୍ୟକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ଓ କିମାଶ୍ଚର୍ଯ୍ୟମ କିପରି ଏକ ନିଆରା ଧାରା ସୃଷ୍ଟି କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ କବି ଓ କଳା ସମୀକ୍ଷକ କେଦାର ମିଶ୍ର କିମାଶ୍ଚର୍ଯ୍ୟମକୁ ବିଦ୍ରୋହ ଓ ବ୍ୟଙ୍ଗର ଏକ ସଠିକ ସମିଶ୍ରଣ ବୋଲି କହିବା ସହ ଏହା ପାଠକ ମନ ଓ ମସ୍ତିଷ୍କକୁ ଆନ୍ଦୋଳିତ କରିବାର କ୍ଷମତା ରଖିଛି ବୋଲି ମତ ପ୍ରକାଶ କରିଥିଲେ। ଯୁବ ପିଢ଼ିର ଶକ୍ତିଶାଳୀ ସ୍ୱର, କବି ଓ ଗାଳ୍ପିକ ଡଃ ଶକ୍ତି ମହାନ୍ତି ସରଳ ପ୍ରବହମାନତା, ଶବ୍ଦର ମିତବ୍ୟୟିତା ଓ ସମସ୍ୟା ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀ ପରଂବ୍ରହ୍ମଙ୍କ ଲେଖାର ବୈଶିଷ୍ଟ୍ୟ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଲେଖକ ଡ଼ଃ ସୂର୍ଯ୍ୟସ୍ନାତ ତ୍ରିପାଠୀ ବହିଟି ନିଜ ପ୍ରାସଙ୍ଗିକତା ଅନେକ ସମୟ ପର୍ଯ୍ୟନ୍ତ ବଜାୟ ରଖିବ ବୋଲି ମତବ୍ୟକ୍ତ କରିଥିଲେ। ନିଜ ଲେଖକୀୟ ଅଭିଭାଷଣରେ ପରଂବ୍ରହ୍ମ ପାଠକୀୟ ଶ୍ରଦ୍ଧାକୁ ଗୁରୁତ୍ୱ ଦେବା ସହ ଏହାହିଁ ତାଙ୍କୁ ଅନୁପ୍ରାଣିତ କରିଛି ବୋଲି କହିଥିଲେ। ବର୍ଷା ପ୍ରକାଶନୀର ମୁଖ୍ୟ ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ମୃତି ସଂଚିତା ଜେନା ମଂଚ ପରିଚାଳନା କରିଥିଲେ।

# ଆର୍‌ଟିଓରେ କାର୍ଯ୍ୟରତ ରାଜ୍ୟର ସମସ୍ତ ଡାଟାଏଣ୍ଟ୍ରି ଅପରେଟରଙ୍କ ସ୍ଥାୟୀ ନିଯୁକ୍ତି ଦାବି

ବାରିପଦା, ୨୮/୧୨ (ନି.ପ୍ର): ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟରେ ଏବଂ ଏସ୍‌ଟିଏ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୩୫୦ ଜଣ ଡାଟା ଏଣ୍ଟ୍ରି ଅପରେଟର ଦୀର୍ଘ ୧୫ ବର୍ଷ ଧରି ସ୍ମାର୍ଟଚିପ କମ୍ପାନୀ ଜରିଆରେ କାର୍ଯ୍ୟ କରି ଆସୁଥିଲେ କିନ୍ତୁ ଚଳିତ ମାସ ଶେଷ ସୁଦ୍ଧା ସ୍ମାର୍ଟଚିପ କମ୍ପାନୀର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି । ଦୀର୍ଘ ୧୫ ବର୍ଷ ତଳେ ରାଜ୍ୟର ଆର୍‌ଟିଓ କାର୍ଯ୍ୟଳୟ ମାନଙ୍କୁ କମ୍ପ୍ୟୁଟରି କରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବା ଫଳରେ ସ୍ମାର୍ଟଚିପ କମ୍ପାନୀ ଜରିଆରେ ରାଜ୍ୟର ଉଚ୍ଚଶିକ୍ଷିତ ଓ କମ୍ପ୍ୟୁଟର ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ମିଳିଥିଲା । ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହ ସରକାରୀ ରାଜସ୍ୱକୁ ବୃଦ୍ଧି କରିବାରେ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସୁଥିଲେ । ବର୍ତ୍ତମାନ ସ୍ମାର୍ଟଚିପ ଓ ରାଜ୍ୟ ସରକାରଙ୍କ ସହ ହୋଇଥିବା ରାଜିନାମାର ସମୟ ଅବଧି ଶେଷ ହେବାକୁ ଯାଉଥିବା ବେଳେ ୧୫ ବର୍ଷ ଧରି କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ମାନଙ୍କ ଭବିଷ୍ୟତ ନିଯୁକ୍ତିକୁ ନେଇ ସନ୍ଦେହ ଦେଖାଦେଇଛି । ସରକାର ଏହି ଡାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଘୋଷଣା ନକରିବାରୁ ବାଧ ହୋଇ ସେମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ଡାଟା ଏଣ୍ଟ୍ରି ଅପରେଟର ମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବାକୁ ସରକାରଙ୍କୁ ଆଦେଶ ଦେଇଥିଲେ । ସରକାର ନ୍ୟାୟାଳୟର ଆଦେଶ ପୂର୍ବରୁ ତା ୭/୧୨/୨୦୨୧ ରେ ୧୬୧ ଜଣ ଅପରେଟରଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ । କିନ୍ତୁ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଗଲେ ପ୍ରାୟ ୧୯୦ ଜଣ ଅପରେଟର ଜିବୀକା ହରାଇବେ । ତେଣୁ କୋର୍ଟର ନିର୍ଦ୍ଦେଶକୁ ସରକାର କାର୍ଯ୍ୟକାରି କରି ଦୀର୍ଘ ଦିନ ଧରି ସରକାରୀ କାର୍ଯ୍ୟରେ ଜଡିତ ରହିଥିବା ଏହି କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଯୋଗାଇ ଦେବାକୁ ଓଡିଶା ଇ ଗଭର୍ଣ୍ଣାନ୍‌ସ ଟେକ୍ନିକାଲ କର୍ମଚାରୀ ସଂଘର ରାଜ୍ୟ ସଭାପତି ହେମନ୍ତ ପଣ୍ଡା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଡି.ଏଲ୍, ଏଲ୍.ଏଲ୍, ଯାନବାହାନ ରେଜିଷ୍ଟ୍ରେସନ ଇତ୍ୟାଦି ପାଇଁ ଜନ ସାଧାରଣଙ୍କ ଠାରୁ ଆଦାୟ କରାଯାଉଥିବା ସର୍ଭିସ ଚାର୍ଜରେ ଏକ ଘରୋଇ କମ୍ପାନୀ ରାଜ୍ୟବ୍ୟାପୀ ୩୫୦ ଜଣ କର୍ମଚାରୀଙ୍କୁ ୧୫ ବର୍ଷ ଧରି ନିଯୁକ୍ତି ଦେଇଥିବା ବେଳେ ସରକାର ସେହି କର୍ମଚାରୀମାନଙ୍କୁ ଥଇଥାନ କରିବାରେ କୌଣସି ଅସୁବିଧା ନାହିଁ ବୋଲି ସଭାପତି ପଣ୍ଡା କହିଛନ୍ତି ।

# ଦୁଇ ବାଇକ୍ ପଛରୁ ଧକ୍କା ଦେଇ ଚମ୍ପଟ ମାରିଥିବା ସ୍କର୍ପିଓକୁ କାବୁ କଲା ପୋଲିସ



ବସ୍ତା, ୨୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ନଂ ଜାତୀୟ ରାଜପଥ ବରୁଣ ଗଡିଆ ଛକ ନିକଟରେ ଦୁଇ ବାଇକ ଆରୋହୀ କୁ ପଛ ପଟୁ ଧକ୍କା ଦେଇ ଚମ୍ପଟ ମାରି ଫେରାର ହେଉ ଥିବା ବେଳେ ପୁଲିସ ଧରିବାରେ ସକ୍ଷମ ହୋଇଛି । ବାଇକ ରେ ଥିବା ୨ ଗୁରୁତର ୧ ଆହତ । ନିକଟରେଥିବା ଲୋକେ ବସ୍ତା ଥାନା କୁ ଖବର ଦେବା ସହ ଜାତୀୟ ରାଜପଥ ଆମ୍ବୁଲାନ୍ସ ରେ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନା କୁ ପଠାଇଥିଲେ । ଖବର ପାଇ ବସ୍ତା ପୋଲିସ ତୁରନ୍ତ ରୂପସା ପୋଲିସ କୁ ଖବର ଦେଇ ଘଟଣା ସ୍ଥଳରେ ପହଞ୍ଚି ଦୁଇ ବାଇକ କୁ ଜବତ କରିଥିଲା । ଚଂପଟ୍ ମାରିଥିବା ସ୍କର୍ପିଓ କୁ ରୂପସା ପୋଲିସ ଜାତୀୟ ରାଜପଥ ରେ ମାସ୍କ ଚେକିଂ ଚାଲି ଥିବା ବେଳେ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ କୁ ଅଟକ ରଖି ବସ୍ତା ଥାନା କୁ ଖବର ଦେଇଥିଲା । ବସ୍ତା ପୋଲିସ ଉକ୍ତ ଗାଡ଼ି କୁ ଜବତ କରି ତଦନ୍ତ ଚଳାଇଛି । ଗୁରୁତର ମାନେ ହେଲେ ବସ୍ତା ଥାନା ଅର୍ନ୍ତଗତ କୁଣ୍ଡପୁର ଗ୍ରାମର ଓ ଦଉପୂର୍ ଗ୍ରାମର ବୋଲି ଜଣା ପଡିଛି ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ୬୯ଜଣଙ୍କୁ ମେଧାବୃତ୍ତି ପ୍ରଦାନ

ଭଦ୍ରକ, ୨୯/୧୨ (ନି.ପ୍ର): ଆଦାନୀ ଧାମରା ପୋର୍ଟର ସିଏସ୍ଆର ଅଂଶ ଭାବେ ଆଦାନୀ ଫାଉଣ୍ଡେସନ, ପୋର୍ଟ ପାରିପାର୍ଶ୍ୱରେ ଥିବା ସମସ୍ତ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ଡିପିସିଏଲ୍ ମେଧାବୃତି ପ୍ରଦାନ କରିଆସୁଅଛି । ଛାତ୍ରଛାତ୍ରୀମାନଙ୍କ କଠିନ ପରିଶ୍ରମକୁ ପ୍ରୋତ୍ସାହିତ କରିବା ସହ ଉଚ୍ଚ ମାଧ୍ୟମିକ ଶିକ୍ଷାରେ କଳା, ବାଣିଜ୍ୟ ଓ ବିଜ୍ଞାନ ପଢିବା ପାଇଁ ସେମାନଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏଥିପାଇଁ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ଛାତ୍ରଙ୍କ କ୍ଷେତ୍ରରେ ୭୫ ପ୍ରତିଶତ ଏବଂ ଛାତ୍ରୀଙ୍କ କ୍ଷେତ୍ରରେ ୭୦ପ୍ରତିଶତରୁ ଅଧିକ ନମ୍ବର ରଖିବା ଚୟନର ମାନଦଣ୍ଡ ରହିଛି । ୨୦୨୦-୨୧ ଶିକ୍ଷାବର୍ଷରେ କୋଭିଡ-୧୯ ମହାମାରୀ କାରଣରୁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଆୟୋଜିତ ହୋଇଥିବା ଅନ୍‌ଲାଇନ ପରୀକ୍ଷାରେ ୬୯ ଜଣ ଛାତ୍ରଛାତ୍ରୀ ମେଧାବୃତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିମଧ୍ୟରୁ କରଞ୍ଜମାଳ ପଂଚାୟତ ଅନ୍ତର୍ଗତ ଏସ୍ଏସ୍ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାପୀଠର ୧୬ ଜଣ ଛାତ୍ରଛାତ୍ରୀ, ଦୋସିଙ୍ଗା ଉଚ୍ଚ ବିଦ୍ୟାଳୟର ୧୨ ଜଣ, ଭିଏନ୍ ଉଚ୍ଚବିଦ୍ୟାପୀଠର ୧୦ ଜଣ, କରଣପଲ୍ଲୀ ଗ୍ରାମପ ।ୟତ ଉଚ୍ଚବିଦ୍ୟାଳୟର ୮ ଜଣ, କେଏସ୍ ନୋଡାଲ ଉଚ୍ଚବିଦ୍ୟାଳୟର ୭ ଜଣ, ଜାଗୁଳା ଗ୍ରାମପଂଚାୟତ ଉଚ୍ଚବିଦ୍ୟାଳୟର ୬ ଜଣ, ବାଂଶଡା ଉଚ୍ଚବିଦ୍ୟାଳୟର ୪ ଜଣ, ଫଂଟୁଟିକ୍ରୀ ଗ୍ରାମପଂଚାୟତ ସରକାରୀ ଉଚ୍ଚବିଦ୍ୟାଳୟର ୩ ଜଣ, ଧାମରାଇ ନୋଡାଲ ଉଚ୍ଚବିଦ୍ୟାଳୟର ଜଣେ ଏବଂ ଜେଏନ୍ ଉଚ୍ଚବିଦ୍ୟାଳୟର ୨ ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତି ପ୍ରଦାନ କରାଯିବ । ଭଦ୍ରକ ଜିଲା କରଞ୍ଜମାଳ ପଂଚାୟତସ୍ଥିତ ଏସ୍ଏସ୍ ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠରେ ଆୟୋଜିତ ଏହି ମେଧାବୃତି ପ୍ରଦାନ କାର୍ଯ୍ୟକ୍ରମରେ ସମସ୍ତ ମେଧାବୀ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ, ପ୍ରଧାନଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ୬୯ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ମେଡାଲ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାର ପ୍ରଥମ ବର୍ଷ ନିମନ୍ତେ ୧୨ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା ।

## ଝାଡଗ୍ରାମର ବୃଦ୍ଧଙ୍କ ଝୁଲନ୍ତା ରାଇବଣିଆ ଥାନା ଜଂଗଲରୁ ଉଦ୍ଧାର

ଜଳେଶ୍ୱର, ୨୯/୧୨ (ନି.ପ୍ର): ରାସଗୋବିନ୍ଦପୁର ଥାନା ଇଲାକାର ଜନୈକ ବ୍ୟକ୍ତି ଦୀର୍ଘବର୍ଷ ଧରି ପଶ୍ଚିମବଂଗର ଝାଡଗ୍ରାମ ଜିଲା ନୟାଗ୍ରାମ ଥାନାର ପେଡରାଚୁଇଁ ଗ୍ରାମରେ ରହିଆସୁଥିଲା । ଟୁଙ୍କୁ ବେସ୍ରାଙ୍କ ପୁଅ କରଣ ବେସ୍ରା (୬୧)ର ଝୁଲନ୍ତା ଶରୀର ରାଇବଣିଆ ଥାନା ଅନ୍ତର୍ଗତ ବରଡିହା ପଂଚାୟତର ଜୁଆଳିଭଂଗା ଜଂଗଲରୁ ପୁଲିସ୍ ଉଦ୍ଧାର କରିଛି । କିନ୍ତୁ ଏପରି ଜଣେ ବୃଦ୍ଧ ପଶ୍ଚିମବଂଗରୁ ଆସି ଜୁଆଳିଭଂଗା ଜଂଗଲରେ ଆତ୍ମହତ୍ୟା କରିବା ସଂପର୍କରେ ପୁଲିସ୍ ତଦନ୍ତ ଚଳାଇଛି । ଏ ସମ୍ପର୍କରେ ସ୍ଥାନୀୟ ଅଂଚଳରେ ବହୁକଥା ଶୁଣିବାକୁ ମିଳୁଛି ।

## ନନ୍ଦନକାନନରେ ୬ ବାଘ ଛୁଆଙ୍କ ନାମକରଣ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଜନ୍ମିତ ୬ଟି ବାଘ ଛୁଆଙ୍କର ନାମକରଣ କରିଛି । ୨୦୨୧ ମାର୍ଚ୍ଚ ୨୮ ତାରିଖରେ ବିଜୟା ଓ ସେଫ୍ ଙ୍କ ଔରଷରୁ ଜନ୍ମିତ ୩ ଅଣ୍ଡିରା ଛୁଆଙ୍କ ନାଁ ରବି, ବଂଶୀ ଓ ରାକେଶ ରଖାଯାଇଛି । ସେହିପରି ମେଘା ଓ ନନ୍ଦନଙ୍କ ଔରଷରୁ ଜନ୍ମିତ ୨ଟି ଅଣ୍ଡିରା ଓ ଏକ ମାଈ ଛୁଆର ନାଁ ବିବେକ, ଅଭୟ ଓ ସୋହିନ ରଖାଯାଇଛି । ବୁଧବାର ନନ୍ଦନକାନନର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ନାମକରଣ କରାଯାଇଛି । ଅପରପକ୍ଷରେ ଏକ ଭାରତୀୟ ବଜ୍ରକାପ୍ତାଙ୍କୁ ରେଡିଓ ଟ୍ରାନ୍ସମିଟର ଲଗାଇ ହାତୀ ସଫାରୀ ପଛ ବଣରେ ଛଡାଯାଇଛି । ନନ୍ଦନକାନନର ପ୍ରତିଷ୍ଠା ଦିବସ ଅବସରରେ ପିସିସିଏଫ୍ ତଥା ବନ ବିଭାଗର ମୁଖ୍ୟ ଶିଶିର କୁମାର ରଥ ମୁଖ୍ୟ ଅତିଥି ଓ ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍ ସମ୍ମାନିତ ଅତିଥି ଥିଲେ । ନନ୍ଦନକାନନ ବାଇଲୋଜିକାଲ ପାର୍କର ନିର୍ଦ୍ଦେଶକ ଡ. ମନୋଜ ଭି ନାୟର , ପ୍ରାଣୀ ଉଦ୍ୟାନର ଡେପୁଟି ଡାଇରେକ୍ଟର ସଂଜିତ କୁମାର ସମାରୋହରେ ଉପସ୍ଥିତ ଥିଲେ । ଅତିଥିମାନଙ୍କ ଦ୍ୱାରା ନନ୍ଦନକାନନର ବାର୍ଷିକ ପୁସ୍ତକ, କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା । ସେହିପରି ଉଲ୍ଲେଖନୀୟ ସେବା ପାଇଁ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ‘କଳା ଦର୍ପଣ’ର ଚିତ୍ରକଳା କର୍ମଶାଳା ‘ସାଦୃଶ୍ୟ-ନେଚର’ଉଦ୍‌ଯାପିତ




ବାଲେଶ୍ୱର,୨୯/୧୨ (ନି.ପ୍ର): ‘କଳା ଦର୍ପଣ’ ସଂଗଠନ ପକ୍ଷରୁ ସହରର ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ଚାଲିଥିବା ଦୁଇଦିନିଆ ଜାତୀୟ ସ୍ତରର ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ‘ସାଦୃଶ୍ୟ- ନେଚର ୨୦୨୧’ ବୁଧବାର ଉଦଯାପିତ ହୋଇଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରକଳା ମାଧ୍ୟମରେ ପ୍ରକୃତିକୁ ଭଲ ପାଇବା ଓ ପରିବେଶ ସୁରକ୍ଷା ପ୍ରତି ସାଧାରଣରେ ସଚେତନତା ସୃଷ୍ଟି କରିବାରେ ‘କଳା ଦର୍ପଣ’ର ଏହି ସାଧୁ ଉଦ୍ୟମକୁ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ରଙ୍ଗତୂଳୀରେ ଶିଳ୍ପୀ ଆଙ୍କିଥିବା ଆମର ସଂସ୍କୃତି, ପରମ୍ପରା ଓ ପ୍ରକୃତିର ଚିତ୍ର ଅତ୍ୟନ୍ତ ଉଚ୍ଚକୋଟିର ହୋଇପାରିଛି । ବାଲେଶ୍ୱର ମାଟି ଯେ କଳାର ମାଟି, ଏହି କର୍ମଶାଳା ହିଁ ପ୍ରମାଣିତ କରିପାରିଛି ବୋଲି କୁଳପତି ଡ. ତ୍ରିପାଠୀ ମତ ପ୍ରକାଶ କରିଥିଲେ । ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ କବି ଅଭୟ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଶଳାରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଳ୍ପୀ ଓ ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶିଳ୍ପୀର ସ୍ପର୍ଶରେ ଏଠି ସମସ୍ତ ଚିତ୍ର ଜୀବନ୍ତ ହୋଇପାରିଛି ବୋଲି ଅତିଥିମାନେ ମତ ଦେଇଥିଲେ । ପ୍ରକୃତି ଭିତ୍ତିକ ଚିତ୍ରକଳା ଓ ଏହି କର୍ମଶାଳା ଜନସଚେତନତା ସୃଷ୍ଟିରେ ସହାୟକ ହୋଇପାରିଛି ବୋଲି ସେମାନେ କହିଥିଲେ ।ଏହି ଅବସରରେ ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥି ସହିତ କର୍ମଶାଳାର ଶ୍ରେଷ୍ଠ ଚିତ୍ରକଳା ପ୍ରଦର୍ଶନ କରିଥିବା ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା । ଚାରୁକଳା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଡ ଦୀପ୍ତି ପ୍ରକାଶ ମହାନ୍ତି ଏହି ଉଦଯାପନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ କଳା ଦର୍ପଣର କାର୍ଯ୍ୟକାରୀ ସଭାପତି ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ବିଶ୍ୱଜିତ ପରମାଣିକ କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ କଳାଦର୍ପଣର ସଂଯୋଜକ ବିରଜା ପ୍ରସାଦ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡଗରାରେ ବ୍ରାହ୍ମଣ ସମାବେଶ



ବାଲିଆପାଳ, ୨୯/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା ପଂଚାୟତ ଜାମତୁକୁଲା ବାବ ଜାମେଶ୍ୱର ଶିବ ମନ୍ଦିର ପ୍ରାଗଣରେ ଜିଲ୍ଲା ବ୍ରାହ୍ମଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଶଙ୍କରଶଣ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଜିଲ୍ଲା ବ୍ରାହ୍ମଣ ସମିତିର କର୍ମକର୍ତ୍ତା ପଣ୍ଡିତ କ୍ଷିତିସଚନ୍ଦ୍ର ପଣ୍ଡାଙ୍କର ପୌରୁହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକରେ ବ୍ରାହ୍ମଣମାନେ ଏକତ୍ରିତ ହୋଇ ବୃକ୍ଷରୋପଣ, ଭ୍ରାମ୍ୟମ ଯଜ୍ଞ ଏବଂ ବିଭିନ୍ନ ସ୍ଥାନ ମାନଙ୍କରେ ଗୀତା ଓ ଭାଗବତ ଆଲୋଚନା କଲେ ଅନ୍ୟମାନଙ୍କ ଆଗରେ ବ୍ରାହ୍ମଣ ମାନେ ସମ୍ମାନିତ ହେବେ ବୋଲି ପଣ୍ଡିତ ଭାନୁଚରଣ ପାଢି ଆଲୋଚନା କରିଥିଲେ । ଏହି ସଭାରେ ଶଙ୍କରର୍ଷଣ ପାଣିଗ୍ରାହୀ, ଶକ୍ତିପଦ ପଣ୍ଡା, ରବିନ୍ଦ୍ର ପାଢୀ, ସଞ୍ଜୟ କୁମାର ପଣ୍ଡା, ପର୍ଶୁରାମ ପାଢି, ସୁଧାକର ପତି, ଗଣେଶଚନ୍ଦ୍ର ପାଣିଗ୍ରାହୀ, ବୃହସ୍ପତି ପଣ୍ଡା, ଗଦାଧର ପଣ୍ଡା, ଗଦାଧର ପଣ୍ଡା, ଜଗନ୍ନାଥ ପଣ୍ଡା ସମେତ ବହୁ ବ୍ରାହ୍ମଣ ଉପସ୍ଥିତ ଥିଲେ ।

# ବାଇକ ଡିକି ଭାଙ୍ଗି ଦେଢଲକ୍ଷ ଟଙ୍କା ଲୁଟ

ବାଲିଆପାଳ, ୨୯/୧୨ (ନି.ପ୍ର): ବାଲିଆପାଳ ହୋଣ୍ଡା ସୋରୁମ ଆଗରୁ ଆଜି ଜଣେ ବ୍ୟକ୍ତିଙ୍କର ବାଇକ ଡିକି ଭାଙ୍ଗି ଦେଢଲକ୍ଷ ଟଙ୍କା ଲୁଟ ହୋଇଛି । ସୂଚନା ମୁତାବକ ଅଳାଡିହା ପଞ୍ଚାୟତ ବାଲିବିଲ ଗ୍ରାମର ଜଗବନ୍ଧୁ ଜେନା ସମ୍ପର୍କୀୟ ନାତି ପ୍ରାଣକୃଷ୍ଣ ପରିଡାଙ୍କ ସହିତ ଆଜି ଏକ ବାଇକ କିଣିବାକୁ ଦେଢଲକ୍ଷ ଟଙ୍କା ନେଇ ବାଲିଆପାଳ ଆସିଥିଲେ । ଏକ ପଲଥିନ ବ୍ୟାଗରେ ଏହି ଟଙ୍କାକୁ ବାଇକ ଡିକିରେ ରଖିଥିଲେ । ମଧାହ୍ନ ୧୨ଟା ସମୟରେ ପାରୁଳିଆଛକସ୍ଥିତ ହୋଣ୍ଡା ସୋରୁମକୁ ବାହାରେ ବାଇକ ରଖି ଗାଡି ବୁଝାବୁଝି କରିବାକୁ ଭିତରକୁ ଯାଇଥିଲେ । କିଛି ସମୟ ପରେ ଫେରି ଦେଖିବାକୁ ପାଇଲେ ଯେ ବାଇକ ଡିକି ଭଙ୍ଗାଯାଇ ଭିତରେଥିବା ଟଙ୍କା ଲୁଟ ହୋଇଛି । ସିସି କ୍ୟାମେରା ଯାଞ୍ଚ କରିବାରୁ କିଛି ଜଣାପଡିନଥିଲା ।ବହୁତ ସମୟ ଧରି ଖୋଜାକୋଜି କରିବା ପରେ କୌଣସି ସନ୍ଧାନ ନମିଳିବାରୁ ଯଜ୍ଞବନ୍ଧୁ ଏ ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରିଥିଲେ ମଧ କୌଣସି ସୁରାଗ ମିଳିପାରିନାହିଁ । ବାଲିଆପାଳରେ ବାରମ୍ବାର ଏହିଭଳି ଘଟଣା ବାରମ୍ବାର ଘଟୁଛି । କିଛିଦିନ ତଳେ ଜାମକୁଣ୍ଡାଛକ ନିକଟରେ ଜଣେ ଏଲଆଇସି ଏଜେଣ୍ଟଙ୍କ ବାଇକ ଡିକି ଭାଙ୍ଗି ମଧ ଏକଲକ୍ଷ ଟଙ୍କା ଲୁଟ ହୋଇଥିଲା ।

# ଅଧ୍ୟାପକ ବିଶ୍ୱରଞ୍ଜନ ପାଇବେ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ

## ବିଜୟାନନ୍ଦଙ୍କୁ ସ୍ମୃତି ସମ୍ମାନ ଏବଂ ବିଜୟଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା



ବାଲେଶ୍ୱର, ୨୯/୧୨ (ନି.ପ୍ର): କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ବିଶ୍ୱଶ୍ରୀ ପ୍ରେସ ସ୍ଥିତ କବି ବ୍ରଜନାଥ ରଥ ସଭାଗାରରେ ଏକ ସ୍ୱତନ୍ତ୍ର ସଭା ପ୍ରଫେସର ଡ଼ଃ ରମାକାନ୍ତ ବେହେରାଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ କୋଡିଏରୁ ଉର୍ଦ୍ଧ୍ୱ କବି ଲେଖକ ଓ ସଂଗଠକ ଯୋଗଦାନ କରିଥିଲେ । ସର୍ବ ସମ୍ମତି କ୍ରମେ ବିଶିଷ୍ଟ କବି ତଥା ଲେଖକ ଅଧାପକ ବିଶ୍ୱରଞ୍ଜନଙ୍କୁ ସମ୍ମାନ ଜନକ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ-୨୦୨୨, ବିଶିଷ୍ଟ ପ୍ରାବନ୍ଧିକ ତଥା ଲେଖକ ଡ଼ଃ ବିଜୟାନନ୍ଦ ସିଂହଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ-୨୦୨୨ ଓ କବି ବ୍ରଜନାଥ ସାହିତ୍ୟର ବିଶିଷ୍ଟ ଅନୁବାଦକ ପ୍ରଫେସର ଡ଼ଃ ବିଜୟ ମହାନ୍ତିଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ବର୍ଦ୍ଧନା ଦିଆଯିବାର ସ୍ଥିର କରାଗଲା । ଏହି ଆଲୋଚନା ସଭାରେ ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ଼ଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ,ପୂର୍ବତନ ସଭାପତି ଡ଼ଃ ଶିରିଶ ଚନ୍ଦ୍ର ଜେନା, ଚୌଧୁରୀ ଡ଼. ସତ୍ୟବ୍ରତ ନନ୍ଦ, ଡ଼ଃ ସୁବାସ ଚନ୍ଦ୍ର ପାତ୍ର, ଡ଼ଃ ରାଧାରଂଜନ ପଟ୍ଟନାୟକ, ଡ଼ଃ କୁଞ୍ଜ ବିହାରୀ ଧଳ, ଡ଼ଃ ମନ୍ମଥ କୁମାର ପ୍ରଧାନ, ଡ଼ଃ ଅରବିନ୍ଦ ଗିରି, କମଳାକାନ୍ତ ଦାଶ, ଉଦୟ ନାରାୟଣ ଦାସ, ଡ଼ଃ ସିନ୍ଧୁ ସେନ, ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର ସମେତ ଅନେକ କବି, ଲେଖକ ଯୋଗ ଦେଇଥିଲେ । ଏତଦବ୍ୟତିତ କବି ବ୍ରଜନାଥ ରଥଙ୍କ ସମୟରୁ ବାଲେଶ୍ୱର ସହରର ସାହିତ୍ୟର ପ୍ରାଣକେନ୍ଦ୍ର ବୋଲାଉଥିବା ବିଶ୍ୱଶ୍ରୀ ପ୍ରେସରେ ଚାଲି ଆସୁଥିବା ନିୟମିତ ସାହିତ୍ୟ ଆସର ବା କବି ବ୍ରଜନାଥଙ୍କ ସାହିତ୍ୟ ଖଟିକୁ ପୁଣି ଆରମ୍ଭ କରିବାକୁ ଏହି ସଭାରେ ଉପସ୍ଥିତ ସମସ୍ତ ସଦସ୍ୟ ଆଗ୍ରହ ପ୍ରକାଶ କରିଥିଲେ ଯାହା ଯଥାଶୀଘ୍ର ଆରମ୍ଭ କରାଯିବ ବୋଲି କବିଙ୍କର କନିଷ୍ଠ ପୁତ୍ର ବ୍ରହ୍ମନାଥ ରଥ କହିଥିଲେ । ସଭାପତି ପ୍ରଫେସର ବେହେରା ତାଙ୍କ ସଭାପତି ଭାଷଣରେ କବି ବ୍ରଜନାଥଙ୍କ ସ୍ମୃତି ଓ ସମ୍ମାନପାଇଁ ସମସ୍ତେ ସହଯୋଗ କରିବାପାଇଁ ଅନୁରୋଧ କରିଥିଲେ । ଶେଷରେ ଅନ୍ୟତମ ଟ୍ରଷ୍ଟ ସଦସ୍ୟ ବ୍ରହ୍ମ ନାଥ ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତିରେ ଇ-ବୁକ୍ ଓ ୱେବସାଇଟ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ବିଶିଷ୍ଟ ପ୍ରଶାସକ ଦିବଂଗତ ଗୁରୁପ୍ରସାଦ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ୱେବସାଇଟ ଓ ଇ-ବୁକ୍ କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଲୋକାର୍ପଣ କରିଛନ୍ତି । ଆଜି ରାଜଭବନରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଯୋଗ ଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ସ୍ୱର୍ଗତ ମହାପାତ୍ରଙ୍କ ସୁକର୍ମ ଓ ଲୋକାଭିମୁଖୀ ପ୍ରଶାସନିକ କ୍ରିୟାଶୀଳତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତାଙ୍କ ସ୍ମୃତିର ସୁରକ୍ଷା ଓ ସଂରକ୍ଷଣ ଏକ ପ୍ରଶଂସନୀୟ ପ୍ରୟାସ ଯାହା ଉତର ପୁରୁଷଙ୍କୁ ମାର୍ଗଦର୍ଶନ କରାଇବ । ବରିଷ୍ଠ ସାମ୍ବାଦିକ କେ. ରବି, ନାନୁ ପାଣି, ଶିବାନନ୍ଦ ଦାସ, ଦେବାଶିଷ ପଟ୍ଟନାୟକ, ଆଲୋକ ରଞ୍ଜନ ନାୟକ, ପ୍ରସନ୍ନ କୁମାର ପଣ୍ଡା, ଡି.ପି. ଦାସ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ ।

# ବାଲେଶ୍ୱର ସାଇବର ଥାନା ଉଦ୍‌ଘାଟିତ



ବାଲେଶ୍ୱର,୨୯/୧୨ (ନି.ପ୍ର): ରାଜ୍ୟରେ ବଢୁଥିବା ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରୁ ବୁଧବାର ବାଲେଶ୍ୱର ସମେତ ୧୪ ଗୋଟି ସାଇବର ଥାନାକୁ ଆଭାସିରେ ଉଦଘାଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୁଆନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ(ଆଇଜି) ହିମାଂଶୁ ଲାଲ, ଜିଲା ଆରକ୍ଷୀ ଅଧୀକ୍ଷକ ଶୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆଭାସିରେ ୧୪ ଗୋଟି ସାଇବର ଥାନା ଉଦଘାଟନ କରିବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ସଦର ବିଧାୟକ ଶ୍ରୀ ଦାସ ଓସୁଆନ ଭବନରେ ଥାନା ଫଳକକୁ ଅନାବରଣ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା ସାଇବର ଅପରାଧ ରୋକିବାରେ ଏହି ଥାନା ବିଶେଷ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସମୟୋପଯୋଗୀ ନିଷ୍ପତ୍ତି ରାଜ୍ୟବାସୀଙ୍କ ସୁରକ୍ଷା ସାଙ୍ଗକୁ ଓଡ଼ିଶା ପୁଲିସକୁ ଅଧିକ କ୍ରିୟାଶୀଳ କରିବ ବୋଲି ବିଧାୟକ ଶ୍ରୀ ଦାସ ଆଶା ପ୍ରକଟ କରିଥିଲେ । ଏହି ଥାନା ଅର୍ଥନୈତିକ ଅପରାଧ ସାଙ୍ଗକୁ ଅନ୍ୟାନ୍ୟ ସାଇବର ଅପରାଧ ରୋକିବାକୁ ରାଜ୍ୟ ପୁଲିସ ଆଧୁନିକରଣର ଏହା ନୂତନ ସ୍ୱରୂପ ବୋଲି ଆଇଜି ହିମାଂଶୁ ଲାଲ କହିଛନ୍ତି । ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ଏଥିରେ ନିୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ଥାନା କେବଳ ସହର ନୁହେଁ ବରଂ ସମଗ୍ର ଜିଲାର ସାଇବର ଅପରାଧ ନିୟନ୍ତ୍ରଣ କରିବ ବୋଲି ଏସପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଜଣେ ଇନସ୍ପେକ୍ଟର ସମେତ ୨ ଜଣ ସବ-ଇନସ୍ପେକ୍ଟର, ୨ ଜଣ ଏଏସଆଇ ଓ ୪ ଜଣ କନଷ୍ଟେବଳଙ୍କୁ ଏଥିରେ ନିଯୁକ୍ତି କରାଯାଇଛି । ବିଶେଷ କରି କମ୍ପ୍ୟୁଟର ଓ ଇଣ୍ଟରନେଟ ବ୍ୟବହାରରେ ଦକ୍ଷତା ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଥାନା ପାଇଁ ଚୟନ କରାଯାଇଛି । ସମସ୍ତଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି ବୋଲି ଏସପି ଶ୍ରୀ ମିଶ୍ର କହିଛନ୍ତି । ସଦର ଏସଡିପିଓ ଅଫିସ ସମ୍ମୁଖରେ ଏହି ସାଇବର ଥାନା ଏବେ ଆରମ୍ଭ ହୋଇଛି ।

## ସାଂସଦ ସୁପ୍ରିୟା ସୁଲେ ଏବଂ ତାଙ୍କ ସ୍ୱାମୀ କରୋନା ପଜିଟିଭ

ମୁମ୍ବାଇ, ୨୯/୧୨ (ନି.ପ୍ର): ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ନେତା ତଥା ସାଂସଦ ସୁପ୍ରିୟା ସୁଲେ ଏବଂ ତାଙ୍କ ସ୍ୱାମୀ ସଦାନନ୍ଦ ସୁଲେ ବୁଧବାର ଦିନ କରୋନା ପଜିଟିଭ ବୋଲି ଜଣାପଡ଼ିଛି । ଉଭୟଙ୍କ ଚିକିତ୍ସା ସେମାନଙ୍କ ବାଭବନରେ ଚାଲିଛି । ସୁପ୍ରିୟା ସୁଲେଙ୍କ ସମ୍ପର୍କରେ ଆସିଥିବା ଲୋକମାନଙ୍କୁ କରୋନା ପରୀକ୍ଷା କରାଇନେବାକୁ ସେ ନିବେଦନ କରିଛନ୍ତି । ସୂଚନାନୁସାରେ ସୁପ୍ରିୟା ସୁଲେ ଏବଂ ତାଙ୍କ ସ୍ୱାମୀ ସଦାନନ୍ଦ ସୁଲେ ସାମାନ୍ୟ ଅସୁସ୍ଥତା ପରେ କରୋନା ପରୀକ୍ଷା କରିଥିଲେ । ଆଜି ସକାଳେ ଏହାର ରିପୋର୍ଟ ଆସିଛି । ଏହା ପରେ ସୁପ୍ରିୟା ସୁଲେ କହିଛନ୍ତି ଯେ, ତାଙ୍କର ଏବଂ ତାଙ୍କ ସ୍ୱାମୀଙ୍କ ଚିକିତ୍ସା ଚାଲିଛି । ଯୋଗାଯୋଗରେ ଆସିଥିବା ଲୋକମାନେ କରୋନା ପରୀକ୍ଷା କରିବା ଉଚିତ୍ ଏବଂ ସତର୍କତା ଅବଲମ୍ବନ କରିବା ଉଚିତ୍ ।

# କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ



ବାରିପଦା, ୨୮/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜାତୀୟ କଂଗ୍ରେସ ଦଳର ୧୩୭ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଆଜି ଓଡିଶା କଂଗ୍ରେସ ଦଳର ମଧ ୧୦୦ ବର୍ଷ ପୂର୍ତ୍ତି ହୋଇଛି । ଏହି ଅବସରରେ କଂଗ୍ରେସ ଦଳର ଐତିହାସିକ ଯାତ୍ରା ବିଷୟରେ ଉପସ୍ଥିତ ନେତୃମଣ୍ଡଳୀ ଆଲୋକପାତ କରିଥିଲେ । କଂଗ୍ରେସ ଦଳ ଦେଶର ସ୍ୱାଧୀନତା ଆନ୍ଦୋଳନରେ ନେତୃତ୍ୱ ନେଇ ଏ ଦେଶକୁ ସ୍ୱାଧୀନତା ଦେଇଥିଲା । ଆଜି ଦେଶର ଆଇଆଇଟି,ଏମସ୍ ହସ୍ପିଟାଲ, ବିଭିନ୍ନ ବନ୍ଦର ନିର୍ମାଣ, ବଡ ବଡ ଶିଳ୍ପସଂସ୍ଥା, ପ୍ରଧାନମନ୍ତ୍ରୀ ସଡକ ଯୋଜନା, ଇନ୍ଦିରା ଆବାସ,ଗରୀବ ଓ ଅସହାୟ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ଆଇନ, ଶିକ୍ଷା ର ଉନ୍ନତି ପାଇଁ ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ସ୍ୱାଧୀନତା ସମୟରେ ଛୁଂଚି ଉତ୍ପାଦନ କରିବାର ଶକ୍ତି ନଥିବା ଭାରତବର୍ଷକୁ ବିଶ୍ୱର ୩ ନମ୍ବର କ୍ଷମତାଶିଳ ରାଷ୍ଟ୍ରରେ ପରିଣତ କରିଥିବା କଂଗ୍ରେସ ଦଳ ଆଜିର ତାର ପ୍ରତିଷ୍ଠା ଦିବସ ରେ ପୁରୁଣା ଦିନର ସ୍ମୃତିଚାରଣ କରାଯାଇଥିଲା । ତାପରେ ଗରିବ ଓ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ଜିଲ୍ଲା କଂଗ୍ରେସ ତରଫରୁ ବଣ୍ଟା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶ୍ରୀ ହେମନ୍ତ ଦାସ, ରାଜ୍ୟ ଉପସଭାପତି ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ, ବରିଷ୍ଠ କଂଗ୍ରେସ ନେତା ତଥା ଜିଲ୍ଲା ପ୍ରବକ୍ତା ଶ୍ରୀ ବିଜନ ଦାସ, ପ୍ରବକ୍ତା ନୀରୋଜ ଲୋଚନ ଦାଶ, ପ୍ରବକ୍ତା ଅଶୋକ ଅଧିକାରୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ମନ୍ତ୍ରୀ, ଓବିସି ସେଲ ଅଧ୍ୟକ୍ଷ ଦୀଲ୍ଲୀପ ନାଏକ,ଏସସି ସେଲ୍ ଅଧ୍ୟକ୍ଷ ସଂଜୟ ସେଠୀ, ନଗର କଂଗ୍ରେସ ସଭାପତି ଶ୍ରୀ ଶାନ୍ତନୁ ପାଲ, କୋଷାଧ୍ୟକ୍ଷ ଦୀପକ ଦାଶ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ପ୍ରଦୀପ କୁମାର ଦାସ,ମୁରୁଡା ବ୍ଲକ ସଭାପତି ଶେଖ ମୁସ୍ତାଫା, ବେତନଟୀ ବ୍ଲକ ସଭାପତି ଶ୍ରୀ କୁଶଧର ବେହେରା,କିଶାନ ନେତା ବୁଧୁରାମ ସିଂ, ନିର୍ମଳ ପ୍ରଧାନ, ହରିଶଙ୍କର ଦାସ, ଟାଉନ ସଂପାଦକ ସ୍ୱାଗନ ଦାସ, ଯୁବନେତା ରତନ ଲାଲ ଶର୍ମା, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, ଶୁଭସ୍ମିତା ଦାସ, ରଶ୍ମିତା ମିଶ୍ର, କରୁଣାକର ଗିରି, ଶେଖ ହରଉଦ୍ଦିନ, ଅଜଗର ଅଲ୍ଲୀ ପ୍ରମୁଖ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



ଭଦ୍ରକ, ୨୯/୧୨ (ନି.ପ୍ର): ଆଗାମୀ ଜାନୁୟାରୀ ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପଲ୍‌ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ପାଇଁ ଆଜି ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ନୋଡାଲ ଅଧିକାରୀ ଡା. ଜୟନ୍ତ କୁମାର ପଣ୍ଡା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସ୍.ଏମ୍.ଓ. ଅର୍ଚ୍ଚନା ଗାଏନ୍ ପ୍ରମୁଖଙ୍କ ସହ ଅନ୍ୟ ଡାକ୍ତର ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ କି ଶୂନରୁ ୫ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଏହି ପୋଲିଓ ବୁନ୍ଦା ପ୍ରଦାନ କରାଯିବ । ଏହି ଟୀକା ପ୍ରଦାନ ପାଇଁ ଜିଲ୍ଲାରେ ୭୦୧ଟି ପୋଲିଓ ବୁଥ୍ ଜାନୁୟାରୀ ୨୩ ତାରିଖ ଦିନ ଖୋଲା ରହିବ । ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ବୁଥ୍ କରାଯିବ । ଜିଲ୍ଲାରେ ପ୍ରାୟ ଦେଢ଼ଲକ୍ଷ ପିଲାଙ୍କୁ ଏହି ପୋଲିଓ ବୁନ୍ଦା ପ୍ରଦାନ ପାଇଁ ଆକଳନ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଯାୟୀ ଆଗରପଡ଼ାରେ ୬୭ଟି, ବରପଦାରେ ୯୨ଟି, ବାସୁଦେବପୁରରେ ୯୯ଟି, ଭଣ୍ଡାରିପୋଖରୀରେ ୭୭ଟି, ଚାନ୍ଦବାଲିରେ ୧୨୨ଟି, ଧାମନଗରରେ ୯୪ଟି, ତିହିଡ଼ିରେ ୧୦୦ଟି, ପି.ପି.ସି. ରେ ୫୦ଟି ଏହିପରି ସମୁଦାୟ ୭୦୧ଟି ବୁଥ୍ ଖୋଲାଯିବ । ଏଥିପାଇଁ ସମୁଦାୟ ୨,୮୦୪ ଜଣ ଟୀକା ପ୍ରଦାନ କାର୍ଯ୍ୟରେ ନିୟୋଜିତ ହେବେ । ପ୍ରତି ବୁଥ୍‌ରେ ୪ ଜଣ ଲେଖାଏଁ ରହିବେ । ୨୩ ତାରିଖରେ ପୋଲିଓ ବୁନ୍ଦା ନେଇ ନପାରିଥିବା ବଳକା ପିଲାଙ୍କୁ ଜାନୁୟାରୀ ୨୪ ଓ ୨୫ ତାରିଖ ସୋମ ଓ ମଙ୍ଗଳବାର ଦିନ ଘର ଘର ବୁଲି ଦିଆଯିବ । ଏଥିପାଇଁ ୨ଜଣିଆ ଦଳ କରାଯିବ ଏବଂ ସମୁଦାୟ ୧,୪୦୨ଟି ଟିମ୍ ଏଥିପାଇଁ କାମ କରିବେ । ଶ୍ରୀମତୀ ଗାଏନ୍ ବୈଠକରେ ଏହି କାର୍ଯ୍ୟକ୍ରମ ନେଇ ଉପସ୍ଥାପନା ରଖିଥିଲେ । ରୋଗାକ୍ରାନ୍ତ ପିଲାଙ୍କୁ ଏହି ବୁନ୍ଦା ଦିଆ ନଯିବା ପାଇଁ ସେ ପରାମର୍ଶ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo